

ସର୍ବଦା ପ୍ରାର୍ଥନା କର, ଯେପରି ତୁମ ଶରୀରର ମୃତ୍ୟୁ ପୂର୍ବରୁ ତୁମ ଭିତରେ ଥିବା ଦୁର୍ଗୁଣଗୁଡ଼ିକର ମୃତ୍ୟୁ ହୋଇଯାଉ।
- ଫ୍ରାଙ୍କଲିନ୍



## ସଂକ୍ଷେପରେ

### ପିସି କାରବାର ଅଭିଯୋଗ ସମ୍ପର୍କରେ ସ୍ପଷ୍ଟ ରଖିଲେ ଅଧକ୍ଷ

**କଳିଙ୍ଗନଗର, ୧୭।୩(ଡି.ଏନ୍.ଏ.):** ଦାନଗଦୀ ପଞ୍ଚାୟତ ସମିତି ଅଧୀନ ଉଚବାଲି ପଞ୍ଚାୟତ ବିଜେଡି ସଭାପତି ଉଗ୍ରସେନ ସାହୁ ଗତ ଶୁକ୍ରବାର ଦାନଗଦୀ ଅଧକ୍ଷା ୩୦ଲକ୍ଷ ଟଙ୍କାର କାମ ପାଇଁ ୩ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ ସେ ଅଧକ୍ଷାଙ୍କ ପ୍ରତିନିଧି ହଳଧର ନାୟକଙ୍କୁ ଟଙ୍କା ଦେଇଥିବା ବିଧାୟକଙ୍କ ନିକଟରେ ଅଭିଯୋଗ କରଛନ୍ତି। ଏହାକୁ ବିରୋଧ କରି ରବିବାର ଅଧକ୍ଷା ଲୋପା ମୁଦ୍ରା ନାୟକ ଗଣମାଧ୍ୟମକୁ ଏକ ପ୍ରେସ୍ ଇସ୍ତାହାରରେ ସେ ଜଣେ ମହିଳା ହୋଇଥିବାରୁ ତାଙ୍କୁ ମାନସିକ ନିର୍ଯାତନା ଦିଆଯାଉଛି। ସୁକିନ୍ଦା ବିଧାୟକ ତାଙ୍କୁ ରବର ଷ୍ଟାମ୍ପ ପରି ବ୍ୟବହାର କରୁଛନ୍ତି। ବେଆଇନ ଭାବେ ବିଧାୟକଙ୍କ ହାତ ଲେଖା ଚିଠା ଦେଇ କିଛି ଠିକାଦାରଙ୍କୁ ସରକାରୀ ଗାଇଡ ଲାଇନକୁ ଅଣ ଦେଖା କରି ଡି.ଏମ୍.ଏଫ. ଓ ଅନ୍ୟାନ କାର୍ଯ୍ୟରେ ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆଯାଉଛି। ଅପରପକ୍ଷେ ବ୍ଲକରେ ହେଉଥିବା ଉନ୍ନତି ମୂଳକ କାର୍ଯ୍ୟର ଶିଳାନ୍ୟାସଗୁଡ଼ିକରେ ବିଧାୟକଙ୍କ ବ୍ୟତିତ ଅନ୍ୟ କାହାର ନାମ ରଖା ଯାଉ ନାହିଁ। ଏ ନେଇ ଜନ ପ୍ରତିନିଧିମାନେ ତାଙ୍କ ଠାରୁ ଦୁରେଇ ଜିବା ସମୟରେ ବିଧାୟକ ତାଙ୍କୁ ବିଭିନ୍ନ ଆଳ ନେଇ ହଇରାଣ ହରକତ କରୁଥିବା ଅଧକ୍ଷା ଅଭିଯୋଗ କରିଛନ୍ତି। ଏହାର ଉପଯୁକ୍ତ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି ଜଣାଇଥିବା ସେ କହିଛନ୍ତି। ଅପରପକ୍ଷେ ଅଭିଯୋଗ ହେଇଥିବା ଠିକା କାର୍ଯ୍ୟ ସରି ନ ଥିବା ବେଳେ ଠିକାଦାର କାହିଁକି ତାଙ୍କୁ ଲାଞ୍ଚଦେବେ ବୋଲି ସେ ପ୍ରଶ୍ନ କରିଛନ୍ତି। ତେବେ ତାଙ୍କ ବିରୋଧରେ ହୋଇଥିବା ଅଭିଯୋର ଯାଞ୍ଚ କରାଯାଉ ବୋଲି ଲୋପା କହିଛନ୍ତି। ଏନେଇ ବିଧାୟକଙ୍କ ମତାମତ ମିଳି ପାରି ନାହିଁ।

### ଭାଜପା ମଣ୍ଡଳ ଉପସଭାପତିଙ୍କ ପରଲୋକ

**ଯାଜପୁରରୋଡ, ୧୭।୩(ନି.ପ୍ର.):** ବ୍ୟାସଦେବ ଭାଜପା ମଣ୍ଡଳ ଉପସଭାପତି ତାରିଣୀ ପ୍ରସାଦ ମହାନ୍ତିଙ୍କର ଗୁରୁବାର ହୃଦ୍‌ଘାତରେ ପରଲୋକ ହୋଇଛି। ସେ ଯାଜପୁରରୋଡସ୍ଥିତ ପୂଜା ସାମଗ୍ରୀ ଦୋକାନରେ କାର୍ଯ୍ୟରତ ଥିବାବେଳେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ସ୍ଥାନୀୟ ବ୍ୟବସାୟୀ ତାଙ୍କୁ ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଛାତ୍ର ଜୀବନରୁ ରାଜନୀତି ଆରମ୍ଭ କରିଥିଲେ। ବ୍ୟାସଦେବ ମଣ୍ଡଳ ସଭାପତି ନିତ୍ୟାନନ୍ଦ ମହାଳିକ ତାଙ୍କୁ ରାଜନୈତିକ ଗୁରୁ ଭାବେ ମାନୁଥିଲେ। ସ୍ୱର୍ଗତ ମହାନ୍ତିଙ୍କ ଘର କୋରେଇ ବ୍ଲକ ଅନ୍ତର୍ଗତ ହଳଦୀଗଡ଼ିଆ ହୋଇଥିବାବେଳେ ସେ ୪୦ବର୍ଷ ଧରି ବ୍ୟାସନଗର ସହରରେ ରହୁଥିଲେ। ତାଙ୍କ ମୃତ୍ୟୁ ଖବରପାଇ ବରିଷ୍ଠ ଭାଜପା ନେତ୍ରୀ ସଞ୍ଚିତା ମହାନ୍ତି, ନିତ୍ୟାନନ୍ଦ ମହାଳିକ, ଚନ୍ଦ୍ରଶେଖର ପଣ୍ଡା, ସରୋଜ କୁମାର ଦେ, ଅସିତ କୁମାର ଦାସ, ଯଶୋବନ୍ତ ଜିନ୍ଦଲ, ସାଧାରଣ ସମ୍ପାଦକ ଗୁଣନିଧି ଗୁରୁ, ନିରଞ୍ଜନ ପାଣିଗ୍ରାହୀ, ଶିବଶଙ୍କର ମହାନ୍ତି, କୁଅଁର ହେମ୍ବ୍ରମ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

■ ଚେଟିନାଡ ସିମେଣ୍ଟ କାରଖାନା ପାଇଁ ଜନଶୁଣାଣିକୁ ପୂରିଲା ୧୧ ଦିନ

# ସାର୍ବଜନୀନ ହେଉନାହିଁ ରିପୋର୍ଟ

**ଯାଜପୁର ଅଫିସ, ୧୭।୩**



■ ଏସ୍‌ପିସିବି, କମ୍ପାନୀଙ୍କ ମଧୁଚନ୍ଦ୍ରିକା ସନ୍ଦେହ

■ ସଦସ୍ୟ ସଚିବଙ୍କ ଦୃଷ୍ଟି ଆକର୍ଷଣ କଲେ ଅଞ୍ଚଳବାସୀ

ଚେଟିନାଡ ସିମେଣ୍ଟ କର୍ପୋରେଶନ ପ୍ରାଇଭେଟ ଲିଃ କାରଖାନା ପ୍ରତିଷ୍ଠା ପାଇଁ ଜନଶୁଣାଣିକୁ ବିରୋଧ ହେବାର ୧୧ଦିନ ବିତିଯାଇଛି। ହେଲେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ(ଏସପିସିବି) ପକ୍ଷରୁ ଏଯାଏ ଜନଶୁଣାଣି ରିପୋର୍ଟକୁ ସର୍ବସାଧାରଣରେ ସାର୍ବଜନୀନ କରାଯାଇ ନାହିଁ। ଏଥିରୁ ଏସ୍‌ପିସିବିର ଆଭିମୁଖ୍ୟ ଉପରେ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି। ଏହି ମର୍ମରେ ଏସପିସିବିର ସଦସ୍ୟ ସଚିବ ଓ ସିଆ (ଷ୍ଟେଟ ଏନଭାଇରନ୍‌ମେଣ୍ଟ ଇମ୍ପାକ୍ଟ ଆସେସମେଣ୍ଟ) କର୍ତ୍ତୃପକ୍ଷଙ୍କୁ ଏକ ୪ଦଫା ସମ୍ବଳିତ ସ୍ମାରକପତ୍ର ପ୍ରେରଣ କରାଯାଇଛି। ଅନ୍ୟପକ୍ଷରେ ଜନଶୁଣାଣିରେ କାରଖାନାକୁ ଲୋକେ ଖୋଲାଖୋଲି ବିରୋଧ କରିଥିଲେ ହେଁ କମ୍ପାନୀ କର୍ତ୍ତୃପକ୍ଷ ପ୍ରସ୍ତାବିତ ଜମିରେ ପାଚେରି ନିର୍ମାଣ କରିବାକୁ ଯୋଜନା କରୁଥିବା ଚର୍ଚ୍ଚା ହେଉଛି। ଏହାକୁ ଅଞ୍ଚଳବାସୀ ସମ୍ପୂର୍ଣ୍ଣ ବିରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି। ଯାଜପୁର ଜିଲା କଳିଙ୍ଗନଗରରେ ନବେ ଦଶକରୁ ଶିଳ୍ପାୟନ ପ୍ରକ୍ରିୟା ଆରମ୍ଭ ହେବା ପରଠାରୁ ସ୍ଥାନୀୟ ଲୋକଙ୍କ ନିଯୁକ୍ତି ଓ ବିସ୍ଥାପନ ଦାବି ଅସମାହିତ ହୋଇ ରହିଆସିଛି। ଫଳରେ ଅଞ୍ଚଳବାସୀ ଆଉ କାରଖାନା ପ୍ରତିଷ୍ଠା ଉପରେ ଭରସା ରଖି ପାରୁନାହାନ୍ତି। ଜନଶୁଣାଣିରେ ଗଦାଗଦା ପ୍ରତିଶ୍ରୁତି ଦେଇ ଲୋକଙ୍କୁ ଭୁଆଁ ବୁଲାଇ ବିଭିନ୍ନ କାରଖାନା ପ୍ରତିଷ୍ଠା ହୋଇଛି। ମାତ୍ର କ୍ଷତିଗ୍ରସ୍ତ ଓ ପ୍ରଭାବିତ ଲୋକଙ୍କ ନିଯୁକ୍ତି, ଥଇଥାନ, ଜମି କ୍ଷତିପୂରଣ, ପାରିପାର୍ଶ୍ୱିକ ଉନ୍ନୟନକୁ ବହୁ କ୍ଷେତ୍ରରେ ଉପେକ୍ଷା କରାଯାଇଛି। ଯଖପୁରା ମୌଜାରେ ଚେଟିନାଡ ସିମେଣ୍ଟ କର୍ପୋରେଶନ ପ୍ରାଇଭେଟ ଲିଃ କାରଖାନା ପ୍ରତିଷ୍ଠା ଯୋଜନା ଅଯୌକ୍ତିକ ବୋଲି ଗତ ୬।୩।୨୦୧୯ରେ ଦାନଗଦୀ ଭବନରେ ଏସ୍‌ପିସିବି ପକ୍ଷରୁ ଆୟୋଜିତ ଜନଶୁଣାଣିରେ ଲୋକେ ମତବ୍ୟକ୍ତ କରିଛନ୍ତି। ପ୍ରାୟ ୬୦୦ଲୋକ ଲିଖିତ ଓ ୪୩ଜଣ ତାଙ୍କ ମତ ଉପସ୍ଥାପନ କରିଥିବା ସତ୍ତ୍ୱେ କାରଖାନା ପ୍ରତିଷ୍ଠା ହେଲେ ଭୟାବହ ଆନ୍ଦୋଳନ ସହ ଦ୍ୱିତୀୟ କଳିଙ୍ଗନଗର ଗୁଳିକାଣ୍ଡ ହେବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଥିଲେ। ଏହାସହ ଜନଶୁଣାଣିର ଫଳାଫଳ ୮ଦିନ ମଧ୍ୟରେ ପ୍ରକାଶ କରିବାକୁ ଆଇନଗତ ଭାବେ ନିୟମ ରହିଥିଲେ ହେଁ ୧୧ଦିନ ପରେ ବି ଏସ୍‌ପିସିବି ୱେବସାଇଟରେ ତାହା ପ୍ରକାଶ ପାଇନାହିଁ। ତେଣୁ ଗତ ୧୫ରେ ଅଞ୍ଚଳବାସୀ ଏନେଇ ଏସପିସିବିର ସଦସ୍ୟ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଭଳି ଜନଶୁଣାଣିରେ ଅନେକ ଅନିୟମିତତା ହୋଇଥିବାରୁ ତାକୁ ଖାରଜ କରିବାକୁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି। ଜନଶୁଣାଣି ନିୟମ ଅନୁସାରେ ପାରା ୬.୪, ୬.୫, ୭ ଓ ୬.୬କୁ ସମ୍ପୂର୍ଣ୍ଣ ଭାବେ ଉଲ୍ଲଂଘନ କରାଯାଇଛି। ଏହି ନିୟମ ଅନୁସାରେ ଜନଶୁଣାଣିର ପ୍ରୋସିଡିଂକୁ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ ସମେତ ଜିଲାପରିଷଦ, ଜିଲାପାଳଙ୍କ କାର୍ଯ୍ୟାଳୟ, ଡେପୁଟୀ କମିଶନର ଓ ଏସ୍‌ପିସିବିର ୱେବସାଇଟରେ ଏଯାଏ ସାର୍ବଜନୀନ ହୋଇନାହିଁ। ତେଣୁ ଅଞ୍ଚଳବାସୀ ଜନଶୁଣାଣିରେ ଫିକ୍ସିଂ ହୋଇଥିବା ସନ୍ଦେହ କରୁଛନ୍ତି। ଏଥିରେ ଏସ୍‌ପିସିବି ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଏକ ବଡଧରଣର ଆର୍ଥିକ କାରବାର ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି। ଯାଜପୁର ଜିଲା ଦାନଗଦି ତହସିଲ ଯଖପୁରା ମୌଜାର ଖାତା ନମ୍ବର ୪୧୯ରେ ପ୍ରତିଷ୍ଠା ହେବାକୁ ଯାଉଥିବା ଚେଟିନାଡ ସିମେଣ୍ଟ ପ୍ରକଳ୍ପର ଜମି ଝାଟି ଜଙ୍ଗଲ, ଶାଳ ଜଙ୍ଗଲ ଓ ଶାଳୁଆ ଜଙ୍ଗଲ ବୋଲି ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟରୁ ସ୍ପଷ୍ଟ ହୋଇଛି। ଯଦ୍ୱାରା ଜଙ୍ଗଲ ଜମିରେ ସିମେଣ୍ଟ କମ୍ପାନୀ ପ୍ରତିଷ୍ଠା ଅନୁମତିକୁ ସାଧାରଣରେ ବିରୋଧ କରାଯାଇଛି। ଏହି ତହସିଲ ଅନ୍ତର୍ଗତ ଯଖପୁରା ଗ୍ରାମରେ ବର୍ଷକୁ ୨X୧.୦ ମିଲିୟନ ଟନ ପୋର୍ଟଲ୍ୟାଣ୍ଡ ପୋଯୋଲୋନା ସିମେଣ୍ଟ(ପପିସି), ପୋର୍ଟଲ୍ୟାଣ୍ଡ ସ୍ଲାଗ ସିମେଣ୍ଟ(ପିଏସସି), ଓପିସି ଏବଂ ଭୂମିଷ୍ଠ ବ୍ଲାଷ୍ଟ ଫର୍ନାସ ସ୍ଲାଗର ଉତ୍ପାଦନ କରିବ ବୋଲି ପ୍ରସ୍ତାବ ରହିଛି। ତେବେ ଏ ସଂକ୍ରାନ୍ତରେ ଏସପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ସେ କେବଳ ଜନଶୁଣାଣିକୁ ପରିଚାଳନା କରିଥାନ୍ତି। ରିପୋର୍ଟ ପଠାଇବା ପରେ କମିଟି ଫଳାଫଳ ୱେବସାଇଟରେ ପ୍ରଦର୍ଶନ କରିବେ। ଫଳାଫଳ କ'ଣ ହେବ ସେଥିପାଇଁ କମିଟି ହିଁ ନିଷ୍ପତ୍ତି ନେବ। ତେବେ ଖୁବଶୀଘ୍ର ଜନଶୁଣାଣିର ଫଳାଫଳ ପ୍ରକାଶ ପାଇବ ବୋଲି ସେ କହିଛନ୍ତି। ତେବେ ଆଞ୍ଚଳିକ ଅଧିକାରୀଙ୍କ କଥାରେ ଜନଶୁଣାଣି ଫଳାଫଳକୁ ନେଇ ଆଶଙ୍କାରେ ରହିଥିବା ମନେ ହୋଇଥିଲା।

ଥାନାଧିକାରୀଙ୍କ ନାଁରେ ଫେକ୍ ଆଇଡି ଖୋଲି ଅଶ୍ଳୀଳ ମନ୍ତବ୍ୟ ଦେବା ଅଭିଯୋଗ

### ଶ୍ରମିକ ନେତା କୋର୍ଟଚାଲାଣ

**କୋରେଇ, ୧୭।୩(ସ୍ୱ.ପ୍ର.)**

ଥାନାଧିକାରୀଙ୍କ ସମେତ ପ୍ରଶାସନିକ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି, ଉଚ୍ଚପଦସ୍ଥ ପୋଲିସ ଅଧିକାରୀ, କଳକାରଖାନା ଅଧିକାରୀଙ୍କ ନାଁରେ ଫେକ୍ ଆଇଡି ଖୋଲି ସୋସିଆଲ ମିଡିଆରେ ଅଶ୍ଳୀଳ ମନ୍ତବ୍ୟ ପୋଷ୍ଟ କରି ଭାଇରାଲ କରିବା ଅଭିଯୋଗରେ ପାଣିକୋଇଲି ପୋଲିସ ଶୁକ୍ରବାର ଶ୍ରମିକ ନେତାଙ୍କୁ କୋର୍ଟଚାଲାଣ କରିଛି। ସେ ହେଲେ କଳିଙ୍ଗନଗର ଶ୍ରମିକ ସଂଘ ସମ୍ପାଦକ ପ୍ରତାପ କୁମାର ଜେନା (୪୫)। ଏ ନେଇ ପୂର୍ବରୁ ପୋଲିସ ଦୁଇଟି ମାମଲା (ନଂ.୪୧,୪୨/୧୯) ରୁଜୁ କରି ତଦନ୍ତ ଜାରି ରଖିଥିଲା। ପୂର୍ବରୁ ତାଙ୍କ ନାମରେ ଜଖପୁରା ଥାନାରେ ୧୧/୧୫, ଯାଜପୁରରୋଡ ଥାନାରେ ୪୨୭/୧୩, କଳିଙ୍ଗନଗର ଥାନାରେ ୧୨୫/୦୮, କଟକ ସାଇବର ଥାନାରେ ୭/୧, ପାଣିକୋଇଲି ଥାନାରେ ୧୭୨/୧୮ ମାମଲା ଥିବା ପୋଲିସ ସୂତ୍ରରୁ ପ୍ରକାଶ। ପାଣିକୋଇଲି ଥାନାଧିକାରୀ ଅଜୟ କୁମାର ଜେନାଙ୍କ ନାମରେ ଏକ ଫେକ ଆଇଡି ଖୋଲି ଅଶ୍ଳୀଳ ଭାଷା ପ୍ରୟୋଗ କରିବା ଏବଂ ଯାଜପୁରରୋଡର ପୂର୍ବତନ ଥାନାଧିକାରୀ ଅମିତାଭ ମହାପାତ୍ରଙ୍କ ନାମରେ ଅଶ୍ଳୀଳ ଭିଡ଼ିଓ ଭାଇରାଲ କରିବା ଅଭିଯୋଗରେ ଗତ ୨୩ ତାରିଖରେ ପ୍ରତାପ କୋର୍ଟଚାଲାଣ ହୋଇଥିଲେ।

■ ବିଞ୍ଝାରପୁରରେ ଦୋଳଯାତ୍ରା ଆରମ୍ଭ

## ଚଉପାଢ଼ିରେ ବିଜେ ହେଲେ ପ୍ରଭୁ ନନ୍ଦଲାଲ

**ବିଞ୍ଝାରପୁର, ୧୭।୩(ଡି.ଏନ.ଏ)**



ପର୍ବ ପର୍ବାଣିକୁ ନେଇ ଓଡ଼ିଆ ଜାତି ସମଗ୍ର ବିଶ୍ୱରେ ପରିଚୟ ଲାଭ କରିଛି। ବାର ମାସରେ ତେର ପରବକୁ ନେଇ ଓଡିଆ ସଂସ୍କୃତି ଆଜି ବେଶ ସମୃଦ୍ଧ। ଫଗୁଣ ମାସର ଦୋଳଯାତ୍ରା ଓଡ଼ିଆ ସଂସ୍କୃତିର ଏକ ଅନନ୍ୟ ପରମ୍ପରା। ବିଞ୍ଝାରପୁର ଅଞ୍ଚଳରେ ଦୋଳଯାତ୍ରା ଘରେ ଘରେ ଦେଖିବାକୁ ମିଳେ। ଫଗୁଣ ମାସର ଦଶମୀ ତିଥିରେ ମାଁସଡା ଗ୍ରାମର ପ୍ରସିଦ୍ଧ ପ୍ରଭୁ ନନ୍ଦଲାଲ କୋନୁନ୍‌ଗୋ ସାହି ଚଉପାଢୀକୁ ବିଜେ ହେବା ପରେ ଆନୁଷ୍ଠାନିକ ଭାବେ ଅଞ୍ଚଳରେ ଦୋଳଯାତ୍ରା ଆରମ୍ଭ ହୋଇଛି। ପ୍ରଭୁ ନନ୍ଦଲାଲ ଅତୀତରେ ନନ୍ଦିପୁର ଅଞ୍ଚଳରୁ ପ୍ରତିବର୍ଷ ଦୋଳ ସମୟରେ ଫଗୁଦଶମୀ ସନ୍ଧ୍ୟାରେ କାନୁନ୍‌ଗୋ ସାହିକୁ ଆସିଥାନ୍ତି। ହେଲେ ୨ଶହ ବର୍ଷରୁ ଉର୍ଦ୍ଧ୍ୱ ହେବ ପ୍ରଭୁ ନନ୍ଦଲାଲ ମାଁସଡାଠାରେ ସ୍ଥାୟୀ ଭାବେ ଅବସ୍ଥାପିତ ହୋଇଛନ୍ତି। ସୂଚନା ଅନୁଯାୟୀ, ମାଁସଡାର ଜମିଦାର ବାଳମୁକୁନ୍ଦ କାନୁନ୍‌ଗୋଙ୍କ ସମୟରେ ନନ୍ଦଲାଲ ସ୍ଥାୟୀ ଭାବେ ଏଠାରେ ପ୍ରତିଷ୍ଠା ହୋଇଛନ୍ତି ବୋଲି ଗ୍ରାମବାସୀ ସୂଚନା ଦେଇଛନ୍ତି। କାନୁନ୍‌ଗୋ ସାହିର ଇଷ୍ଟ ଦେବତା ପ୍ରଭୁ ଶ୍ୟାମସୁନ୍ଦର ଓ ବ୍ରଜମୋହନ ଜୀଉ ମଧ୍ୟ ଦୋଳ ଅବସରରେ ଅବସ୍ଥାପିତ ହୋଇଛନ୍ତି। ଦୋଳ ପୂର୍ଣ୍ଣିମା ଦିନ ଭୋର ସମୟରେ ଅଞ୍ଚଳର ବହୁ ରାଧାକୃଷ୍ଣ ମୂର୍ତ୍ତି ବିଭିନ୍ନ ନାମରେ ହୋରି ଖେଳିବା ପାଇଁ ଓ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବା ପାଇଁ କାନୁନ୍‌ଗୋ ସାହି ମେଳଣ ଦାଣ୍ଡରେ ଅବସ୍ଥାନ କରନ୍ତି। ପ୍ରଭୁ ନନ୍ଦଲାଲଙ୍କ ପୂଜକ ରବିନାରାୟଣ ଦାଶ କୁହନ୍ତି ଯେ, ଆମ ୫ପୁରୁଷ ହେବ ପରମ୍ପରା ସହ ଏଠାରେ ଦୋଳଯାତ୍ରା ଅନୁଷ୍ଠିତ ହେଉଛି। ବିଞ୍ଝାରପୁର ଅଞ୍ଚଳର କପିଳା, ଜଗନ୍ନାଥପୁର, ମଲ୍ଲିପୁର, ବେଲପାଳ, ପଟଣାସାହି, ମଣିକଛକ ରଣପୁର, ସାମେଶ୍ୱର, କଲ୍ୟାଣପୁର, ପ୍ରୀତିପୁର, ବରୀକୂଳ ଆଦି ୫୦ରୁ ଉର୍ଦ୍ଧ୍ୱ ସ୍ଥାନରେ ମେଳଣ ଅନୁଷ୍ଠିତ ହେଉଛି। ମେଳଣରେ ଅଞ୍ଚଳର ପ୍ରସିଦ୍ଧ ରାଧାକୃଷ୍ଣ ମୂର୍ତ୍ତି ବିଭିନ୍ନ ନାମରେ ଆସି ମେଳଣ ପଡିଆରେ ଅବସ୍ଥାପିତ ହୁଅନ୍ତି। ଏଥିସହିତ ରାଧାକୃଷ୍ଣ ଯୁଗଳ ମୂର୍ତ୍ତିକୁ ମେଳଣ ପଡିଆକୁ ପରମ୍ପରା ସହ ଶୋଭାଯାତ୍ରା ଆଣାଯାଇଥାଏ। ଏହି ଶୋଭାଯାତ୍ରାରେ ପ୍ରାଚୀନ ଓଡ଼ିଆ କଳା ଭାବେ ପରିଚିତ ଘୋଡାନାଚ, କେଳା କେଲୁଣୀ ନାଚ, ଷଣ୍ଢ ଲଢେଇ, ସାପନାଚ, କାଠିନାଚ ଆଦି ଦେଖିବାକୁ ମିଳିଥାଏ। ମେଳଣ ପଡିଆରେ ଠାକୁରଙ୍କୁ ଦର୍ଶନ କରିବାକୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଆଗମନ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥାଏ। ପରେ ରଙ୍ଗ ବେରଙ୍ଗର ଅଭିର ଖେଳରେ ଶେଷ ହୋଇଥାଏ ଏହି ମେଳଣ। ବିଞ୍ଝାରପୁର ଅଞ୍ଚଳରେ ୧୫ଦିନ ବ୍ୟାପି ବିଭିନ୍ନ ସ୍ଥାନରେ ମେଳଣ ଅନୁଷ୍ଠିତ ହେଉଥିବାରୁ ଏବେଠାରୁ ଅଞ୍ଚଳଟି ଉତ୍ସବମୁଖର ହୋଇପଡିଛି।

### ମଦ ଜବତ, ଜଣେ ଗିରଫ

**କାଳିଆପାଣି, ୧୭।୩(ଡି.ଏନ୍.ଏ.)**

କାଳିଆପାଣି ପୋଲିସ ରବିବାର ବେଆଇନ ମଦ ବ୍ୟବସାୟ ଅଭିଯୋଗରେ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ କାଳିଆପାଣି ଥାନା ଅନ୍ତର୍ଗତ ରଗଡ଼ିସାହି ଗ୍ରାମର ଦରୁଆପଦି ବେହେରା(୪୮)। ପ୍ରକାଶ ଯେ, ଦରୁଆପଦି ଗ୍ରାମରେ ବେଆଇନଭାବେ ମଦ ବ୍ୟବସାୟ କରୁଥିବା ପୋଲିସ ଖବର ପାଇ ତାଙ୍କୁ ଗିରଫ କରିବା ସହ ୧୦ ଲିଟର ଦେଶୀ ମଦ ଜବତ କରିଥିଲା। ଏ ନେଇ ପୋଲିସ ଏକ ମାମଲା (୨୭/୧୯) ରୁଜୁ କରିଥିବା ଜଣାପଡିଛି। ଥାନା ଅଧିକାରୀ ରମାକାନ୍ତ ମୁଦୁଲୀଙ୍କ ନେତୃତ୍ୱରେ ବିଜୟ କୁମାର ସାହୁଙ୍କ ସମେତ ଅନ୍ୟକର୍ମଚାରୀ ଚଢାଉରେ ସାମିଲ ହୋଇଥିଲେ।

■ କାଏମା ପ୍ରିମିୟର ଲିଗ୍ କ୍ରିକେଟ

## ବମ୍ଫୁକୁ ହରାଇ ପଟୁଣିଆ ଚାମ୍ପିୟନ

**ଧର୍ମଶାଳା, ୧୭।୩(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ କାଏମା ନେତାଜୀ ସ୍ପୋର୍ଟିଂ ଆନୁକୂଲ୍ୟରେ ଚାଲିଥିବା କାଏମା ପ୍ରିମିୟର ଲିଗ୍ କ୍ରିକେଟର ଫାଇନାଲ ମ୍ୟାଚ୍‌ରେ ରବିବାର ବମ୍ଫୁ ଦଳକୁ ଏକ ଉଇକେଟରେ ପରାସ୍ତ କରି ପଟୁଣିଆ ଚଳିତ ବର୍ଷର ଚାମ୍ପିୟନ ହୋଇଛି। ପ୍ରଥମେ ବମ୍ଫୁ ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରୁ ୧୯.୩ ଓଭର୍‌ରେ ସମସ୍ତ ଉଇକେଟ ହରାଇ ୧୩୫ ରନ୍ କରିଥିଲା। ଦଳ ପକ୍ଷରୁ ଦିବ୍ୟରଞ୍ଜନ ୨୬ ରନ କରିଥିଲାବେଳେ ବିପକ୍ଷଦଳର ପବିତ୍ର ନାୟକ ୪ଟି ଉଇକେଟ ନେଇଥିଲେ। ଜବାବରେ ପଟୁଣିଆ ଦଳ ୧୭.୩ ଓଭର୍‌ରେ ୯ ଉଇକେଟରେ ହରାଇ ବିଜୟୀ ହୋଇଥିଲା। ଦଳପକ୍ଷରୁ ରଞ୍ଜିତ ଓଝା ୪୭ରନ୍ କରିଥିବାବେଳେ ବିପକ୍ଷ ଦଳର ଆର.କେ.ପାଣ୍ଡେ ୩ଟି ଉଇକେଟ ନେଇଥିଲେ। ଶ୍ରୀଧର ପାଳ ଓ ମନୋଜ ବାରିକ ଖେଳ ପରିଚାଳନା କରିଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପବିତ୍ର ନାୟକ ଓ ଆର. ରାୟଙ୍କୁ ମ୍ୟାନ ଅଫ୍ ଦି ସିରିଜ ବିବେଚିତ କରାଯାଇଛି। ଉଦ୍‌ଯାପନୀ ଉତ୍ସବରେ ଧର୍ମଶାଳା ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ଜଳଧର ମହାନ୍ତି ଓ କେଡିଏମ୍ ଉପାଧ୍ୟକ୍ଷ ରଶ୍ମୀ ରଞ୍ଜନ ରାୟ ଅତିଥିଭାବେ ଯୋଗଦେଇ ବିଜୟୀ ଦଳକୁ ଚାମ୍ପିୟନ ଟ୍ରଫି ସହ ନଗଦ ଅର୍ଥ ଓ ବମ୍ଫୁ ଦଳକୁ ରନର୍ସଅପ୍ ଟ୍ରଫି ସହ ନଗଦ ଅର୍ଥ ପ୍ରଦାନ କରିଥିଲେ। କ୍ଲବ ସମ୍ପାଦକ ନିକୁଞ୍ଜ ବେହେରା ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

## ଆଚରଣ ବିଧି ପରେ ବି ଝୁଲୁଛି ନେତାଙ୍କ ହୋର୍ଡିଂ

**ଚଣ୍ଡିଖୋଲ, ୧୭।୩(ଡି.ଏନ୍.ଏ.)**

ସାଧାରଣ ନିର୍ବାଚନ ପାଇଁ ସାରା ରାଜ୍ୟରେ ଆର୍ଦଶ ଆଚରଣ ବିଧି ଲାଗୁ ହୋଇଛି। ଏହି କ୍ରମରେ ପ୍ରଶାସନ ପକ୍ଷରୁ ସର୍ବସାଧାରଣ ସ୍ଥାନରେ ଲାଗିଥିବା ବିଭିନ୍ନ ଦଳୀୟ ବ୍ୟାନର ଓ ହୋଡ଼ିଂକୁ ଅପସାରଣ କରାଯାଇଛି। ମାତ୍ର ଯାଜପୁର ଜିଲା ଚଣ୍ଡିଖୋଲ ଛକର ଟ୍ରାଫିକ ପଏଣ୍ଟ ଓ ବୁଦ୍ଧ ମୂର୍ତ୍ତି ନିକଟରେ ଥିବା ଏକ ଉଚ୍ଚା ଘରର ଛାତ ଉପରେ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ଓ ମୁଖ୍ୟମନ୍ତ୍ରୀଙ୍କ ଫଟୋଚିତ୍ର ଥାଇ ଦୁଇଟି ବିରାଟ ହୋଡିଂ ଏବେ ବି ଲାଗିରହିଛି। ଚଳିତ ମାସ ୧୦ତାରିଖ ପରେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ଯାଜପୁର ଜିଲାପାଳ ଓ ପୋଲିସ ପ୍ରଶାସନ ଦ୍ୱାରା ବିଭିନ୍ନ ଯାଗାରୁ ହୋଡିଂ ହଟାଯାଇଥିବାବେଳେ ଚଣ୍ଡିଖୋଲରେ ଧର୍ମଶାଳା ବିଧାୟକଙ୍କର ହୋଡିଂ ଲାଗି ରହିବା ସାଧାରଣରେ ଅନେକ ପ୍ରଶ୍ନସୃଷ୍ଟି କରିଛି।

## ଗହଣା ଲୁଟି ଖସି ପଳାଇଲେ ଦୁର୍ବୃତ୍ତ

**ଚଣ୍ଡିଖୋଲ, ୧୭।୩(ଡି.ଏନ୍.ଏ.)**

ଚଣ୍ଡିଖୋଲସ୍ଥିତ ମିଡ୍‌ଇଷ୍ଟ ହୋଟେଲ ପାର୍ଶ୍ୱ ମହାଲକ୍ଷ୍ମୀ ଜୁଏଲସ୍‌ରୁ ଶନିବାର ସନ୍ଧ୍ୟାରେ ଲୁଟ୍ ହୋଇଛି। ଜନ ଗହଳିର ସୁଯୋଗ ନେଇ ଦୁଇ ଜଣ ଦୁର୍ବୃତ୍ତ ୬୫ ଗ୍ରାମ ଓଜନର ସୁନା ଗହଣା ଲୁଟି ନେଇଛନ୍ତି। ଯାହାର ମୂଲ୍ୟ ପାଖାପାଖି ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ଦୋକାନ ମାଲିକ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (୪୯/୧୯) ରୁଜୁ କରି ଦୋକାନରେ ଲାଗିଥିବା ସିସିଟିଭି କ୍ୟାମେରା ଯାଞ୍ଚ କରି ତଦନ୍ତ ଚଳାଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ପୋଲିସ ଲୁଟେରାଙ୍କ ସମ୍ପର୍କରେ କୌଣସି ସୁରାଗ ପାଇପାରି ନ ଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଶନିବାର ସନ୍ଧ୍ୟାରେ ବେଶ ଜନଗହଳୀ ଲାଗି ରହିଥିବା ବେଳେ ଦୁଇ ଜଣ ଦୁର୍ବୃର୍ତ୍ତ ଉକ୍ତ ଦୋକାନକୁ ଆସିଥିଲେ। ଦୁଇ ମହଲା ଉପରେ ଥିବା ସୁନା ଦୋକାନକୁ ଗହଣା କିଣିବା ପାଇଁ ଗ୍ରାହକ ବାହାନାରେ ଜଣେ ଦୁର୍ବୃର୍ତ୍ତ ଉଠିଥିବାବଳେ ଅନ୍ୟଜଣେ ମଟର ସାଇକେଲରେ ତଳେ ବସି ରହିଥିଲା। ଉପରକୁ ଯାଇଥିବା ଦୁର୍ବୃତ୍ତ ଜଣଙ୍କ ଗହଣା କଣିବା ପାଇଁ ପ୍ରଥମେ ଦୋକାନ ମାଲିକଙ୍କଠାରୁ ବିଭିନ୍ନ ପ୍ରକାର ଗହଣା ଦେଖିଥିଲେ। ଦୋକାନୀ ଜଣଙ୍କ ଗୋଟଏ ପରେ ଗୋଟିଏ ଗହଣା ଦେଖାଉ ଥିବାବେଳେ ଦୁର୍ବୃତ୍ତ ଜଣଙ୍କ ଏକ ପୁଟୁଳାରେ ଥିବା ୨୦ଟି ସୁନା ମୁଦିକୁ ନିଜ ପକେଟରେ ପୁରାଇ ହଠାତ୍ ଚମ୍ପଟ ମାରିଥିଲେ। ଏହି ସମୟରେ ତଳେ ମଟର ସାଇକେଲ ଷ୍ଟାର୍ଟ କରି ଅପେକ୍ଷା କରିଥିବା ଦୁର୍ବୃତ୍ତଙ୍କ ସହ ବାଇକରେ ବସି ପଳାଇଥିଲେ ବୋଲି ଦୋକାନ ମାଲିକ ଅମୀୟ କୁମାର ମହାରଣା ଚଣ୍ଡିଖୋଲ ଫାଣ୍ଡିରେ ଅଭିଯୋଗ କରିଛନ୍ତି।

■ ବ୍ୟବସାୟୀଙ୍କୁ ହତ୍ୟା ଅଭିଯୋଗ ଘଟଣା

## ପୋତା ମୃତଦେହ ଉଦ୍ଧାର କଲା ପୋଲିସ

**ଦଶରଥପୁର, ୧୭।୩(ଡି.ଏନ୍.ଏ.)**



ମୃତ ଦେହକୁ ଖୋଳାଯାଇ ଉଦ୍ଧାର କରାଯାଉଛି।

ଦଶରଥପୁର ବ୍ଲକ ପାଲଟପୁର ପଞ୍ଚାୟତ ବିନ୍ଧାନନ୍ଦିପୁର ଗ୍ରାମର ଜୟକୃଷ୍ଣ ପରିଡା ନାମକ ବ୍ୟବସାୟୀଙ୍କ ମୃତ୍ୟୁର ୪ଦିନ ପରେ ଶନିବାର ହତ୍ୟା ଅଭିଯୋଗ ହୋଇଥିଲା। ଜୟକୃଷ୍ଣଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ନେଇ ତାଙ୍କ ବଡ଼ଭାଇ ହରେକୃଷ୍ଣ ମଙ୍ଗଳପୁର ଥାନାରେ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ଏକ ମାମଲା (ନଂ. ୫୩/୧୯) ରୁଜୁ କରି ରବିବାର ପୋତା ହୋଇଥିବା ଜୟକୃଷ୍ଣଙ୍କ ମୃତଦେହକୁ ଖୋଳି ବାହାର କରିଛି। ବ୍ୟବଚ୍ଛେଦ ପାଇଁ ମୃତଦେହକୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇ ତଦନ୍ତ ଚଳାଇଛି। ପ୍ରକାଶ ଯେ, ଜୟକୃଷ୍ଣ ଘରଠାରୁ କିଛିବାଟ ଦୂର ଚାଉଳିଆ ପ୍ରାଥମିକ କୃଷି ସମବାୟ କେନ୍ଦ୍ର ନିକଟରେ ତେଜରାତି ଓ ଷ୍ଟେଶନାରୀ ଦୋକାନ କରିଥିଲେ। ଗତ ୧୩ତାରିଖ ବିଳମ୍ବିତ ରାତିରେ ଦୋକାନ ପଛପଟେ ଥିବା ସମବାୟ କେନ୍ଦ୍ର ନିକଟରେ ଜୟକୃଷ୍ଣ ଚେତାଶୂନ୍ୟ ହୋଇ ପଡିଥିବା ସ୍ଥାନୀୟ ଚାଉଳିଆ ଗ୍ରାମର ଜଣେ ଯୁବକ ତାଙ୍କ ପରିବାରକୁ ଖବର ଦେଇଥିଲେ। ପରିବାରଲୋକେ ଜୟକୃଷ୍ଣଙ୍କୁ ଉଦ୍ଧାର କରି ମଙ୍ଗଳପୁର ଓ ପରେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେଣୁ ପରିବାର ଲୋକେ ୧୪ତାରିଖ ଗ୍ରାମ ଶ୍ମଶାନରେ ତାଙ୍କ ମୃତଦେହକୁ ସତ୍କାର କରି ଦେଇଥିଲେ। ତେବେ ଉକ୍ତ ଦିନ ଅପରାହ୍ନରେ ପୁଅ ପ୍ରସନ୍ନ ଦୋକାନକୁ ଯାଇ ଦୋକାନ ଚାବିକାଠି ନ ପାଇ କୌଣସି ଉପାୟରେ ତାଲା ଖୋଲିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ଜୟକୃଷ୍ଣଙ୍କ ଚେତାଶୂନ୍ୟ ବାବଦରେ ଖବର ଦେଇଥିବା ଯୁବକ ଦୋକାନକୁ ଆସି ଚାବିକାଠି ବନ୍ଧ ତାଜା ଉପରେ ଅଛି ବୋଲି କହିଥିଲେ। ଏହାପରେ ପ୍ରସନ୍ନ ଚାବିକାଠି ପାଇ ଦୋକାନ ଖୋଲିଥିଲେ। ତେବେ ଦୋକାନରେ ଏକ ଡବାରେ ତାଙ୍କ ବାପା ଗାଡି କିସ୍ତି ପାଇଁ ରଖିଥିବା ୧୦ହଜାର ଟଙ୍କା ପାଇ ନ ଥିଲେ। ଏ ନେଇ ତାଙ୍କର ସନ୍ଦେହ ହେବାରୁ ସେ ପରିବାରୁ ଲୋକଙ୍କୁ କହିଥିଲେ। ପରେ ବଡ ଭାଇ ହରେକୃଷ୍ଣ ପରିଡା ଥାନାରେ ଅଭିଯୋଗ କରିଥିଲେ। ଅପରପେକ୍ଷ ଜୟକୃଷ୍ଣଙ୍କ ମୃତ୍ୟୁ ପାଇଁ ଚେତାଶୂନ୍ୟ ହେବାର ଖବର ଦେଇଥିବା ଯୁବକଙ୍କୁ ପରିବାର ଲୋକେ ସନ୍ଦେହ କରୁଥିବା ଏତଲାରେ ଦର୍ଶାଇଛନ୍ତି। ଥାନାଧିକାରୀ ଅଭିଯୋଗ ଅଧାରରେ ହତ୍ୟା ମାମଲା ରୁଜୁକରି ତଦନ୍ତ ଜାରି ରଖିଛନ୍ତି। ମୃତଦେହ ଉଦ୍ଧାରବେଳେ ମଙ୍ଗଳପୁର ପୋଲିସ ସମେତ ଦଶରଥପୁର ତହସିଲଦାର ଜ୍ୟୋତି ପ୍ରକାଶ ମହାନ୍ତି ଘଟଣାସ୍ଥଳରେ ଉପସ୍ଥିତ ଥିଲେ।

## ହଟୁନି ହମ୍ପ୍‌ସ, ବଢୁଛି ଦୁର୍ଘଟଣା

**ବିରଜାକ୍ଷେତ୍ର, ୧୭।୩(ଡି.ଏନ୍.ଏ)**



ହମ୍ପସ୍ ଯୋଗୁ ଏକ ଅଟୋ ଓଲଟି ପଡ଼ିଛି।

■ ଖଣ୍ଡରା ଛକର ୨ ସ୍ଥାନରେ ୧୦ ହମ୍ପସ୍

■ ପ୍ରତିଦିନ ଦୁର୍ଘଟଣା ଘଟୁଥିବା ଅଭିଯୋଗ

ଜାତୀୟ ରାଜପଥ, ରାଜ୍ୟ ରାଜପଥ ଓ ଜିଲା ମଧ୍ୟଦେଇ ଯାଇଥିବା ରାସ୍ତାରେ ହମ୍ପସ ଥିବାରୁ ଦୈନନ୍ଦିନ ଦୁର୍ଘଟଣା ଘଟି ଜୀବନ ହାନୀ ଘଟୁଛି। ଫଳରେ ଭାରତର ଉଚ୍ଚତମ ନ୍ୟାୟାଳୟ ହମ୍ପସଗୁଡ଼ିକୁ ହଟାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ରାଜ୍ୟ ସରକାର ରାଜ୍ୟରେ ବିଭିନ୍ନ ରାସ୍ତାରୁ ହମ୍ପସ ହଟାଇ ଉକ୍ତ ସ୍ଥାନରେ ଧଳା ଗାର ପକାଇବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଆଜି ବି କିଛି ରାସ୍ତାରେ ହମ୍ପସ ଥିବାରୁ ଦୈନନ୍ଦିନ ଦୁର୍ଘଟଣା ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି। ଏହିଭଳି ଘଟଣା ଖଣ୍ଡରା ଛକରେ ଦେଖିବାକୁ ମିଳିଛଇ। ଏହି ଛକରେ ଲାଗି ଲାଗି ୨ଟି ସ୍ଥାନରେ ୧୦ଟି ହମ୍ପସ୍ ଥିବାରୁ ଏହି ଜାଗାରେ ଦୈନନ୍ଦିନ ଦୁର୍ଘଟଣା ବୃଦ୍ଧି ପାଉଛି। ଯାଜପୁର-ସିଂହପୁର ରାସ୍ତାରେ ଖଣ୍ଡରା ଛକ ଅବସ୍ଥିତ। ଯାଜପୁର ଜିଲାର କିଛି ରାସ୍ତାରୁ ହମ୍ପସ ଉଠାଇ ଦିଆଯାଇଥିବାବେଳେ ଖଣ୍ଡରା ଛକରୁ ଉଠାଯାଇନି। ଦୈନନ୍ଦିନ ସାଇକେଲ ଆରୋହୀଙ୍କଠାରୁ ଆରମ୍ଭ କରି ଅଟୋ ରିକ୍ସା ପର୍ଯ୍ୟନ୍ତ ଏହି ରାସ୍ତା ଦେଇ ଯିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଭାରୀଯାନ ଏହି ୧୦ଟି ହମ୍ପସ ଦେଇ ଯାଉଥିବାରୁ ବିଭିନ୍ନ ଯନ୍ତ୍ରାଂଶଗୁଡ଼ିକର କ୍ଷତି ହେଉଥିବା ଅଭିଯୋଗ ହେଉଛି। ଅଟୋ ଭଳି ଛୋଟ ପରିବହନ ଗାଡ଼ି ଗୁଡ଼ିକ ଏହି ଛକ ଦେଇ ଯିବା ବେଳେ ହମ୍ପସରେ ଓଲଟି ପଡୁଥିବା ଦେଖିବାକୁ ମିଳୁଛି। ସାଇକେଲ ଆରୋହୀ, ବାଇକ୍ ଚାଳକ ମଧ୍ୟ ଏଥିପାଇଁ ଦୁର୍ଘଟଣାଗ୍ରସ୍ତ ହେଉଥିବା ଦେଖିବାକୁ ମିଳିଛି। ଯାଜପୁର ଟାଉନ-ସିଂହପୁର ରାସ୍ତାରେ ଦୈନିକ ଶହଶହ ଗାଡ଼ି ଯାତାୟାତ କରୁଛି। ଏହି ରାସ୍ତା ପଡ଼ୋଶୀ କେନ୍ଦ୍ରାପଡ଼ା ଜିଲାକୁ ସଂଯୋଗ କରୁଛି। ଦୈନିକ ଶହଶହ ଗାଡ଼ି ଏହି କାରଣରୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରୋଗୀ ନେଇ ଯାଉଥିବା ବେଳେ ଆମ୍ବୁଲାନ୍ସ ହମ୍ପସ ପାର ହେବା ବେଳେ ରୋଗୀର ସ୍ୱାସ୍ଥ୍ୟବସ୍ଥା ଗୁରୁତର ହୋଇପଡୁଛି। ଏପରିକି ଗର୍ଭବତୀ ଏହି କାରଣରୁ ଅଧିକ ଯନ୍ତ୍ରଣା ଭୋଗୁଥିବା ଜଣାପଡ଼ିଛି। ରବିବାର ଏହି ହମ୍ପସ ଉପରେ ଏକ ଅଟୋ ଯାଉଥିବା ସମୟରେ ଓଲଟି ପଡ଼ିବା ସହ ଜଣେ ବାଇକ୍ ଚାଳକ ଆହତ ହେବାସହ ବାଇକ୍ ଭାଙ୍ଗିଯାଇଥିବା ଦେଖିବାକୁ ମିଳିଥିଲା। ଖଣ୍ଡରା ବ୍ୟତୀତ ଯାଜପୁର ଜିଲାର କୁଆଖିଆ-ବରୁଆଁ ରାସ୍ତା, ଯାଜପୁର ଟାଉନ-ମଙ୍ଗଳପୁର, ବରୁଆଁ-ବରୀ ପ୍ରଭୃତି ରାସ୍ତାରେ ବିଭିନ୍ନ ସ୍ଥାନରେ ହମ୍ପସ ଥିବା ଯୋଗୁ ଦୈନନ୍ଦିନ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳିଛି। ଏହି କାରଣରୁ ବିଭିନ୍ନ ସମୟରେ ଲୋକଙ୍କ ମୃତ୍ୟୁ ଘଟୁଛି। ଖଣ୍ଡରା ଛକ ସମେତ ବିଭିନ୍ନ ରାସ୍ତାରୁ ହମ୍ପସ ଉଠାଇବା ପାଇଁ ସ୍ଥାନୀୟ ଅଧିବାସୀ ଜିଲା ପ୍ରଶାସନ ନିକଟରେ ବାରମ୍ବାର ଦାବି କଲେ ମଧ୍ୟ ପ୍ରଶାସନ ହମ୍ପସକୁ ଉଠାଉ ନାହିଁ। ଯଦ୍ୱାରା ଦୈନନ୍ଦିନ ଯାଜପୁରରେ ଦୁର୍ଘଟଣା ବଢୁଥିବା ଜାଣିବାକୁ ମିଳିଛି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗର ଏସ୍‌ଡିଓ ଅଶୋକ ଲେଙ୍କାଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ଏହାର ସମାଧାନ କରାଯିବ ବୋଲି କହିଛନ୍ତି।



ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
-ସକ୍ରେଟିସ୍

## ସଂକ୍ଷେପରେ

### ମହୁଲି ମଦ ଜବତ, ବ୍ୟବସାୟୀ କୋର୍ଟଚାଲାଣ

**ରସୁଲପୁର,୧୭।୩(ଡି.ଏନ.ଏ.):** କୁଆଖିଆ ପୋଲିସ ପକ୍ଷରୁ ରସୁଲପୁର ବ୍ଲକ ଅନ୍ତର୍ଗତ ଜାବରା ପଞ୍ଚାୟତରେ ରବିବାର ସକାଳେ ଜଣେ ଚୋରା ଦେଶୀ ମଦ ବ୍ୟବସାୟୀଙ୍କ ଘରୁ ୪.୫ ଲିଟର ମହୁଲି ମଦ ଜବତ କରାଯିବା ସହ ତାଙ୍କୁ ଗିରଫ କରାଯାଇଛି। ବ୍ୟବସାୟୀ ଜଣକ ହେଲେ ବିନ ମଲିକ (୩୦)। ପ୍ରକାଶ ଯେ, ବିନ ବେଆଇନ ମଦ କାରବାରରେ ସମ୍ପୃକ୍ତ ଥିବା ନେଇ ପୋଲିସ ନିକଟରେ ଖବର ପହଞ୍ଚିଥିଲା। ଫଳରେ ପୋଲିସ ତାଙ୍କ ଘରେ ଚଢ଼ାଉ କରି ମଦ ଜବତ କରିଥିଲା। ବିନ ମଦ ପ୍ରସ୍ତୁତ ପାଇଁ ବାହାର ଜିଲାରୁ କଞ୍ଚାମାଲ ସଂଗ୍ରହ କରୁଥିଲେ ବୋଲି ଚର୍ଚ୍ଚା ହେଉଛି। ଏ ନେଇ ପୋଲିସ ଏକ ମାମଲା (ନଂ.୭୧/୧୯) ରୁଜୁ କରି କୋର୍ଟଚାଲାଣ କରିଛି। ଏସ୍ଆଇ ଦିଲୀପ କୁମାର କାଣ୍ଡି ମାମଲାର ତଦନ୍ତ କରୁଛନ୍ତି।

### ଶହୀଦ ଭଗତ ସିଂଙ୍କ ଫାଶୀ ଦିବସ ପାଳନ ପ୍ରସ୍ତୁତି

**ଯାଜପୁରରୋଡ,୧୭।୩(ନି.ପ୍ର.):** ସ୍ଥାନୀୟ ସାହୁ ମାର୍କେଟରେ ଥିବା ଶହୀଦ ଭଗତ ସିଂ ଯୁବକ ସଂଘ କାର୍ଯ୍ୟାଳୟରେ ଆସନ୍ତ ୨୩ ରିଖରେ ଭଗତ ସିଂଙ୍କ ଫାଶୀ ଦିବସ ପାଳିତ ହେବ। ଏ ନେଇ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୁବକ ସଂଘ ସଭାପତି ରାଜେନ୍ଦ୍ର ବିଶ୍ୱାଳ ଅଧକ୍ଷତା କରିଥିଲେ। ସ୍ଥାନୀୟ ବ୍ୟାସଦେବ ଟାଉନ ହଲଠାରେ ୨୩ ତାରିଖରେ ଏକ ରକ୍ତଦାନ ଶିବିର ଆୟୋଜିତ ହେବା ସହ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଚିତ୍ରାଙ୍କନ, ଝୋଟି, ବକ୍ତୃତା ଓ ନୃତ୍ୟ ପ୍ରତିଯୋଗିତା କରାଯିବାକୁ ସ୍ଥିର କରାଯାଇଛି। ସନ୍ଧ୍ୟାରେ ଏକ ସାଧାରଣ ସଭା ଅନୁଷ୍ଠିତ ହେବ। ହେମନ୍ତ କୁମାର ଧୀର, ମହେଶ୍ୱର ନାୟକ, ଚନ୍ଦ୍ରମଣି ସାମଲ, ଚିନ୍ତାମଣି ମଲ୍ଲିକ, ସଞ୍ଜୟ ସାହୁ, ପରେଶ ଦାସ, ନାରାୟଣ ଚନ୍ଦ୍ର ନାୟକ, ଅକ୍ଷୟ ନାୟକ, ବିଶ୍ୱଜିତ ମାଝି, ସତ୍ୟନାରାୟଣ ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ମଦ ଜବତ, ଜଣେ କୋର୍ଟଚାଲାଣ

**କୋରେଇ,୧୭।୩(ସ୍ୱ.ପ୍ର.):** କୋରେଇ ଥାନା ଅନ୍ତର୍ଗତ ୨୦ ନଂ. ଜାତୀୟ ରାଜପଥର ଧନେଶ୍ୱର ଛକ ନିକଟ ଏକ ହୋଟେଲରେ ରବିବାର ପୋଲିସ ଚଢ଼ାଉ କରି ୨୦ ବୋତଲ ମଦ ଜବତ କରିବା ସହ ବ୍ୟବସାୟୀଙ୍କୁ କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ବିହାର ରାଜ୍ୟ ଭିଗନଦୁବେ ଅଞ୍ଚଳର ନାୱାଲ କିଶୋର କୁମାର (୧୯)। ଏ ନେଇ ପୋଲିସ ଏକ ମାମଲା (ନଂ.୪୬/୧୯) ରୁଜୁ କରି କୋର୍ଟଚାଲାଣ କରିଛି। ପ୍ରକାଶ ଯେ, ହୋଟେଲରେ ମଦ କାରବାର ହେଉଥିବା ଖବରପାଇ ଥାନାଧିକାରୀ ରଞ୍ଜିତ ମହାନ୍ତି ଚଢ଼ାଉ କରିଥିଲେ।

### ଭାଜପାର ବିଜୟ ସଙ୍କଳ୍ପ ଯାତ୍ରା

**ରସୁଲପୁର,୧୭।୩(ଡି.ଏନ.ଏ.):** ରସୁଲପୁର ବ୍ଲକରୁ ଧର୍ମଶାଳା ନିର୍ବାଚମଣ୍ଡଳୀରେ ସାମିଲ ହୋଇଥିବା ୯ ପଞ୍ଚାୟତରେ ଭାଜପା ପକ୍ଷରୁ ରବିବାର ବିଜୟ ସଙ୍କଳ୍ପ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ଚନ୍ଦ୍ର ପରିଡା ନେତୃତ୍ୱ ନେଇଥିଲେ। ଏହି ଅବସରରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୪ ନଂ. ଜୋନ୍‌ର ପ୍ରଭାରୀ ଜିଲା ପରିଷଦ ସଦସ୍ୟ ରଶ୍ମୀରଞ୍ଜନ ନାୟକ ଅଧକ୍ଷତା କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପରିଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଦଳର ଲୋକାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇବା ସହ ଆସନ୍ତା ନିର୍ବାଚନରେ ଭାଜପାକୁ ବିପୁଳ ସଂଖ୍ୟାରେ ଭୋଟ୍ ଦେଇ ବିଜୟୀ କରିବାକୁ ନିବେଦନ କରିଥିଲେ। ସମ୍ମାନିତ ଅତିଥିଭାବେ ଜୋନ୍‌ର ପ୍ରଭାରୀ ରଘୁନାଥ ବେହେରା, ଧର୍ମଶାଳାର ପ୍ରାକ୍ତନ ଅଧକ୍ଷ ସୁବାସ ଚନ୍ଦ୍ର ଜେନା, ମହେନ୍ଦ୍ର ପଣ୍ଡା, ମଣ୍ଡଳ ସଭାପତି ଚୈତନ୍ୟ ସାମଲ, ନାରାୟଣ ସ୍ୱାଇଁ, କୁଳମଣୀ ନାୟକ, ନାରୀନେତ୍ରୀ ମାମିନା ମଲିକ, ଯୁବନେତା ଦିଲୀପ ରଥ, ଶରତ ଓଝା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରଭାରୀ ଗଗନ ବିହାରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



# ସବୁ ଦଳରେ ଟିକେଟ ପାଇଁ ଲଢ଼େଇ

**ଯାଜପୁର ଅଫିସ,୧୭।୩**



■୪ ନିର୍ବାଚନମଣ୍ଡଳୀରେ ବିଧାନସଭା ଆସନ ପାଇଁ ବିଦ୍ରୋହ
■କୋରେଇ ନିର୍ବାଚନ ମଣ୍ଡଳୀ ପାଇଁ ଅଧିକ ଆଶାୟୀ

ପ୍ରାର୍ଥିପତ୍ର ଦାଖଲକୁ ଆଉ ମାତ୍ର ୧୫ଦିନ ରହିଥିବାବେଳେ ଉଣା ଅଧିକେ ସମସ୍ତ ପ୍ରମୁଖ ରାଜନୈତିକ ଦଳରେ ବିଦ୍ରୋହ ପରିଲକ୍ଷିତ ହୋଇଛି। ବିଶେଷ କରି ଶାସକ ଦଳ ବିଜେଡିରେ ଏହା ସାଂଘାତିକ ରୂପ ନେବାରେ ଲାଗିଛି। ବିଞ୍ଝାରପୁର ଓ ଯାଜପୁର ବିଧାନସଭା ଆସନରେ ବିଜେଡି ଉପରେ ଏହାର ଛିଟା ପଡ଼ି ନ ଥିଲେ ହେଁ କୋରେଇ, ବରୀ, ବଡଚଣା, ଧର୍ମଶାଳା ଓ ସୁକିନ୍ଦା ବିଧାନସଭା ଆସନ ପାଇଁ ବିଦ୍ରୋହ ଦେଖାଦେଇଛି। ଯାହାକି ସମୀକରଣକୁ ଓଲଟପାଲଟ କରିପାରେ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତପୋଷଣ କରୁଛନ୍ତି।

ଯାଜପୁର ଜିଲାର ୧ ଲୋକସଭା ଓ ୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଏପ୍ରିଲ ୨୯ରେ ମତଦାନ କରାଯିବ। ଏଥିପାଇଁ ଏପ୍ରିଲ ୨ରୁ ନାମାଙ୍କନପତ୍ର ଦାଖଲ ଆରମ୍ଭ ହେବ। ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ ଏପ୍ରିଲ ୯ ଥିବାବେଳେ ୧୦ରେ ଯାଞ୍ଚ କରାଯିବ। ଏପ୍ରିଲ ୧୨ ତାରିଖ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ହୋଇଥିବାବେଳେ ସେହିଦିନ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶିତ କରାଯିବ। ଜିଲାର ୧୬୧୯ଟି ମତଦାନ କେନ୍ଦ୍ରରେ ୧୪,୪୩,୫୭୭ ଜଣ ମତଦାତା ସେମାନଙ୍କ ଗଣତାନ୍ତ୍ରିକ ଅଧିକାରକୁ ସାବ୍ୟସ୍ତ କରିବେ। ଏହିକ୍ରମରେ ୩ ପ୍ରମୁଖ ଦଳର ନେତାମାନେ ଟିକେଟ ଦୌଡରେ ରହିଥିବାବେଳେ କେତେଜଣ ନୀରବ ରହି ଭାଗ୍ୟ ଉପରେ ଛାଡି ଦେଇଛନ୍ତି। କୋରେଇ ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡି ନେତାଙ୍କ ଲମ୍ଫାଧାଡି ଲାଗିଛି। ଉଭୟ ଯାଜପୁର ଓ କୋରେଇ ନିର୍ବାଚନ ମଣ୍ଡଳୀକୁ କବ୍‌ଜା କରବା ଉଦ୍ଦେଶ୍ୟରେ ଏବେ ବିଧାୟକ ପ୍ରଣବପ୍ରକାଶ ଦାସ(ବବି) କୋରେଇ ଉପରେ ନଜର ରଖିଛନ୍ତି। ଯାଜପୁରରେ ତାଙ୍କ ସମ୍ପର୍କୀୟଙ୍କୁ ଛିଡା କରାଇ ସେ ନିଜେ କୋରେଇରେ କ୍ଷମତା ହାସଲ କରିବାକୁ ଯୋଜନା କରୁଥିବା ଆଲୋଚନା ହେଉଛି। ଅନ୍ୟପକ୍ଷେ ଯାଜପୁର ସହରକୁ ଛାଡିଦେଲେ ଗ୍ରାମାଞ୍ଚଳର ସେତେଟା ବିକାଶ ହୋଇ ନ ଥିବାରୁ ଲୋକଙ୍କ ସମର୍ଥନ ନ ମିଳିବାର ଭୟ ମଧ୍ୟ ରହିଛି ବୋଲି କେତେଜଣ ମତପ୍ରକାଶ କରୁଛନ୍ତି। ତେଣୁ ତାଙ୍କ ସମ୍ପର୍କୀୟମାନେ କୋରେଇର କେତେଜଣ ପୁରୁଖା କର୍ମୀଙ୍କୁ ଭେଟି ଭିତିରିଆ ସ୍ଥିତି ପରଖୁଥିବା ସୂଚନା ମିଳିଛି। ତେବେ ବବିଙ୍କ ଏହି ଗୋଟିଚାଳନାକୁ କୋରେଇ ବିଧାୟକ ଆକାଶ ଦାସନାୟକଙ୍କ ସମର୍ଥକ ନିନ୍ଦା କରିବା ସହ ନେତା ପରିବର୍ତ୍ତନ ହେଲେ ଆଦୌ ଗ୍ରହଣ କରିବେ ନାହିଁ ବୋଲି ରୋକଠୋକ ଜବାବ ଦେଇଛନ୍ତି। ଶନିବାର ବ୍ୟାସନଗର ବିଜେଡିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଆକାଶଙ୍କୁ ପ୍ରାର୍ଥୀ ନ କଲେ ହଜାର ହଜାର କର୍ମୀ ଭୁବନେଶ୍ୱର ପର୍ଯ୍ୟନ୍ତ ପଦଯାତ୍ରା କରିବେ ବୋଲି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଆକାଶଙ୍କ ବଦଳରେ ଆଉ କାହାରିକୁ ଗ୍ରହଣ କରାଯାଇ ପାରିବ ନାହିଁ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ସେହିପରି ଏଠାରେ ଭାଜପା ମଧ୍ୟରେ ଟିକେଟ ପାଇଁ ଏକପ୍ରକାର ଛାୟାଯୁଦ୍ଧ ଚାଲିଛି। ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତି, ଜିଲା ଯୁବମୋର୍ଚ୍ଚା ସଭାପତି ଆଲେକଜାଣ୍ଡାର ଦାସ ଓ କଂଗ୍ରେସ ଛାଡି ଭାଜପାରେ ଯୋଗଦେଇଥିବା ବିଶ୍ୱଜିତ ନାୟକ ଟିକେଟ ଦୌଡରେ ଅଛନ୍ତି। କଂଗ୍ରେସରେ ମଧ୍ୟ ପୂର୍ବତନ ପୌରାଧକ୍ଷା ବନ୍ଦିତା ପରିଡା, ରାମଚନ୍ଦ୍ର ଖୁଣ୍ଟିଆଙ୍କ ସ୍ତ୍ରୀ ହେମଲତା ଖୁଣ୍ଟିଆ, ବିଦ୍ୟାଧର ମହାନ୍ତି ପ୍ରମୁଖ ଟିକେଟ ପାଇଁ ଲାଗି ପଡିଛନ୍ତି। ବରୀ ବିଧାନସଭା ଆସନ ପାଇଁ ବିଧାୟକ ଦେବାଶିଷ ନାୟକଙ୍କୁ ଟିକେଟ ନ ଦେଇ ନୂଆଁମୁହଁକୁ ସୁଯୋଗ ମିଳିବ ବୋଲି ଚର୍ଚ୍ଚା ହେଉଥିବାରୁ ଆଶାୟୀଙ୍କ ଲମ୍ଫାଧାଡି ଲାଗିଛି। ରାଜ୍ୟ ବିଜେଡି ସମ୍ପାଦକ ବିଜୟ ନାୟକ, ସୁଲୋଚନା ଦାସ, ସୁଲୋତା ଦେଓ, ଛାତ୍ର ନେତା ମନୋଜ ନାୟକ, ବିରଞ୍ଚି ନାରାୟଣ ମହାନ୍ତି ଟିକେଟ ଦୌଡରେ ରହି ବିଧାୟକଙ୍କୁ ଖୋଲାଖୋଲି ବିରୋଧ କରୁଛନ୍ତି। କଂଗ୍ରେସ ଓ ଭାଜପାରେ ମଧ୍ୟ ଟିକେଟ ପାଇଁ ବିଦ୍ରୋହ ଦେଖାଦେଇଛି। ଖଣି ଓ ଶିଳ୍ପ ସମୃଦ୍ଧ ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ ମଧ୍ୟ ଅନୁରୂପ ସ୍ଥିତି ରହିଛି। ଏଥିପାଇଁ ବିଧାୟକ ପ୍ରୀତିରଞ୍ଜନ ଘଡେଇ ଅଡୁଆରେ ପଡିଛନ୍ତି। ଶିଳ୍ପପତି ମଦନମୋହନ ନାଏକ, ବ୍ଲକ ଅଧକ୍ଷା ଲୋପାମୁଦ୍ରା ନାଏକ, ଉପାଧକ୍ଷ ସୁଧାଂଶୁ ଶେଖର ଭଞ୍ଜ, ଜିଲାପରିଷଦ ସଭ୍ୟ ପ୍ରତାପ ଧୀର, ଛାତ୍ରନେତା ବିଶ୍ୱଜିତ ରାୟ, ପୂର୍ବତନ ବ୍ଲକ ଅଧକ୍ଷ ପ୍ରଶାନ୍ତ ରାୟ, ମନ୍‌ସୁର ଅଲ୍ଲି ପ୍ରମୁଖ ଟିକେଟ ପାଇବାକୁ ବିଧାୟକଙ୍କୁ ସିଧାସଳଖ ବିରୋଧ କରୁଥିବା ଚର୍ଚ୍ଚା ହେଉଛି। ଏପଟେ ବଡଚଣା ନିର୍ବାଚନ ମଣ୍ଡଳୀରେ ଜିଲା ପରିଷଦ ସଭ୍ୟା ଇତିଶ୍ରୀ ନାୟକ ଟିକେଟ ପାଇଁ ଆବେଦନ କରିଛନ୍ତି। ବିଧାୟକ ଅମର ଶତପଥୀଙ୍କ ବ୍ୟତୀତ ଆନ୍ୟ କାହାକୁ ପ୍ରାର୍ଥୀ କରାଯାଉ ବୋଲି ଇତିଶ୍ରୀ ଦୋହରାଇଛନ୍ତି। ବିଧାୟକଙ୍କ ବିରୋଧରେ ଇତିଶ୍ରୀ ଗୋଷ୍ଠୀ ଖୋଲାଖୋଲି ବିଦ୍ରୋହ ଡାକରା ଦେଇଛନ୍ତି। ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ବିଧାୟକ ପ୍ରଣବ ବଳୱନ୍ତ ରାୟ (ଜିତୁ)ଙ୍କ ବିରୋଧରେ ପୂର୍ବତନ ଜିଲା ପରିଷଦ ସଭ୍ୟ ସତୀଶ ବିଶ୍ୱାଳ ଠିଆ ହୋଇଛନ୍ତି। ସେ ତାଙ୍କ ସମର୍ଥକଙ୍କ ସହ ବିଭିନ୍ନ ସ୍ଥାନରେ ବିଧାୟକଙ୍କୁ ଟିକେଟ ନ ଦେବାକୁ ଦାବି କରିଆସୁଛନ୍ତି। ଜିଲାରେ ଏହା ବିଜେଡି ପାଇଁ କେତେ ନିର୍ଣ୍ଣାୟକ ହେବ ତାହା ସମୟ ହିଁ କହିବ ବୋଲି ମତପ୍ରକାଶ ପାଉଛି।

■ ବଡ଼ଚଣା ବିଜେଡି ରାଜନୀତି

## ଥମୁନି ଆରୋପ ପ୍ରତ୍ୟାରୋପ

**ଚଣ୍ଡିଖୋଲ,୧୭।୩(ଡି.ଏନ.ଏ.)**




ବିଜେଡି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀ।

ବିରୋଧୀଙ୍କୁ କଡ଼ା ଜବାବ ଦେବା ପାଇଁ ବଡ଼ଚଣା ବିଧାୟକ ଅମର ପସାଦ ଶତପଥୀଙ୍କ ସମର୍ଥକମାନେ ରବିବାର ଚଣ୍ଡିଖୋଲସ୍ଥିତ ବିଜେଡି କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ ଆୟୋଜିତ କରିଛନ୍ତି। ଏଥିରେ ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାମଲ ଅଧକ୍ଷତା କରିଥିଲେ। ଦଳର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଦଳୀୟ କାମରେ ସହଯୋଗ କରୁନାହାନ୍ତି। ତେଣୁ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ବଡ଼ଚଣା ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପତ୍ର ଲେଖାଯାଇଥିବା ସମ୍ମିଳନୀରେ କୁହାଯାଇଥିଲା। ଏବେ ବଡ଼ଚଣାରେ ବିକାଶ କାର୍ଯ୍ୟ ତ୍ୱରାନିତ ହେଉଥିବା ବେଳେ ବିରୋଧୀମାନେ ଅନ୍ୟଦଳ ସହ ସଲାସୁତୁରା କରି ବିଧାୟକଙ୍କୁ ବଦନାମ କରିବା ପାଇଁ ଚକ୍ରାନ୍ତ କରୁଥିବା ନେତୃମଣ୍ଡଳୀ ଅଭିଯୋଗ କରିବା ସହ ଆଗାମୀ ଦିନରେ ବିଜେଡି ସଂଗଠନ ବିଧାୟକଙ୍କୁ ପୂର୍ଣ୍ଣ ସମର୍ଥନ ଦେବ ଓ ସେ ଦଳୀୟ ଟିକେଟ ପାଇଁ ବିଜୟୀ ହେବେ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ପଞ୍ଚାୟତ ସମିତି ଅଧକ୍ଷ ଭାଗ୍ୟଧର ମଲିକ, ବ୍ଲକ ଯୁବ ବିଜେଡି ସଭାପତି ଗଣେଶ୍ୱର ବରାଳ, ଛାତ୍ର ବିଜେଡି ସଭାପତି ଯତୀନ୍ଦ୍ର ନାୟକ, ବରିଷ୍ଠ ନେତା ନିରଞ୍ଜନ ସେନାପତି, ଜିଲାପରିଷଦ ସଭ୍ୟା ବିନୋଦିନି ସାହୁ, ବ୍ଲକ ମହିଳା ସଭାନେତ୍ରୀ ସରସ୍ୱତୀ ବେହେରା, ସଞ୍ଜୟ କୁମାର ସ୍ୱାଇଁ ଓ ମିହିର କୁମାର ସ୍ୱାଇଁ ପ୍ରମୁଖ ଖବରଦାତା ସମ୍ମିଳନୀରେ ଯୋଗଦେଇଥିଲେ। ଏହା ପୂର୍ବରୁ ବିରୋଧୀଙ୍କ ପକ୍ଷରୁ ଚଣ୍ଡିଖୋଲସ୍ଥିତ ଏକ ହୋଟେଲ ପରିସରରେ ଶନିବାର ଏକ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ପୂର୍ବତନ ବଡ଼ଚଣା ପଞ୍ଚାୟତ ସମିତି ଅଧକ୍ଷା ତଥା ବର୍ତ୍ତମାନର ୧୯ ନଂ. ଜୋନ ଜିଲା ପରିଷଦ ସଭ୍ୟା ଇତିଶ୍ରୀ ସାମଲ ଅଧକ୍ଷତା କରିଥିଲେ। ଇତିଶ୍ରୀଙ୍କ ସମେତ ୩ ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷଙ୍କ ନେତୃତ୍ୱରେ ବହୁ କର୍ମୀ ଏକଜୁଟ ହୋଇ ଅମରଙ୍କୁ ଟିକେଟ ନ ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ନିବେଦନ କରିଥିବା କହିଥିଲେ। ପୂର୍ବତନ ବ୍ଲକ ଅଧକ୍ଷ କୈଳାସ ଚନ୍ଦ୍ର ରାଉତ, ପୂର୍ବତନ ଜିଲା ପରିଷଦ ସଭ୍ୟ ରମାକାନ୍ତ ରାଉତ, ଯୁବନେତା ପ୍ରଦୀପ୍ତ ଧଳ, ବରିଷ୍ଠ ନେତା ଧୀରେନ୍ଦ୍ର ରାଉତ, ବିଜେଡି ଜିଲା ଉପସଭାପତି ପ୍ରବୀର କୁମାର ସାମଲ ପ୍ରମୁଖ ଉପସ୍ଥିତ ରହି ବଡ଼ଚଣା ଟିକେଟରୁ ଅମରଙ୍କୁ ବଞ୍ଚିତ କରିବା ପର୍ଯ୍ୟନ୍ତ ସଂଗଠିତ ଭାବେ ଲଢେଇ ଜାରି ରଖିବେ ବୋଲି କହିଥିଲେ।

## ଧର୍ମଶାଳା ବିଜେଡିର ମିଶ୍ରଣ ପର୍ବ

**ଧର୍ମଶାଳା,୧୭।୩(ଡି.ଏନ୍.ଏ.)**

ଧର୍ମଶାଳା ନିର୍ବାଚନମଣ୍ଡଳୀ ନୁଆଗାଁସ୍ଥିତ ବିଜେଡି କାର୍ଯ୍ୟାଳୟରେ ରବିବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନିର୍ବାଚନମଣ୍ଡଳୀର ୧୨ନଂ ଜୋନ୍ ମହିଶରା ପଞ୍ଚାୟତର ବହୁକର୍ମୀ ଅନ୍ୟଦଳ ଛାଡି ବିଜେଡିରେ ଯୋଗଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ ଓ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ଦୃଢ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରି ଛାମୁଆ କର୍ମୀ ସୁରେଶ ଚନ୍ଦ୍ର ନାୟକ, ପ୍ରତାପ କୁମାର ନାୟକ, ରାଜେନ୍ଦ୍ର ପ୍ରସାଦ ନାୟକ, ରତ୍ନାକର ନାୟକ, ରବୀନ୍ଦ୍ର କୁମାର ବିଶ୍ୱାଳ, ଜିତେନ୍ଦ୍ର ନାୟକ, ପ୍ରଶାନ୍ତ କୁମାର ନାୟକ, କାଳନ୍ଦି ଚରଣ ସାହୁ, ରମେଶ ନାୟକ, ଜଗଦାନନ୍ଦ ସାହୁ, ପ୍ରଫୁଲ୍ଲ ବେହେରା, ରାମାକାନ୍ତ ନାୟକ ଓ ଯୁଗଳ ନାୟକ ପ୍ରମୁଖ ବହୁ କର୍ମୀ ଦଳରେ ସାମିଲ ହୋଇଥିଲେ। ବିଧାୟକ ଦଳରେ ସାମିଲ ହୋଇଥିବା ନୂତନ କର୍ମୀଙ୍କୁ ପୁଷ୍ପଗୁଚ୍ଛ ଓ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ ଜଣାଇଥିଲେ। ସରପଞ୍ଚ ଚକ୍ରଧର ବେହେରା, ସମିତି ସଭ୍ୟ ମଧୁସୁଦନ ବେହେରା, ପଞ୍ଚାୟତ ସଭାପତି ଗୋପୀନାଥ ମଲିକ, କୈଳାସ ଚନ୍ଦ୍ର ନାୟକ, ପ୍ରହଲ୍ଲାଦ ଲେଙ୍କା, ଜଗଦୀଶ ଜେନାମଣି, କାଶୀନାଥ ବାରିକ, କାମାକ୍ଷା ପ୍ରସାଦ ନାୟକ, ଅମୁଲ୍ୟ ରାଉତ, ପ୍ରତାପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

■ ଭୁବନେଶ୍ୱର ରେଲ୍‌ୱେ ଷ୍ଟେଶନରେ ଲୁଟ୍, ଚୋରି ର୍ୟାକେଟ ଠାବ

## ୨ ଗ୍ୟାଙ୍ଗର ୫ ଗିରଫ

**ଭୁବନେଶ୍ୱର,୧୭।୩ (ବ୍ୟୁରୋ)**

**୨୬ ଫୋନ୍ ଜବତ**

ରେଲ୍‌ୱେ ଷ୍ଟେଶନରେ ସକ୍ରିୟ ରହିଛନ୍ତି ଏକାଧିକ ଲୁଟେରା ଓ ଚୋର ଗ୍ୟାଙ୍ଗ୍। କେତେବେଳେ ନିଶାଦେଇ ଲୁଟ୍ କରୁଛନ୍ତି ତ ଆଉ କେତେବେଳେ ଷ୍ଟେଶନରେ ଶୋଇଥିବା ଲୋକଙ୍କ ଜିନିଷପତ୍ର ଓ ଟଙ୍କା ଆଖି ପିଛୁଳାକେ ଚୋରି କରିନେଉଛନ୍ତି। ପ୍ରତିଦିନ ଏକାଧିକ ଯାତ୍ରୀ ଏହାର ଶିକାର ହେଉଥିବାବେଳେ ଦୁଇଟି ଗ୍ୟାଙ୍ଗର ୫ଜଣଙ୍କୁ ପୃଥକ ମାମଲାରେ ଗିରଫ କରିଛି ରେଲ୍‌ୱେ ପୋଲିସ(ଜିଆର୍‌ପି)। ସେମାନେ ହେଲେ ବାଲେଶ୍ୱର ଜିଲା ବାଲିଆ ଅଞ୍ଚଳର ତାପସ ମିଶ୍ର, ଯାଜପୁର ଜିଲାର ଅଶୋକ ଦାସ, ଭୁବନେଶ୍ୱର ଲକ୍ଷ୍ମୀସାଗରର ରବି ବେହେରା, ପ୍ରଧାନ ସାହିର ବିଶ୍ୱଜିତ ପଣ୍ଡା ଓ ଶ୍ରୀମାଞ୍ଚଳ ପାଢ଼ି। ଜିଆର୍‌ପି ଥାନାରେ ହୋଇଥିବା ମାମଲା ନଂ.୫୬/୧୯ ଅନୁଯାୟୀ ବିଶ୍ୱଜିତ୍ ଓ ତାପସଙ୍କୁ ଗିରଫ କରାଯାଇଥିବାବେଳେ ସେମାନଙ୍କଠାରୁ ପୋଲିସ ଦୁଇଟି ମୋବାଇଲ୍ ଫୋନ୍, ଲୁଟ୍ ବ୍ୟାଗ୍ ଓ ୧୦ହଜାର ଟଙ୍କା ଜବତ କରିଛି। ସେହିଭଳି ଅନ୍ୟ ଏକ ମାମଲା ନଂ.୫୭/୧୯ରେ ଶ୍ରୀମାଞ୍ଚଳ, ଅଶୋକ ଓ ରବିଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୨୪ ମୋବାଇଲ୍ ଫୋନ୍ ମିଳିଛି। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗର ଚିନ୍ମୟ ରାୟ ହାଓ୍ୱଡା-ଚେନ୍ନାଇ କରମଣ୍ଡଳ ଏକ୍ସପ୍ରେକ୍ସରେ ଯାଉଥିଲେ। ଟ୍ରେନଟି ଭୁବନେଶ୍ୱର ଷ୍ଟେଶନରେ ରାତି ପ୍ରାୟ ୯ଟା ୩୦ରେ ରହିଥିଲାବେଳେ ବିଶ୍ୱଜିତ୍ ଓ ତାପସ ତାଙ୍କଠାରୁ ବ୍ୟାଗ୍ ଓ ମୋବାଇଲ୍ ଫୋନ୍ ଝାମ୍ପି ନେଇଥିଲେ। ବ୍ୟାଗ୍‌ରେ ନଗଦ ୧୦ ହଜାର ଟଙ୍କା ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଥିଲା। ଏନେଇ ଚିନ୍ମୟ ରେଳବାଇ ଥାନାରେ ଅଭିଯୋଗ କରିବା ପରେ ସିସିଟିଭି ଆଧାରରେ ତଦନ୍ତ ଆରମ୍ଭ କରିଥିଲା। ରବିବାର ସକାଳେ ଲକ୍ଷ୍ମୀସାଗର ଅଞ୍ଚଳରେ ଚଢ଼ାଉ କରି ପୋଲିସ ଉଭୟଙ୍କୁ ଗିରଫ କରିଥିଲା। ଅନ୍ୟଏକ ଘଟଣାକ୍ରମରେ ଗଞ୍ଜାମ ସୁରଳ ଅଞ୍ଚଳର ମନୋଜ କୁମାର ଦାଶ ଘରକୁ ଯିବା ପାଇଁ ଭୁବନେଶ୍ୱର ଷ୍ଟେଶନର ପ୍ଲାଟ୍‌ଫର୍ମ ନଂ-୧ରେ ଟ୍ରେନକୁ ଅପେକ୍ଷା କରିଥିଲେ। ଏହି ସମୟରେ ଶ୍ରୀମାଞ୍ଚଳ, ଅଶୋକ ଓ ରବି ତାଙ୍କଠାରୁ ମୋବାଇଲ୍ ଫୋନ୍ ଝାମ୍ପି ନେଇ ଚମ୍ପଟ ମାରିଥିଲେ। ମନୋଜଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## କୋରେଇ ମଣ୍ଡଳ ସାହିତ୍ୟ ସଂସଦର ବସନ୍ତ ଉତ୍ସବ

**କୋରେଇ,୧୭।୩(ସ୍ୱ.ପ୍ର.)**

କୋରେଇସ୍ଥିତ କାହ୍ନୁଚରଣ ମହାବିଦ୍ୟାଳୟ ପରିସରରେ ରବିବାର ପୂର୍ବାହ୍ନରେ କୋରେଇ ମଣ୍ଡଳ ସାହିତ୍ୟ ସଂସଦର ବସନ୍ତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିନ୍ଦଲ ଷ୍ଟିଲ ପକ୍ଷରୁ ମିହିର କୁମାର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉତ୍ସବ ଉଦ୍‌ଘାଟନ କରିଥିଲେ। ପଣ୍ଡିତ ଯୁଗଳ କିଶୋର ମିଶ୍ର ପବିତ୍ର ମନ୍ତ୍ର ଉଚ୍ଚାରଣ କରିଥିଲେ। ସଂସଦ ଉପସଭାପତି ବିନୋଦ ବିହାରୀ ସାହୁଙ୍କ ଅଧକ୍ଷତାରେ ପ୍ରଥମ ଅଧିବେଶନରେ କବିତା ପାଠୋତ୍ସବ ହୋଇଥିଲା। ବ୍ରଜେଶ୍ୱରୀ ସିଂହ ଓ ଅଧାପିକା ଅର୍ପିତା ଦାସ ସଂଯୋଜନା କରିଥିବାବେଳେ ଚିତ୍ତରଞ୍ଜନ ବେହେରା ପରିଚାଳନା କରିଥିଲେ। ୫୦ରୁ ଉର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରି ବସନ୍ତ ଉତ୍ସବକୁ ମଧୁମୟ କରିଥିଲେ। ମଧ୍ୟାହ୍ନରେ ଦ୍ୱିତୀୟ ଅଧିବେଶନରେ 'ଓଡ଼ିଆ ସାହିତ୍ୟରେ ବସନ୍ତର ସ୍ୱରୂପ'କୁ ନେଇ ଆଲୋଚନାଚକ୍ର ହୋଇଥିଲା। ଏଥିରେ ସଂସଦ ସଭାପତି ନନ୍ଦକିଶୋର ସିଂହ ଅଧକ୍ଷତା କରିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ସୂର୍ଯ୍ୟମଣି ଖୁଣ୍ଟିଆ ମଞ୍ଚ ସଂଯୋଜନା କରିଥିଲେ। ମୁଖ୍ୟ ବକ୍ତାଭାବେ ପଣ୍ଡିତ ଗୋବିନ୍ଦ ଚନ୍ଦ୍ର, ସମ୍ମାନିତ ବକ୍ତାଭାବେ ପ୍ରଧାପକ ଶିବଚରଣ ମାଝି, ଅଧାପକ ଅକ୍ଷୟ କୁମାର ମହାନ୍ତି, କୋରାଇ ଯୁକ୍ତ ୨ କଲେଜ ଅଧକ୍ଷ ସ୍ମୃତିରଞ୍ଜନ ରାୟ ଯୋଗଦେଇଥିଲେ। ଏହି ଅବସରରେ ସମାଜସେବା କ୍ଷେତ୍ରରେ ପରିବେଶବିତ ହେମନ୍ତ କୁମାର ସାହୁ ଓ ମିହିର କୁମାର ଦାସଙ୍କୁ 'ବସନ୍ତ ଉତ୍ସବ ସମ୍ମାନ'ରେ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ମା' ବୁଢ଼ୀଜାଗୁଳେଈଙ୍କ ମନ୍ଦିର ପ୍ରତିଷ୍ଠା

**ଯାଜପୁରରୋଡ,୧୭।୩(ନି.ପ୍ର.)**

କୋରେଇ ବ୍ଲକର ବଟିଳା ଗ୍ରାମରେ ରବିବାର ମା' ବୁଢ଼ୀଜାଗୁଳେଈଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ହୋଇଛି। ଏହି ପରିପ୍ରେକ୍ଷୀରେ ମା'ଙ୍କୁ ନୂତନ ମନ୍ଦିରରେ ପ୍ରତିଷ୍ଠା କରାଯାଇ ଷୋଡ଼ଶପୋଚାର ପୂଜା ଓ ବଡ଼ସିଂହାର କରାଯାଇଥିଲା। ସକାଳେ ସୂର୍ଯ୍ୟ ପୂଜା ପରେ ବିଶ୍ୱଶାନ୍ତି ମହାଯଜ୍ଞ, ଚଣ୍ଡୀ ପାଠ କରାଯାଇଥିଲା। ଗ୍ରାମବାସୀ ଉତ୍ସବରେ ଯୋଗ ଦେଇଥିଲେ। ସନ୍ଧ୍ୟାରେ ଭଜନ ସନ୍ଧ୍ୟା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ସେହି ସ୍ଥାନରେ ନୂତନ ମନ୍ଦିର ନିର୍ମାଣ କରାଯାଇଛି। ପୀତାମ୍ବର ନନ୍ଦ, ବିଟୁ ମିଶ୍ର, ପ୍ରତାପ ନନ୍ଦ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

■ ଯାଜପୁର-କେନ୍ଦୁଝର ରେଳଷ୍ଟେଶନ

## ଯାତ୍ରୀଙ୍କୁ ମୌଳିକ ସୁବିଧା ଯୋଗାଇବା ଦାବି

**ଯାଜପୁରରୋଡ,୧୭।୩(ନି.ପ୍ର.)**

ପୂର୍ବତଟ ରେଲୱେର ଯାଜପୁର-କେନ୍ଦୁଝର ଏକ ପ୍ରମୁଖ ରେଳ ଷ୍ଟେଶନ। କଳିଙ୍ଗନଗର ଶିଳ୍ପାଞ୍ଚଳ, ସୁକିନ୍ଦା ଖଣି ଉପତ୍ୟକା ଯୋଗୁ ଏହି ଷ୍ଟେଶନକୁ ଏ-ଗ୍ରେଡ ଓ ଆଦର୍ଶ ଷ୍ଟେଶନର ମାନ୍ୟତା ମିଳିଛି। କିନ୍ତୁ ମାନ୍ୟତା ଅନୁସାରେ ଷ୍ଟେଶନର ବିକାଶ ହୋଇପାରି ନ ଥିବାବେଳେ ରେଲୱେ କର୍ତ୍ତୃପକ୍ଷ ଯାତ୍ରୀଙ୍କ ମୌଳିକ ସୁବିଧା ପ୍ରତି ଦୃଷ୍ଟି ଦେଉନାହାନ୍ତି। ଯାଜପୁରରୋଡ ଷ୍ଟେଶନକୁ ଉପେକ୍ଷା କରା ନ ଯାଇ ଯାତ୍ରୀଙ୍କୁ ମୌଳିକ ସୁବିଧା ଯୋଗାଇ ଦେବା ପାଇଁ ସାମାଜିକ କର୍ମୀ ଦିଗମ୍ବର ସାହୁ ଶନିବାର ରେଲୱେ ବୋର୍ଡକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ୨୦୧୮ରେ ଏହି ଷ୍ଟେଶନର ଆୟ ୧୮ କୋଟି ୪୯ଲକ୍ଷ ଟଙ୍କା ହୋଇଥିଲା। ହେଲେ ଏପର୍ଯ୍ୟନ୍ତ ଦ୍ୱିତୀୟ ଫୁଟ ଓଭର ବ୍ରିଜ୍ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ୧ ଓ ୨ ନଂ. ଶେଡ ପ୍ଲାଟଫର୍ମ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ିରହିଛି। ଯାତ୍ରୀଙ୍କ ପାଇଁ ରେଳ ବିଭାଗ ପକ୍ଷରୁ ପରିଶ୍ରାଗାର ନାହିଁ। ଫଳରେ ସେମାନେ ଖର୍ଚ୍ଚାନ୍ତ ହୋଇ ଶୌଚାଳୟ ଯାଉଛନ୍ତି। ଯାଜପୁରରୋଡ ଅପେକ୍ଷା ଭଦ୍ରକ ଷ୍ଟେଶନରେ ଆୟ କମ୍ ଥିବାବେଳେ ସେଠାରେ ବିକାଶ କରାଯାଉଛି। ଯାଜପୁରରୋଡରେ ଷ୍ଟେଶନର ବିକାଶ ଓ ଦ୍ରୁତଗାମୀ ଟ୍ରେନ ରହଣି ପାଇଁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଆନ୍ଦୋଳନ ହେଉଛି। ହେଲେ ରେଳ ବିଭାଗ କର୍ତ୍ତୃପକ୍ଷ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବାର ପ୍ରତିଶ୍ରୁତି ଦେଇ ଆନ୍ଦୋଳନ ପ୍ରଶମିତ କରୁଛନ୍ତି। ପ୍ରକାଶ ଯେ, ନିକଟ ଷ୍ଟେଶନ ଯଖପୁରାଠାରୁ କେନ୍ଦୁଝର ଜିଲାକୁ ରେଳ ସଂଯୋଗ କରାଯାଇଛି। ହରିଦାସପୁରଠାରୁ ପାରାଦୀପକୁ ରେଳ ସଂଯୋଗ ପାଇଁ କାମ ଚାଲିଛି। ଯାଜପୁରରୋଡଠାରୁ ପ୍ରସ୍ତାବିତ ବିରଜାକ୍ଷେତ୍ର ଓ ଧାମରା ବନ୍ଦରକୁ ରେଳ ସଂଯୋଗ କରାଯିବ ଓ ଅନୁଗୋଳ-ସୁକିନ୍ଦା ରେଳ ସଂଯୋଗ ନିର୍ମାଣ କାର୍ଯ୍ୟ ଚାଲିଛି। ଏ ସମ୍ପର୍କରେ ତତ୍କାଳୀନ ଏମ୍‌ପି ମୋହନ ଜେନା ୨୦୧୧ରେ ଯାଜପୁରରୋଡରେ ରେଲୱେ ଡିଭିଜନ ପାଇଁ ସଂସଦରେ ଦାବି ଉଠାଇଥିଲେ। ରାୟଗଡାକୁ ଡିଭିଜନ ଘୋଷଣା କଲାବେଳେ ଯାଜପୁରରୋଡକୁ ଉପେକ୍ଷା କରାଯାଇଛି। ଯାଜପୁରରୋଡକୁ ରେଲୱେ ଡିଭିଜନରେ ପରିଣତ କରିବା ସହ ଦ୍ରୁତଗାମୀ ଗାଡି ରହଣି, ବିଭିନ୍ନ ମୌଳିକ ସୁବିଧା ଓ ଓଭର ବ୍ରିଜ ଦାବି କରି ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସୂଚନା ମିଳିଛି। ଦଳମତ ନିର୍ବିଶେଷରେ ଆନ୍ଦୋଳନ କରାଯିବ ବୋଲି ଶ୍ରମିକ ନେତା ବିଦ୍ୟାଧର ମହାନ୍ତି କହିଛନ୍ତି। ସାମାଜିକ କର୍ମୀ ଅଭିଳାଷ ବୋଇତେଇ ଯାଜପୁର ରେଳ ଷ୍ଟେଶନରେ ରାଜଧାନୀ ଏକ୍ସପ୍ରେସ ଓ ଅନ୍ୟ ଦ୍ରୁତଗାମୀ ଏକ୍ସପ୍ରେସ ରହଣି ପାଇଁ ଦାବି କରିଛନ୍ତି। ସିପିଆଇଏମ ନେତା ପ୍ରଫୁଲ୍ଲ କୁମାର ନାୟକ କୁହନ୍ତି, ଯାଜପୁରରୋଡକୁ ରେଲୱେ ଡିଭିଜନରେ ପରିଣତ ନ କଲେ ଆଗାମୀ ଦିନରେ ଦୁର୍ବାର ଆନ୍ଦୋଳନ ହେବ। ଯାଜପୁରରୋଡ ଚାମ୍ବର ଅଫ କମର୍ସର ସମ୍ପାଦକ ସଦାଶିବ ଦାସ ଏହି ଷ୍ଟେଶନର ବିକାଶ ସମ୍ପର୍କରେ ୧୩ ତାରିଖରେ ଖୋର୍ଦ୍ଧା ଡିଭିଜନର ଡିଆରଏମ୍ ବ୍ରିଜେଶ ଅଗ୍ରୱାଲଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଡିଆରଏମ କହିଲେ, ଡିଭିଜନ ରେଲୱାଇ ମନ୍ତ୍ରଣାଳୟ ନିଷ୍ପତି ନେବ ରାଜ୍ୟସରକାର ଓଭରବ୍ରିଜ ପାଇଁ ଅନୁଦାନ ମଞ୍ଜୁର କରିବା ସହ ପ୍ରସ୍ତାବ ଦେଲେ ତାହା ରେଲୱେ ବୋର୍ଡ ନିଷ୍ପତ୍ତି ନେବ। ଫୁଟ ଓଭରବ୍ରିଜ ସିସିଟିଭି କ୍ୟାମେରା ଖୁବଶୀଘ୍ର କାର୍ଯ୍ୟକାରୀ ହେବ ବୋଲି ଅଗ୍ରୱାଲ କହିଥିଲେ।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ସଚେତନତା କାର୍ଯ୍ୟକ୍ରମରେ ଫାଉଣ୍ଡେଶନର କର୍ମକର୍ତ୍ତା ଓ ପୋଲିସ କର୍ମଚାରୀ।

**ଯାଜପୁରରୋଡ,୧୭।୩(ନି.ପ୍ର.)**

ବିଜୟ ଆଦର୍ଶ ଫାଉଣ୍ଡେଶନ କୋରେଇ ପକ୍ଷରୁ ଧନେଶ୍ୱର ନିକଟ ବେଣାପୁର ୨୦ନଂ. ଜାତୀୟ ରାଜପଥର ବେଣାପୁର ବାଇପାସ ଛକଠାରେ ରବିବାର ସଡ଼କ ସୁରକ୍ଷା ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ରାଜପଥରେ ଯାତାୟାତ କରୁଥିବା ବାଇକ୍ ଓ ଚାରିଚକିଆ ଗାଡ଼ି ଚାଳକଙ୍କୁ ସଡକ ସୁରକ୍ଷାଜନିତ ବାର୍ତ୍ତା ଦିଆଯିବା ସହ ସଡ଼କ ସୁରକ୍ଷା ଆଇନ ସମ୍ପର୍କରେ ସଚେତନ କରାଯାଇଥିଲା। ଚାଳକଙ୍କୁ ହେଲମେଟ୍, ସିଟ ବେଲ୍ଟ ବ୍ୟବହାର କରିବା, ଟ୍ରାଫିକ୍ ନିୟମ ମାନିବା ଓ ଗାଡ଼ି ଚଳାଇବା ସମୟରେ ଫୋନ୍ ବ୍ୟବହାର ନ କରିବାକୁ କୁହାଯାଇଥିଲା। ନିୟମ ମାନିଥିବା ଚାଳକଙ୍କୁ ଫାଉଣ୍ଡେଶନ ପକ୍ଷରୁ ଗୋଲାପ ଫୁଲ ଏବଂ ପେନ୍ ଦେଇ ପୁରସ୍କୃତ କରାଯାଇଥିଲା। କୋରେଇ ଥାନାଧିକାରୀ ରଞ୍ଜିତ ମହାନ୍ତିଙ୍କ ସମେତ ସମସ୍ତ ପୋଲିସ କର୍ମଚାରୀ ଉପସ୍ଥିତ ରହି ସଡ଼କ ସୁରକ୍ଷା ବାର୍ତ୍ତା ପ୍ରଦାନ କରିଥିଲେ। ଫାଉଣ୍ଡେଶନର ସଭାପତି ବାଇଧର ମାଝି, ସମ୍ପାଦକ ଦୀପକ କୁମାର ଦାସ, ବିଶ୍ୱଜିତ ପଟ୍ଟନାୟକ, ବିଶ୍ୱରଞ୍ଜନ ଦାସ, ମିଳନ ମହାନ୍ତି, ସୁଦର୍ଶନ ମିଶ୍ର, ହେମନ୍ତ କୁମାର ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ଭାଜପାର ବିଜୟ ସଂକଳ୍ପ ଯାତ୍ରା

**ରାଜକନିକା, ୧୭।୩ (ଡି.ଏନ୍.ଏ):** ଆଗାମୀ ନିର୍ବାଚନରେ ଭାଜପାକୁ ବହୁମତରେ ବିଜୟୀ କରାଇବା ପାଇଁ ଭାଜପା ପକ୍ଷରୁ ରାଜ୍ୟବ୍ୟାପୀ ବିଜୟ ସଂକଳ୍ପ ଯାତ୍ରା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ରାଜକନିକା ମଣ୍ଡଳ ଭାଜପା ପକ୍ଷରୁ ରବିବାର ବିଜୟ ସଂକଳ୍ପ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଭାଜପା ନେତା ଓ କର୍ମୀମାନେ ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭା କରି କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନ ହିତକର ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇଥିଲେ। ନହୁଲିଆ, ବରାଡିଆ, ଆୟତନ ଏବଂ କାଟଣାରେ ଏହି ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଭକ୍ତବନ୍ଧୁ ମିଶ୍ର ଏହି ସଭା ପରିଚାଳନା କରିଥିବା ବେଳେ ବରିଷ୍ଠ ନେତା ଦୋଳଗୋବିନ୍ଦ ନାୟକ, ବ୍ରଜସୁନ୍ଦର ଭୂୟାଁ, ନୀହାର ରଞ୍ଜନ ସ୍ୱାଇଁ, କର୍ଣ୍ଣରାଜ ବାରିକ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସତ୍ୟଜିତ୍ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ପୂର୍ବ କନିକାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

### ଉମେଶଙ୍କୁ ରାଜ୍ୟ ଛାତ୍ର କଂଗ୍ରେସ ସଂଯୋଜକ ଦାୟିତ୍ୱ



**କେନ୍ଦ୍ରାପଡା ଅଫିସ, ୧୭।୩:** କେନ୍ଦ୍ରାପଡ଼ା ଜିଲା ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ଉମେଶ ଚନ୍ଦ୍ର ପାଢ଼ୀଙ୍କୁ ରାଜ୍ୟ ସଂଯୋଜକ ଭାବେ ରବିବାର ଦାୟିତ୍ୱ ପ୍ରଦାନ କରାଯାଇଛି। ଓଡ଼ିଶା ପ୍ରଭାରୀ ରୋହିତ ମୋଥା ଜୀ ଉମେଶଙ୍କୁ ଏହି ଦାୟିତ୍ୱ ପ୍ରଦାନ ସହିତ ସଂଗଠନକୁ ମଜଭୁତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଉମେଶ ଦୀର୍ଘ ୫ ବର୍ଷ ଧରି ଜିଲା ସଭାପତି ଦାୟିତ୍ୱରେ ଥିଲେ। ଏ ସମ୍ପର୍କରେ ଉମେଶ କହିଛନ୍ତି, ତୃଣମୂଳସ୍ତରରେ ଛାତ୍ରୀଛାତ୍ରଙ୍କୁ ଏକାଠି କରି ସଂଗଠନକୁ ମଜଭୁତ କରିବା ପାଇଁ ଚେଷ୍ଟା କରିବି। ଏଥିସହିତ ତାଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଥିବାରୁ ସେ ରାଜ୍ୟସ୍ତରୀୟ ନେତୃବୃନ୍ଦଙ୍କୁ କୃତଜ୍ଞତା ଜଣାଇଛନ୍ତି।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ବୁଥ୍‌ରେ ବ୍ୟବହାର ହେବ ସୋଲାର ଲାଇଟ୍

**କେନ୍ଦ୍ରାପଡା ଅଫିସ୍, ୧୭।୩**

**ବଦଳିବ କିରୋସିନ ଲଣ୍ଠନ**



- ୧୪୩୮ ବୁଥ୍ ପାଇଁ ୧୬୦୦ ସୋଲାର ଲାଇଟ୍ କିଣାଯିବ
- ଚାଇନା ସାମଗ୍ରୀ ବ୍ୟବହାରକୁ ବିରୋଧ

କେନ୍ଦ୍ରାପଡା ଜିଲାର ୫ ବିଧାନସଭା ନିର୍ବାଚନମଣ୍ଡଳୀରେ ବୁଥ୍ ସଂଖ୍ୟା ୧୪୩୮। ଆସନ୍ତା ଏପ୍ରିଲ ୨୯ରେ ହେବାକୁ ଥିବା ସାଧାରଣ ନିର୍ବାଚନରେ ଜିଲାର ସମସ୍ତ ବୁଥ୍‌ରେ କିରୋସିନ ଲଣ୍ଠନ ପରିବର୍ତ୍ତେ ସୌରଚାଳିତ ଲଣ୍ଠନ ବ୍ୟବହାର କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ଟେଣ୍ଡର ମଧ୍ୟ ସରିଛି। ଏ ସମ୍ପର୍କରେ ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର କୁହନ୍ତି, ୨୦୧୪ରେ ବ୍ୟବହୃତ କିରୋସିନ ଲଣ୍ଠନକୁ ନିକଟରେ ପରୀକ୍ଷଣ କରାଯାଇଥିଲା। ସେଥିରୁ ବହୁ ଲଣ୍ଠନ ବ୍ୟବହାର ଉପଯୋଗୀ ହୋଇ ରହିନାହିଁ। ଏହାର ବଦଳ ଆବଶ୍ୟକତା ଥିବାରୁ ପରିବେଶ ଅନୁକୂଳ ସୋଲାର ଲାଇଟ କିଣିବାକୁ ପ୍ରଶାସନ ନିଷ୍ପତ୍ତି ନେଇଛି। ଏହି ଲାଇଟ୍‌ର ଦାମ ୨୦୦ରୁ ୩୦୦ ଟଙ୍କା ମଧ୍ୟରେ ରହିଥିବା ବେଳେ ଏଥିପାଇଁ ଏକ କମିଟି ଗଠନ କରାଯାଇ ପ୍ରାୟ ୧୬୦୦ ସୌର ଲଣ୍ଠନ କିଣାଯିବାକୁ ନିଷ୍ପତ୍ତି ହୋଇଛି।

ଏ ସମ୍ପର୍କରେ ଜିଲାପାଳ ଦାଶରଥି ଶତପଥୀ କୁହନ୍ତି, କିରୋସିନ ଜନସାଧାରଣଙ୍କୁ ପିଡିଏସ୍ (ପବ୍ଲିକ ଡିଷ୍ଟ୍ରିବ୍ୟୁଶନ ସିଷ୍ଟମ)ରେ ପ୍ରଦାନ କରାଯାଉଛି। ସାଧାରଣ ନିର୍ବାଚନ ପାଇଁ ଏହି କିରୋସିନରୁ ହଜାରେ ଲିଟରରୁ ଅଧିକ ଖର୍ଚ୍ଚ ହେବ। ସବୁ ବୁଥ୍‌ରେ ସୋଲାର ଲାଇଟ ବ୍ୟବହାର ହେଲେ ଆର୍ଥିକ ଦୁର୍ବଳ ଶ୍ରେଣୀ ପାଇଁ ଆସୁଥିବା କିରୋସିନ ଖର୍ଚ୍ଚ ନ ହୋଇ ରହିଯିବ। ସେହିପରି ଅନେକ ସମୟରେ କିରୋସିନ ଲଣ୍ଠନ କାଚ ଭାଙ୍ଗି ନିର୍ବାଚନ କର୍ମଚାରୀ କ୍ଷତବିକ୍ଷତ ହେଉଥିବା ଦେଖିବାକୁ ମିଳୁଛି। ବୁଥରେ ସୋଲାର ଲାଇଟ ବ୍ୟବହାର ହେଲେ ବିଦ୍ୟୁତ ସମସ୍ୟାରୁ ତ୍ରାହି ମିଳିବ ବୋଲି ଜିଲାପାଳ ଶତପଥୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ପରିବେଶବିତ୍ ହେମନ୍ତ କୁମାର ରାଉତ କୁହନ୍ତି, ଜିଲା ପ୍ରଶାସନର ଏହି ନିଷ୍ପତ୍ତି ସ୍ୱାଗତଯୋଗ୍ୟ ପଦକ୍ଷେପ। ଗୋଟିଏ ଲିଟର କିରୋସିନକୁ ଇନ୍ଧନ ଭାବେ ବ୍ୟବହାର କଲେ ପ୍ରାୟ ଅଢ଼େଇ କେଜିର ଧୂଆଁ ବାହାରି ବାୟୁ ପ୍ରଦୂଷଣ ହୁଏ, ଯାହା ସାଧାରଣ ଲୋକଙ୍କ ପାଇଁ କ୍ଷତିକାରକ। ଏହାବ୍ୟତୀତ ସାଧାରଣ ନିର୍ବାଚନରେ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ହେଉଥିବାରୁ ଏହା ବେଶ ଉପଯୋଗୀ ହେବ ବୋଲି ପରିବେଶବିତ ରାଉତ ପ୍ରକାଶ କରିଛନ୍ତି। ଅପରପକ୍ଷରେ ସାମାଜିକ କର୍ମୀ ପ୍ରତାପ କୁମାର ମହାନ୍ତି କୁହନ୍ତି, ବୁଥ୍‌ରେ ଚାଇନାରେ ନିର୍ମିତ ସୋଲାର ଲାଇଟ ବ୍ୟବହାର କରା ନ ଯାଉ। ନିକଟରେ ପୁଲୱାମା ବିସ୍ଫୋରଣରେ ଶହୀଦ ଯବାନଙ୍କ ପ୍ରତି ଏହା ଅପମାନ ସଦୃଶ। ପୁଲଓମା ବିସ୍ଫୋରଣର ମୁଖ୍ୟ ମାସୁଦ ଆଜ୍ହାରଙ୍କୁ ବିଶ୍ୱ ଆତଙ୍କବାଦୀ ଘୋଷଣା ପାଇଁ ଭାରତର ପ୍ରୟାସକୁ ଚାଇନା ବିଫଳ କରିଛି। ଏଥିପାଇଁ ଚାଇନା ସାମଗ୍ରୀକୁ ସାଧାରଣରେ ବର୍ଜନ ପାଇଁ ଆହ୍ୱାନ ଦିଆଯାଉଛି। ତେଣୁ ନିର୍ବାଚନ ବେଳେ ଚାଇନା ସାମଗ୍ରୀ ବ୍ୟବହାର ନ କରିବାକୁ ସାମାଜିକ କର୍ମୀ ମହାନ୍ତି କହିଛନ୍ତି।

## ନୂଆ ଇଦ୍‌ଗା ପଡ଼ିଆଠାରେ ସରକାର-ଇ-ଦୋଆଲମ ସମ୍ମିଳନୀ

**କେନ୍ଦ୍ରାପଡା ଅଫିସ୍, ୧୭।୩**

ସହରର ନୂଆ ଇଦ୍‌ଗା ପଡ଼ିଆଠାରେ ତନଜିମ-ଇ-ଇମାମ୍ ଅହମ୍ମଦ ରଜା ସଂଗଠନ ପକ୍ଷରୁ ଦୁଇଦିନିଆ ସରକାର-ଇ-ଦୋଆଲମ ସମ୍ମିଳନୀ ରବିବାରଠାରୁ ଆରମ୍ଭ ହୋଇଛି। ଏଥିରେ ଭାରତର ବହୁ ଖ୍ୟାତନାମା ଧର୍ମଗୁରୁ ଯୋଗ ଦେଇ ଶାନ୍ତି, ସୋହାର୍ଦ୍ଦ୍ୟ ଓ ଭାଇଚାରାର ବାର୍ତ୍ତା ଦେଇଛନ୍ତି। ଏଥିସହ ଧର୍ମଗୁରୁମାନେ ଆତଙ୍କବାଦ ବିରୋଧରେ ନିଜର ମତ ରଖିଛନ୍ତି। ହାଫିଜ କମାରୁଦ୍ଦିନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମହାରାଷ୍ଟ୍ରର ହଜରତ ମୌଲାନା ଅମିନୁଲ କାଦରି, ୟୁପିର ମୌଲାନା ସହଞ୍ଜାର ଖାଁ, ବରେଲିର ମୌଲାନା ସଗିର ଅହମ୍ମଦ ଯୋଖନ୍ତୁ, କଲିକତାର ମୌଲାନା ତାହିର ବିସବାହୀ, କାନପୁରର ହଜରତ ମୌଲାନା ମୁଫ୍‌ତି ସାହାବାଜ ଅନୱର, ହଜରତ ମୌଲାନା କାରି ଦିଲସାଦ ବନାରସି, ସାୟର ମୋବାରକ ହୋସେନ ମୋବାରକ, ସାୟର ସମିମ ଫଇଜି, ନକିବ ଅହଲେ ସୁନ୍ନତ ହଜରତ ମୌଲାନା ଆଲସଗିର ଅସରଫ ସମ୍ମିଳନୀରେ ଯୋଗଦେଇ ନିଜର ମତ ଉପସ୍ଥାପନ କରିଥିଲେ। ଧର୍ମଗୁରୁମାନେ ମହମ୍ମଦଙ୍କ ବାଣୀ ପ୍ରଚାର ସହ ଜାତୀୟ ଏକତା, ମାଆବାପାଙ୍କ ସେବା, ନମାଜ ପାଠ ସମ୍ପର୍କରେ ଆଲୋକପାତ କରିଥିଲେ। କମିଟି ସଦସ୍ୟ ତଜମୁଲ ହୋସେନ, ସୟଦ ନୁରୁଦ୍ଦିନ, ମହମ୍ମଦ ଫାରୁକ, ଗୟାସୁଦ୍ଦିନ ଖାଁ, ସୟଦ ଉସ୍‌ମାନ ଅଲ୍ଲୀ ପ୍ରମୁଖ ସମ୍ମିଳନୀ ପରିଚାଳନା କରିଥିଲେ। ଏଥିରେ ବହୁ ମୁସଲମାନ ସମ୍ପ୍ରଦାୟ ବ୍ୟକ୍ତି ଯୋଗ ଦେଇଥିଲେ।

## କଂଗ୍ରେସର ସାଂଗଠନିକ ବୈଠକ



ବୈଠକରେ କଂଗ୍ରେସ ନେତା ଓ କର୍ମୀମାନେ।

**ରାଜକନିକା, ୧୭।୩ (ଡି.ଏନ୍.ଏ.)**

ରାଜକନିକା ବ୍ଲକ କଂଗ୍ରେସର ଏକ ସାଂଗଠନିକ ବୈଠକ ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ରାଜକନିକା ବ୍ଲକ କାଳିକାପୁରସ୍ଥିତ କାଳୀକାଇଙ୍କ ପୀଠରେ ଅନୁଷ୍ଠିତ ବୈଠକରେ ପୂର୍ବକନିକା ୨୯ ନଂ. ଜୋନ୍ ସଭାପତି ମଙ୍ଗୁଳି ଚରଣ ବେହେରା ସଭାପତିତ୍ୱ କରିଥିଲେ। ବୈଠକରେ ଆଳି ବିଧାୟକ ଦେବେନ୍ଦ୍ର ଶର୍ମା କର୍ମୀମାନଙ୍କ ସହ ସାଂଗଠନିକ ସ୍ଥିତି ସମ୍ପର୍କରେ ଆଲୋଚନା କରି ଆଗାମୀ ସାଧାରଣ ନିର୍ବାଚନ ଲାଗି ଦଳର ରଣ ନୀତି ପ୍ରସ୍ତୁତ କରିଥିଲେ। ୨୭ ନଂ. ଜୋନ ସଭାପତି ଅଜୟ ଦାସ, ୨୮ ନଂ. ଜୋନ୍ ସଭାପତି ବିଦ୍ୟାଧର ବରଜ, ବରିଷ୍ଠନେତା ବିକ୍ରମ ଦାସ, ଦୁର୍ଯ୍ୟୋଧନ ମହାନ୍ତି ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ସେହିପରି ଲୋକ ସଭା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ, ବିଧାନସଭା ଯୁବ କଂଗ୍ରେସ ସଭାପତି ରାଜମୋହନ ସ୍ୱାଇଁ, କଂଗ୍ରେସ ସମର୍ଥିତ ସମସ୍ତ ସରପଞ୍ଚ ଓ ସମିତିସଭ୍ୟଙ୍କ ସମେତ କଂଗ୍ରେସ କର୍ମୀମାନେ ବୈଠକରେ ଉପସ୍ଥିତ ଥିଲେ। ଆଗାମୀ ନିର୍ବାଚନରେ ସଂଗଠନକୁ ସୁଦୃଢ଼ କରିବା ସହ ଆଳି ନିର୍ବାଚନମଣ୍ଡଳୀରେ ପୁଣି କଂଗ୍ରେସ ଦଖଲ ପାଇଁ ରଣନୀତି ପ୍ରସ୍ତୁତି ସମ୍ପର୍କରେ ଆଲୋଚନା ହୋଇଥିଲା।

## ସଫା ହେଲା ଆବର୍ଜନାପୂର୍ଣ୍ଣ ପଡ଼ିଆ

**କେନ୍ଦ୍ରାପଡ଼ା ଅଫିସ୍, ୧୭।୩**

କେନ୍ଦ୍ରାପଡା ବ୍ଲକ ବାରୁଅସ୍ଥିତ ସିଦ୍ଧମଠ ପଡ଼ିଆ ଓ ନିକଟସ୍ଥ ସମାବେଶସ୍ଥଳର ସଫେଇ ରବିବାର ଆରମ୍ଭ ହୋଇଛି। ଗତ ୧୦ ତାରିଖରେ ଉକ୍ତ ପଡ଼ିଆରେ ମିଶନ ଶକ୍ତି ମହିଳା ସମାବେଶ ଅନୁଷ୍ଠିତ ହୋଇଥିବା ବେଳେ ଏହା ପରେ ପଡ଼ିଆରେ ଅଇଁଠା ପତ୍ର, କାଗଜ , ପଲିଥିନ୍ ଆଦି ପଡ଼ି ରହିଥିଲା। ଏହାର ସଫେଇ କରାଯାଉ ନ ଥିବା ନେଇ ଦୈନିକ ଖବର କାଗଜ ଧରିତ୍ରୀରେ ରବିବାର ଖବର ପ୍ରକାଶ ପାଇଥିଲା। ଏହାପରେ ଜିଲା ଯୁବ ବିଜେଡି, ବିଜୁ ଯୁବ ବାହିନୀ ସହିତ ଜିଲା ପ୍ରଶାସନ ପକ୍ଷରୁ ଉକ୍ତ ପଡ଼ିଆ ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି। ଜିଲା ଯୁବ ବିଜେଡି ସଭାପତି ରାଜେଶ କୁମାର ପଣ୍ଡା, ବିଜୁ ଯୁବ ବାହିନୀ ସଦସ୍ୟ ସୁମନ୍ତ ପରିଡା, ଦେବାଶିଷ ସ୍ୱାଇଁ, ବଳଭଦ୍ର ପଣ୍ଡା, ବିଜୟ କୁମାର ମଣ୍ଡଳ ପ୍ରମୁଖଙ୍କ ନେତୃତ୍ୱରେ ୩୦ରୁ ଅଧିକ ଯୁବକ ଏହି ସଫେଇରେ ସାମିଲ ହୋଇଥିଲେ। ସେହିପରି ଜିଲା ପ୍ରଶାସନ ପକ୍ଷରୁ ଟ୍ରାକ୍ଟର ଓ କର୍ମଚାରୀ ଅଳିଆ ହଟାଇଥିଲେ। ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ଫେବୃୟାରୀ ୧୫ରେ କାଳିଆ ସମାବେଶ ଓ ମାର୍ଚ୍ଚ ୧୦ ତାରିଖରେ ମିଶନ ଶକ୍ତି ମହିଳା ସମାବେଶ ହୋଇଥିଲା। ଏହି ସମାବେଶ ସ୍ଥଳର ପ୍ରାୟ ୧୫ ଏକର କ୍ଷେତ ଜମି ଉପରେ କାର୍ପେଟ ବିଛା ଯାଇ ଥଣ୍ଡା ବୋତଲ ଠିପି ଉପରେ ୩ ଇଞ୍ଚ ଲମ୍ବ କଣ୍ଟା ପିଟା ହୋଇଥିଲା। ଦୁଇ ସମାବେଶରେ ସାମିଲ ହୋଇଥିବା ଲୋକମାନେ ବ୍ୟବହାର କରିଥିବା ପ୍ଲାଷ୍ଟିକ ଓ ଅନ୍ୟାନ୍ୟ ସାମଗ୍ରୀ ସମାବେଶ ସ୍ଥଳ ପଡ଼ିଆଠାରେ ପଡି ରହି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଥିଲା।



ବିଜୁ ଯୁବ ବାହିନୀ ସଦସ୍ୟ ଓ ଅନ୍ୟମାନେ ପଡ଼ିଆ ସଫେଇ କରୁଛନ୍ତି।

## ବର୍ଷକ ପରେ ବି ସହାୟତା ପାଇନାହାନ୍ତି ମୁଗଚାଷୀ

- ବିଭାଗୀୟ ଅଧିକାରୀଙ୍କ ଅଣଦେଖା, ଆନ୍ଦୋଳନ ଚେତାବନୀ

**ପାଟକୁରା, ୧୭।୩ (ଡି.ଏନ.ଏ.)**

ଗରଦପୁର ବ୍ଲକ ଅଧୀନ ବେଡାରୀ ପଞ୍ଚାୟତର ବେଡାରୀ, ସୋଲପାଟ, କୁଳଡୁଠୀ, ହରିଦାସପୁର, ପରକଣା, ଶ୍ରୀଚନ୍ଦନପୁର ଓ ଦଲୁଆଣି ଗ୍ରାମରେ ଗତବର୍ଷ କୃଷି ବିଭାଗ ତରଫରୁ ମୁଗଚାଷ କରାଯାଇଥିଲା। ଜାତୀୟ ଖାଦ୍ୟ ସୁରକ୍ଷା ମିଶନରେ ହେଉଥିବା ଏହି ଚାଷ ପାଇଁ ଗରଦପୁର କୃଷି ବିଭାଗ ୩୫୦ ଜଣ ଚାଷୀଙ୍କୁ ମାଗଣାରେ ମୁଗ ବିହନ ଯୋଗାଇ ଦେଇଥିଲେ। ଧାଡ଼ିରେ ବୁଣା ହେଉଥିବା ମୁଗଚାଷ ପାଇଁ କୃଷି ବିଭାଗ ଏକର ପ୍ରତି ୫୨୦ ଟଙ୍କା ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବେଡ଼ାରୀ ପଞ୍ଚାୟତ ଅଞ୍ଚଳର ୩୫୦ ଏକର ଜମିରେ ମୁଗଚାଷ କରାଯାଇଥିଲା। ଚାଷୀମାନଙ୍କଠାରୁ ବ୍ୟାଙ୍କ ପାସ୍‌ବୁକ ନମ୍ବର ନିଆଯାଇଥିଲା। କିନ୍ତୁ ମୁଗଚାଷ ହେବାର ବର୍ଷକ ପରେ ମଧ୍ୟ ୨୦୦ ମୁଗଚାଷୀ ଆର୍ଥିକ ସହାୟତା ରାଶି ପାଇ ପାରିନାହାନ୍ତି। ଏ ବାବଦରେ ସହକାରୀ କୃଷି ଅଧିକାରୀ ସୌମେନ୍ଦ୍ର ମହାନ୍ତିଙ୍କୁ ପଚାରିବାରେ ତାଙ୍କଠାରୁ କୌଣସି ସନ୍ତୋଷଜନକ ଉତ୍ତର ମିଳି ପାରିନାହିଁ। ବେଡାରୀ କାର୍ଯ୍ୟକ୍ରମରେ ପିଠା କାର୍ଯ୍ୟକ୍ରମ ଚାଲିଥିବା ଅବସରରେ କେତେଜଣ ଚାଷୀ ଏ ନେଇ ଜିଲା କୃଷି ଅଧିକାରୀ ଶରତ ଦାସଙ୍କୁ ଜଣାଇଥିଲେ। ଏଥିସହ ଦାୟିତ୍ୱରେ ଥିବା କୃଷି କର୍ମଚାରୀ ପ୍ରଦୀପ ପଟ୍ଟନାୟକଙ୍କୁ କେତେଜଣ ଚାଷୀ ଏ ବାବଦରେ ଅଭିଯୋଗ କରିବା ପରେ ସେ ଉଚ୍ଚ ଅଧିକାରୀଙ୍କୁ ଜଣାଇଥିଲେ। ମାତ୍ର ଅଦ୍ୟାବଧି ଏ ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଚାଷୀ ଆନ୍ଦୋଳନ ହେବ ବୋଲି ପ୍ରତାପ ପରିଡା, ଗୌରାଙ୍ଗ ନାୟକ, କୈଳାସ ମିଶ୍ର, ମାନସ ସାହୁ, ଲଲାଟେନ୍ଦୁ ସେନାପତିଙ୍କ ସମେତ ଅନେକ ଚାଷୀ ଚେତାବନୀ ଦେଇଛନ୍ତି।

## ରାଧାମୋହନ ମନ୍ଦିର ପ୍ରତିଷ୍ଠା

**ଆଳି, ୧୭।୩ (ଡି.ଏନ.ଏ.)**

ଆଳି ବ୍ଲକ ଅଧୀନ କୋଳିଡିହ ପଞ୍ଚାୟତ ଇଚ୍ଛାପୁର ଗ୍ରାମରେ ରବିବାର ରାଧାମୋହନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମନ୍ଦିରରେ ରାଧାମୋହନଙ୍କ ମୂର୍ତ୍ତି ପ୍ରତିଷ୍ଠା କରାଯିବା ପରେ ଗତ ମଙ୍ଗଳବାର ଅଙ୍କୁରାରୋପଣ, ଶୁଭାଧିବାସ, ବୁଧବାର କଳସ ଯାତ୍ରା କରାଯିବା ପରେ ଯଜ୍ଞ ଆରମ୍ଭ ହୋଇଥିଲା। ଶୁକ୍ରବାର ଯଜ୍ଞ ପୂର୍ଣ୍ଣାହୁତି ଦିଆଯାଇଥିଲା। ଇଚ୍ଛାପୁର ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଦେଖିବାକୁ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

## ଅଗ୍ନିକାଣ୍ଡରେ ଆହତ ବ୍ୟକ୍ତିଙ୍କ ପରଲୋକ

**ଆଳି, ୧୭।୩ (ଡି.ଏନ.ଏ)**

ଆଳି ବ୍ଲକ ଭୂଇଁପୁର ପଞ୍ଚାୟତ ମାନପୁର ଗ୍ରାମର ସୁଲେଖ ସାମଲଙ୍କ ଘରେ ଗତ ୧୧ତାରିଖରେ ଅଗ୍ନିକାଣ୍ଡ ଘଟି ଗୋଟିଏ ଗାଈ ଜୀବନ୍ତଦଗ୍ଧ ହୋଇଥିବା ବେଳେ ସୁଲେଖ ଗୁରୁତର ହୋଇଥିଲେ। କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ତାଙ୍କର ମୃତ୍ୟୁ ଘଟିଛି।

ଘଟଣା ମୁତାବକ, ଗତ ସୋମବାର ବିଳମ୍ବିତ ରାତିରେ କୌଣସି କାରଣରୁ ସୁଲେଖଙ୍କ ଗୁହାଳ ଘରେ ନିଆଁ ଲାଗିଯାଇଥିଲା। ଏଥିରେ ତାଙ୍କର ଗୋଟିଏ ଗାଈ ଜୀବନ୍ତଦଗ୍ଧ ହୋଇଯାଇଥିବା ବେଳେ ଅନ୍ୟ ୩ଟି ଗାଈ ଆହତ ହୋଇଥିଲେ। ଗାଈଗୁଡ଼ିକୁ ଉଦ୍ଧାର କରିବାକୁ ଯାଇ ସୁଲେଖ ଗୁହାଳ ଭିତରକୁ ଯାଇଥିବା ବେଳେ ତାଙ୍କ ଉପରେ ଏକ ନିଆଁ ଖଣ୍ଡ ଖସିପଡ଼ିଥିଲା। ତାଙ୍କୁ ପ୍ରଥମେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ମେଡିକାଲକୁ ପଠାଯାଇଥିଲା। ତାଙ୍କ ଶରୀରର ପ୍ରାୟ ୮୦ ପ୍ରତିଶତ ଜଳିଯାଇଥିବା ବେଳେ ଶନିବାର ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଜିଲା ପ୍ରଶାସନ ଓ ସରକାରଙ୍କ ପକ୍ଷରୁ ବିପନ୍ନ ପରିବାରକୁ ତୁରନ୍ତ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ପୂର୍ବତନ ମନ୍ତ୍ରୀ ପ୍ରହଲ୍ଲାଦ ମଲ୍ଲିକଙ୍କ ସ୍ମୃତିସଭା




ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

**କେନ୍ଦ୍ରାପଡ଼ା ଅଫିସ୍, ୧୭।୩**

ଜିଲା ପ୍ରତିଭା ପୂଜା ସଂସଦ ପକ୍ଷରୁ ସହରର ମାଧପୁରସ୍ଥିତ ଏକ କଲ୍ୟାଣ ମଣ୍ଡପ ପରିସରରେ ପୂର୍ବତନ ମନ୍ତ୍ରୀ ପ୍ରହଲ୍ଲାଦ ମଲ୍ଲିକଙ୍କ ୨୯ତମ ସ୍ମୃତିସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାରେ ସଂସଦ ସଭାପତି ପ୍ରଦୀପ୍ତ କୁମାର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଏଥିରେ ପୂର୍ବତନ ମନ୍ତ୍ରୀ ଭାଗବତ ପ୍ରସାଦ ମହାନ୍ତି, ସ୍ୱାଧୀନତା ସଂଗ୍ରାମୀ ନଟବର କାନୁନ୍‌ଗୋ, ନକୁଳ ଚରଣ ଦାସ, ପୂର୍ବତନ ବିଧାୟିକା ଡା. ସିପ୍ରା ମଲ୍ଲିକ, ଶିକ୍ଷାବିତ୍ ଭଜକୃଷ୍ଣ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ସ୍ୱର୍ଗତ ମଲ୍ଲିକଙ୍କ ସ୍ମୃତିଚାରଣ କରିବା ସହ ଜିଲାର ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ତାଙ୍କର ଅବଦାନ ସମ୍ପର୍କରେ ମତ ଦେଇଥିଲେ। ଏହି ଅବସରରେ ଶିକ୍ଷାବିତ୍ ଲକ୍ଷ୍ମୀ ନାରାୟଣ ପ୍ରସାଦ ଦାସ ଓ ପୂର୍ବତନ କାଉନ୍‌ସିଲର ବିଶ୍ୱନାଥ ବେହେରା, ସାମାଜିକ କର୍ମୀ ଦାମୋଦର ମଲ୍ଲିକଙ୍କୁ ସ୍ୱର୍ଗତ ପ୍ରହଲ୍ଲାଦ ମଲ୍ଲିକ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଗୋଲଖ ଚନ୍ଦ୍ର ପଢ଼ିଆରୀ ଅତିଥି ପରିଚୟ ଓ ସମ୍ପାଦକ ସୁଶୀଲ କୁମାର ସାମଲ ସ୍ୱାଗତ ଭାଷଣ ଦେଇଥିଲେ।

## ମୁସ୍ତାକଙ୍କ ମ୍ୟୁଜିୟମ୍‌ରେ ନେତାଜୀଙ୍କ ସ୍ମାରକୀ

- ପ୍ରଚାର, ପ୍ରସାର ଦିଗରେ ଦୃଷ୍ଟି ଦେବାକୁ ଦାବି

**କେନ୍ଦ୍ରାପଡା ଅଫିସ୍, ୧୭।୩**









ମ୍ୟୁଜିୟମରେ ନେତାଜୀଙ୍କ ଫଟୋ, ଚିଠି, ମୁଦ୍ରା ଓ ଲଣ୍ଠନ।

ସହରର ଫକୀରାବାଦସ୍ଥିତ ସେକ୍ ମୁସ୍ତାକଙ୍କ ମ୍ୟୁଜିୟମ୍‌ରେ ଭରି ରହିଛି ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ବହୁ ସ୍ମାରକୀ। ଫଟୋ, ହାତଲେଖା ଚିଠି, ନେତାଜୀଙ୍କ ଭାଷଣ ଠାରୁ ଆରମ୍ଭ କରି ୧୫୦ରୁ ଊର୍ଦ୍ଧ୍ୱ ନିଉଜ କ୍ଲିପ। ଛୋଟ ବଖୁରିଆ ଘରେ ସଂଗୃହୀତ ବହୁ ପୁରୁଣା ସ୍ମୃତି ସାଇତା ହୋଇଥିବା ବେଳେ ବହୁ ବିଦ୍ୱାନ୍ ଏହାକୁ ଗବେଷଣା କରିଛନ୍ତି। ଏକ ବଡ଼ ଘର ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଗଲେ ଏହା ସମସ୍ତଙ୍କ ନିକଟରେ ପହଞ୍ଚିପାରନ୍ତା। ୫୫ ବର୍ଷୀୟ ସେକ୍ ମୁସ୍ତାକ ପେସାରେ ଜଣେ ଓକିଲ। ତେବେ ପୁରୁଣା ସ୍ମୃତି ସାଉଣ୍ଟିବା ଆଗ୍ରହ ଯୋଗୁ ସେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ତାଙ୍କର ଏହି ମ୍ୟୁଜିୟମ୍‌ରେ ନେତାଜୀଙ୍କ ୧୯୧୩ ମସିହାରେ ଏଣ୍ଟ୍ରାନ୍ସ ପରୀକ୍ଷାରେ ପାସ କରିଥିବା ବିହାର ଓ ଓଡ଼ିଶାର ଗେଜେଟ ନୋଟିଫିକେସନ ସାଇତା ହୋଇଛି। ସେହିପରି ଇଣ୍ଡିଆନ ନ୍ୟାଶନାଲ ଆର୍ମି (ଆଇଏନଏ)ର କ୍ୟାପଟେନ ଡା. ଲକ୍ଷ୍ମୀ ସାଇଗଲଙ୍କ ନିକଟକୁ ଲେଖିଥିବା ହାତଲେଖା ଚିଠି ମଧ୍ୟ ଏଠାରେ ସାଇତା ହୋଇ ରହିଛି। ଆଇଏନ୍ଏ ପକ୍ଷରୁ ଜାରି ହୋଇଥିବା ୧୯୪୨ ମସିହାର ପୋଷ୍ଟାଲ ଷ୍ଟାମ୍ପ ସହିତ ବଙ୍ଗଳାର ବାସୁମତି ମାଗାଜିନ ମଧ୍ୟ ରହିଛି। ଏହି ମାଗାଜିନରେ ନେତାଜୀଙ୍କ ୭୫ରୁ ଊର୍ଦ୍ଧ୍ୱ ଫଟୋ ସ୍ଥାନୀତ ହୋଇଛି। ଆଇଏନ୍ଏ ସୈନିକଙ୍କ ଫଟୋ ସହ ଓଡ଼ିଶାର ଲକ୍ଷ୍ମୀ ଓ ନେତାଜୀଙ୍କ ବିରଳ ଫଟୋ ବହୁ ଗବେଷକଙ୍କୁ ଆକର୍ଷିତ କରୁଛି। ନେତାଜୀଙ୍କ ସ୍ମାରକୀ ସମ୍ପର୍କରେ ସେକ୍ ମୁସ୍ତାକ କୁହନ୍ତି, ନେତାଜୀଙ୍କ ଜନ୍ମ ଶତବାର୍ଷିକୀ ୧୯୯୭ ମସିହାରେ ପାଳନ ହୋଇଥିଲା। ନେତାଜୀଙ୍କ ସ୍ମାରକୀ ପାଇଁ ପ୍ରକାଶିତ ତ୍ରୁଟିପୂର୍ଣ୍ଣ ମୁଦ୍ରାକୁ ଏଠାରେ ରଖାଯାଇଛି। ସେହିପରି ଯାଜପୁର ଜିଲା କୋରେଇ ଗ୍ରାମର ଅବଦୁଲ ହମିଦ ହଜାରୀ ୧୫ ବର୍ଷ ପୂର୍ବେ ନେତାଜୀଙ୍କ ବ୍ୟବହୃତ ହୋମିଓପାଥି ବକ୍ସ, ମୁରୁନି ଗ୍ଲାସ ଓ ବହୁ ବିରଳ ଫଟୋ ମ୍ୟୁଜିୟମ ପାଇଁ ପ୍ରଦାନ କରିଛନ୍ତି। ୧୯୧୦ ମସିହାରେ ଓଡିଶାରେ କଲେରା ରୋଗରୁ ନିବୃତ୍ତ ପାଇଁ ନେତାଜୀ ବ୍ୟବହାର କରୁଥିବା ବ୍ଲିଚିଂ ପାଉଡର ବାକ୍ସ ପୁରୁଣା ସ୍ମୃତିକୁ ନିଶ୍ଚିତ ଭାବେ ଉଜ୍ଜୀବିତ କରିବ। ହଜାରୀଙ୍କ ଜେଜେ ରେଭେନ୍ସା କଲେଜିଏଟ ସ୍କୁଲରେ ପଢୁଥିବା ବେଳେ ନେତାଜୀଙ୍କ ସହିତ ଅନ୍ତରଙ୍ଗ ଥିଲେ ବୋଲି ସଂଗ୍ରାହକ ମୁସ୍ତାକ ପ୍ରକାଶ କରିଛନ୍ତି। ମ୍ୟୁଜିୟମ ସମ୍ପର୍କରେ ବୁଦ୍ଧିଜୀବୀ ଆଶିଷ କୁମାର ସେନାପତି କୁହନ୍ତି, ନେତାଜୀଙ୍କ ସମ୍ପର୍କରେ ୨୦୦ରୁ ଊର୍ଦ୍ଧ୍ୱ ପୁସ୍ତକ ଏଠାରେ ରହିଛି। ସେହିପରି ନେତାଜୀଙ୍କ ଭାଷଣ ରେକର୍ଡ ଯେକୌଣସି ସାଧାରଣ ଲୋକଙ୍କୁ ଆକର୍ଷିତ କରିପାରିବ। ତେବେ ମ୍ୟୁଜିୟମ ପାଇଁ ପ୍ରଶସ୍ତ ସ୍ଥାନର ଆବଶ୍ୟକତା ଅଛି। ଏଥିପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେଲେ ନେତାଜୀଙ୍କ ଏହି ସ୍ମୃତି ସମସ୍ତଙ୍କ ପାଖରେ ପହଞ୍ଚି ପାରିବ ବୋଲି ଆଶିଷ କହିଛନ୍ତି।

ଧରିତ୍ରୀ DHARITRI
ଭୁବନେଶ୍ୱର, ସୋମବାର, ୧୮ ମାର୍ଚ୍ଚ, ୨୦୧୯



# ବିଜେଡିରେ ଏକାଧିକ ଆଶାୟୀ

**ଜଗତ୍‌ସିଂହପୁର ଅଫିସ, ୧୭।୩**

ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଆସନ୍ତା ନିର୍ବାଚନ ପାଇଁ କଂଗ୍ରେସ ଓ ଭାଜପାରେ ଜଣେ ଲେଖାଏ ଆଶାୟୀ ଥିବାବେଳେ ବିଜେଡିରେ ଏକାଧିକ ଆଶାୟୀ ପ୍ରାର୍ଥୀ ରହିଛନ୍ତି। ତେଣୁ ସେମାନଙ୍କ ମଧ୍ୟରୁ ଟିକେଟ୍ ପାଇବା ପାଇଁ ଅଧିକାଂଶ ନେତା ଏବେ ରାଜଧାନୀରେ ଡେରା ପକାଇଛନ୍ତି। ତେବେ ବାସ୍ତବରେ ଏହି ନେତାମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ସେଭଳି ସଙ୍ଗଠନ ନ ଥିବା କୁହାଯାଉଛି। କୌଣସି ପ୍ରକାରେ ଟିକେଟ ପାଇଗଲେ ତାହା ସେମାନଙ୍କ ପାଇଁ ଆଶୀର୍ବାଦ ହୋଇଯିବ। ଅନ୍ୟପକ୍ଷରେ ଜିଲା ବିଜେଡି ସଭାପତି ବିଷ୍ଣୁ ଦାସ ମାପିଚୁପି ଗୋଟି ଚଳାଉଛନ୍ତି। ଦୀର୍ଘ ୩୦ ବର୍ଷ ଧରି ନିର୍ବାଚନମଣ୍ଡଳୀରେ ସେ ଦଳୀୟ ନେତୃତ୍ୱ ନେଇଆସୁଛନ୍ତି। ତେଣୁ ତାଙ୍କ ନେତୃତ୍ୱ ପ୍ରତି ଯେଭଳି କୌଣସି ବିପଦ ସୃଷ୍ଟି ନ ହେଉ ସେଥିପ୍ରତି ସେ ବେଶ୍ ସତର୍କତା ଅବଲମ୍ବନ କରୁଛନ୍ତି। ଏଭଳି ସ୍ଥିତିରେ ବିଷ୍ଣୁଙ୍କ ଗୋଟି ଚାଳନା ଓ ଆଶାୟୀଙ୍କ ଲବିକୁ ନେଇ ନିର୍ବାଚନମଣ୍ଡଳୀରେ ଚର୍ଚ୍ଚା ଜୋର ଧରିଛି। ଆଉ ଏଥିରେ ଘିଅ ଢାଳୁଛି ସୋସିଆଲ ମିଡିଆରେ ଘୁରି ବୁଲୁଥିବା ବିଭିନ୍ନ ଏସ୍‌ଏମ୍‌ଏସ୍। କେତେଜଣ ଆଶାୟୀ ପ୍ରାର୍ଥୀଙ୍କ ସପକ୍ଷରେ ଏସବୁ ଏସଏମ୍ଏସ୍ ଘୁରିବୁଲୁଥିବାରୁ କର୍ମୀମାନଙ୍କ ମଧ୍ୟରେ ଚାପା ଉତ୍ତେଜନା ପ୍ରକାଶ ପାଉଛି। ଏପରି କି ଏହା ପ୍ରାକ୍ ନିର୍ବାଚନୀ ହିଂସାକୁ ପ୍ରୋତ୍ସାହିତ କରୁଥିବା ଅନେକ ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି। ଏହା ଉପରେ ଅଙ୍କୁଶ ନ ଲାଗିଲେ ଆଗକୁ ଆହୁରି ଅନେକ କିଛି ବିଭ୍ରାନ୍ତିକର ମେସେଜ୍ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିପାରେ ବୋଲି କୁହାଯାଉଛି।

ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ୧୯୯୦ରୁ ୨୦୦୯ ପର୍ଯ୍ୟନ୍ତ ୫ ଥର ବିଧାୟକ ହୋଇଥିଲେ ବିଷ୍ଣୁ। ୧୯୯୦, ୧୯୯୫ରେ ଜନତା ଦଳ, ୨୦୦୦, ୨୦୦୪ ଓ ୨୦୦୯ରେ ବିଜେଡି ପ୍ରାର୍ଥୀ ହୋଇ ଜିତିଥିଲେ। ତେବେ ୨୦୧୪ରେ ଏହି ଆସନଟି କଂଗ୍ରେସ ଦଖଲକୁ ଯାଇଛି। ସେ ଦୃଷ୍ଟିରୁ ବିଷ୍ଣୁଙ୍କ ବ୍ୟତିତ ବିଜେଡିରେ ଅନ୍ୟ କୌଣସି ନେତା ଏଠାରେ ନେତୃତ୍ୱ ନେବା ସ୍ଥିତିରେ ନାହାନ୍ତି।

**ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀ**

- ରାଜଧାନୀରେ ଡେରା ପକାଇଛନ୍ତି ନେତା
- ବାତାବରଣ ଉଷ୍ମ କରୁଛି ସୋସିଆଲ ମିଡିଆ

ତେବେ କିଛି ମାସ ହେଲା ଚର୍ଚ୍ଚା ହେଉଛି ଯେ ବିଷ୍ଣୁ ଏଠାରୁ ଚଳିତ ନିର୍ବାଚନରେ ପ୍ରାର୍ଥୀ ହେବେ ନାହିଁ। ବିଷ୍ଣୁ ମଧ୍ୟ ଏଠାରୁ ପ୍ରାର୍ଥୀ ହେବାକୁ ଚାହୁଁ ନ ଥିବା କହିଥିଲେ। ଏହା ପଛର ରହସ୍ୟ ଯାହା ବି ଥାଉ ନା କାହିଁକି

ବିଜେଡିର ଅନ୍ୟ ଆଶାୟୀମାନଙ୍କୁ ଏହା ଉତ୍ସାହିତ କରିଛି। ବଡ଼ କଥା ହେଲା ଯେଉଁମାନେ ବିଜେଡି ପ୍ରାର୍ଥୀ ହେବାକୁ ମନ ବଳାଇଛନ୍ତି, ସେମାନଙ୍କ ମଧ୍ୟରୁ ଅଧିକାଂଶ ବିଷ୍ଣୁଙ୍କ ଅନୁଗତ। ସେମାନଙ୍କ ମଧ୍ୟରୁ ଅମରେନ୍ଦ୍ର ଦାସଙ୍କ ସପକ୍ଷରେ ସେ ନିଜ ମତ ପ୍ରକାଶ କରିସାରିଛନ୍ତି। ହେଲେ ଅମରେନ୍ଦ୍ରଙ୍କ ପାଇଁ ଅଡୁଆ ସୃଷ୍ଟି କରୁଛନ୍ତି ଅନ୍ୟ ଆଶାୟୀମାନେ। ଏକଦା ବିଷ୍ଣୁଙ୍କ ପାଖଲୋକ ଥିବା ପ୍ରଦୀପ୍ତ ସ୍ୱାଇଁ ୨୦୦୯ ନିର୍ବାଚନ ପୂର୍ବରୁ ତାଙ୍କଠାରୁ ଦୂରେଇ ଯାଇଛନ୍ତି। ସେ ଏବେ ବିଜେଡିର ଅନ୍ୟ ବରିଷ୍ଠ ନେତାଙ୍କୁ ଧରି ଟିକେଟ ପାଇବାକୁ ଉଦ୍ୟମ କରୁଛନ୍ତି। ସେହିପରି ପୂର୍ବତନ ଜିଲା ପରିଷଦ ସଭାପତି ଦେବୀଦତ୍ତ ମହାନ୍ତି ମଧ ଟିକେଟ୍ ଦୌଡ଼ରେ ଅଛନ୍ତି। ଦେବୀଦତ୍ତ ମଧ ବିଷ୍ଣୁଙ୍କ ସହଯୋଗରେ ଏହି ପଦବୀ ପାଇଥିଲେ। ସତ୍ୟବାଦୀ ମିଶ୍ର ନାମକ ଜଣେ ବ୍ୟକ୍ତି କିଛି ମାସ ତଳେ ହଠାତ୍ ଜଗତ୍‌ସିଂହପୁର ସହରରେ ହୋର୍ଡିଂ ମାରି ଚର୍ଚ୍ଚାକୁ ଆସିଥିଲେ। ଏହି ହୋର୍ଡିଂରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଷ୍ଣୁଙ୍କ ଫଟୋ ଦେଖିବାକୁ ମିଳିଥିଲା। ଅନ୍ୟତମ ଆଶାୟୀ ପୂର୍ବତନ ବିଧାୟକ ଜ୍ୟୋତିଷ ଦାସ କିନ୍ତୁ ବିଷ୍ଣୁ ଅନୁଗତ ନୁହନ୍ତି। ସେ ନିଜସ୍ତରରେ ଲବି ଜାରି ରଖିଛନ୍ତି। ବିଜେଡିର ଏଭଳି ଏକାଧିକ ଆଶାୟୀ କଂଗ୍ରେସ ଓ ଭାଜପା ପାଇଁ ସୁଯୋଗ ସୃଷ୍ଟି କରୁଛି। ବିଜେଡିରେ ଯେତେ ଫାଟ ସୃଷ୍ଟି ହେବ ଏହି ଦୁଇ ଦଳର ନେତାଙ୍କୁ ସେତିକି ସହାୟକ ହେବ ବୋଲି କୁହାଯାଉଛି।

## ସଂକ୍ଷେପରେ

### ଧାନକୁଦ ପୀଠରେ ଲଉଡି ମହୋତ୍ସବ



**ବିରିଡି, ୧୭।୩(ଡି.ଏନ.ଏ):** ବିରିଡ଼ି ବ୍ଲକ ଧାନକୁଦ ପୀଠରେ ଶନିବାର ପଞ୍ଚସଖା ଯାଦବ ସଂଘ ଆନୁକୂଲ୍ୟରେ ଚତୁର୍ଦ୍ଦଶ ବାର୍ଷିକ ଲଉଡ଼ି ମହୋତ୍ସବ ଏକ ଆଧାତ୍ମିକ ପରିବେଶରେ ଅନୁଷ୍ଠିତ ହୋଇଛି। ଦୋଳଦଶମୀ ତିଥିରେ ଧାନକୁଦ ଲଉଡ଼ି ସଂସ୍କୃତି କେନ୍ଦ୍ରଠାରେ ଅନୁଷ୍ଠିତ ଏହି ଲଉଡ଼ି ମହୋତ୍ସବରେ ବିଭିନ୍ନ ଅଞ୍ଚଳର ୯ ଦଳ ଭାଗ ନେଇ ଲଉଡି ପରିବେଷଣ କରିଥିଲେ। ବିଶେଷକରି ଗୋପାଳ ଉଗାଳ ବା ଲଉଡି ଖେଳ ହେଉଛି ଶ୍ରୀ ରାଧାକୃଷ୍ଣଙ୍କ ଲୀଳାଖେଳାର ଏକ ମହାନ ଆଧାତ୍ମିକ ନିଦର୍ଶନ। ଏହାକୁ ଗୋପାଳ କୂଳର ଗୁରୁ ମହାପୁରୁଷ ଅଚ୍ୟୁତାନନ୍ଦ ଦାସ ରଚନା କରିଥିଲେ। ଗୋପାଳ ଉଗାଳ ମାଧମରେ ମାନବ ଜୀବନକୁ ଶୃଙ୍ଖଳିତ କରିବାର ବାର୍ତ୍ତା ତାଙ୍କ ରଚିତ ଉଗାଳମାନଙ୍କରେ ଦେଖିବାକୁ ମିଳେ। ଗୋପାଳମାନେ ଯାତସ୍ୱର ବୈଷ୍ଣବ। ତେଣୁ ଅଚ୍ୟୁତାନନ୍ଦ ପୂର୍ବ ଜନ୍ମରେ ଗୋପାଳ ଥିଲେ। ଏ କଳିଯୁଗରେ ସେମାନଙ୍କୁ ଅନୁପ୍ରାଣିତ କରିବା ପାଇଁ ଉଗାଳ ରଚନା କରିଛନ୍ତି ବୋଲି ଧାନକୁଦ ପୀଠର ପୀଠାଧିଶ ବାବା ଅରକ୍ଷିତ ଦାସ ମହାରାଜ, ପଞ୍ଚସଖା ଯାଦବ ସଂଘର ସଭାପତି ଲକ୍ଷ୍ମୀଧର ଦାସ ପ୍ରକାଶ କରିଥିଲେ। ଗୋପାଳ ପିଲାମାନଙ୍କର ଲଉଡି ଖେଳ ବେଶ ଆକର୍ଷଣୀୟ ହୋଇଥିଲା।

### ଭାଗବତ ଗୋସ୍ୱାମୀଙ୍କ ବାର୍ଷିକ ମହୋତ୍ସବ



**ବାଲିଆ, ୧୭।୩:** ବିରିଡ଼ି ବ୍ଲକ ଅଡଙ୍ଗ ମଜୁରାଇ ମଲିକସାହିରେ ଭାଗବତ ଗୋସ୍ୱାମୀଙ୍କ ବାର୍ଷିକ ମହୋତ୍ସବ ମଲିକସାହି ଗ୍ରାମବାସୀଙ୍କ ମିଳିତ ସହଯୋଗରେ ପାଳିତ ହୋଇଛି। ଦେବେନ୍ଦ୍ର ମଲ୍ଲିକ, ଅଲେଖ ଚନ୍ଦ୍ର ମଲ୍ଲିକ, ଅଜୟ କୁମାର ମଲ୍ଲିକ, ପ୍ରଭାକର ମଲ୍ଲିକ, ବିଜୟ ମଲ୍ଲିକ, ରମେଶ ମଲ୍ଲିକ, କିଶୋର ମଲ୍ଲିକ, ରାଜେନ୍ଦ୍ର ମଲ୍ଲିକ ପ୍ରମୁଖଙ୍କ ପରିଚାଳନାରେ ସହଯୋଗ କରିଥିଲେ। ଉତ୍ସବରେ ଗାୟକ କୃଷ୍ଣଚନ୍ଦ୍ର ମଲିକ ଓ ଉମ୍ବରୁଧର ମଲ୍ଲିକଙ୍କ ନେତୃତ୍ୱରେ ଅଡଙ୍ଗ ମଜୁରାଇ ମଲିକସାହି ସଂକୀର୍ତ୍ତନ ମଣ୍ଡଳୀ, ଗାୟକ ବସନ୍ତ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଦକ୍ଷୀଣପାରି ସଂକୀର୍ତ୍ତନ ମଣ୍ଡଳୀ, ଗାୟକ ଗତନାଥ ମଲ୍ଲିକଙ୍କ ନେତୃତ୍ୱରେ ଉତ୍ତରପାରି ରହମ୍ବା ସଂକୀର୍ତ୍ତନ ମଣ୍ଡଳୀ, ଗାୟକ ବାବାଜି ମଲ୍ଲିକଙ୍କ ନେତୃତ୍ୱରେ ବାଗଲପୁୟର ସଂକୀର୍ତ୍ତନ ମଣ୍ଡଳୀ, ଗାୟକ ଅଶୋକ ମଲ୍ଲିକଙ୍କ ନେତୃତ୍ୱରେ ବହଳପଡ଼ା ସଂକୀର୍ତ୍ତନ ମଣ୍ଡଳୀ, ଗାୟକ ଗଜେନ୍ଦ୍ର ନାଥ ମଲ୍ଲିକଙ୍କ ନେତୃତ୍ୱରେ ଢାବରେଇ ସଂକୀର୍ତ୍ତନ ମଣ୍ଡଳୀ, ଗାୟକ ସୁରେନ୍ଦ୍ର ନାଥ ମଲିକଙ୍କ ନେତୃତ୍ୱରେ ବାରସାଇଲୋ ସଂକୀର୍ତ୍ତନ ମଣ୍ଡଳୀ, ଗାୟକ ଭୀକାରି ଚରଣ ମଲ୍ଲିକଙ୍କ ନେତୃତ୍ୱରେ ଜନାଙ୍ଗ ସଂକୀର୍ତ୍ତନ ମଣ୍ଡଳୀ ଓ ଗାୟକ ରମେଶ ଚନ୍ଦ୍ର ମଲ୍ଲିକଙ୍କ ନେତୃତ୍ୱରେ ଅନ୍ତୋଟି ସଂକୀର୍ତ୍ତନ ମଣ୍ଡଳୀ ସଂକୀର୍ତ୍ତନ ପରିବେଷଣ କରିଥିଲେ।

### ଧାନକୁଦ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

**ବିରିଡ଼ି, ୧୭।୩(ଡି.ଏନ.ଏ.):** ବିରିଡ଼ି ବ୍ଲକ ହାଜିପୁରସ୍ଥିତ ଦେବୀ ନଦୀ କୂଳରେ ଥିବା ମହାପୁରୁଷ ପଞ୍ଚସଖାଙ୍କ ସାଧନା ପୀଠ ଧାନକୁଦଠାରେ ୩୧ତମ ବାର୍ଷିକ ପଞ୍ଚସଖା ମହାମେଳା, ବିଶ୍ୱଶାନ୍ତି ମହାଯଜ୍ଞ ଓ ବାଲିରେଣୁ ମହାମେଳା ଅନୁଷ୍ଠିତ ହୋଇଛି। ଶନିବାର ପୂର୍ଣ୍ଣାହୂତି ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଅଙ୍କୁରାରୋପଣ, ଯଜ୍ଞାଧିବାସ, ଜଳଯାତ୍ରା, ଘଟସ୍ଥାପନ, ମଣ୍ଡଳ ପୂଜା, ବ୍ରାହ୍ମଣ ବରଣ, ଅଗ୍ନି ସ୍ଥାପନ, ଅଗ୍ନି ସଂସ୍କାର, ପୀଠ ଦେବତା ଓ ପଞ୍ଚ ଦେବତା ଆହୂତି, ଗୋ ପୂଜା, ରୁଦ୍ର ଅଷ୍ଟଧ୍ୟାୟୀ ଆହୂତି, ଶ୍ରୀମଦ୍ ଭାଗବତ ଗୀତା ଆହୂତି, ଶ୍ରୀ ଦୁର୍ଗା ଶକ୍ତ ସତୀ ଚଣ୍ଡୀ ଆହୂତି, ସୂର୍ଯ୍ୟ ପୂଜା, ଶ୍ରୀ ବିଷ୍ଣୁ ସହସ୍ର ନାମ ଆହୂତି, ସର୍ବ ଦେବଦେବୀ ଆହୂତି ସହ ପୂର୍ଣ୍ଣାହୂତି ପ୍ରଦାନ କରାଯାଇଥିଲା। ପୀଠରେ ଭଜନ କୀର୍ତ୍ତନ, ପ୍ରବଚନ ଓ ସାଧୁ ସନ୍ଥମାନଙ୍କ ଦ୍ୱାରା ଧର୍ମ ସଭା କରାଯାଇଥିଲା। ହଜାର ହଜାର ଶ୍ରଦ୍ଧାଳୁ ଏହି ଆଧାତ୍ମିକ କାର୍ଯ୍ୟକ୍ରମ ଦେଖିବା ପାଇଁ ଭିଡ଼ ଜମାଇଥିଲେ।



ଜଳିଯାଇଥିବା ଘର।

# ୨ ଦିନରେ ୧୬ ବଖରା ଭସ୍ମ, ଲୋକେ ଆତଙ୍କିତ

**ତିର୍ତ୍ତୋଲ, ୧୭।୩(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ କଟରା ପଞ୍ଚାୟତ ଦୁର୍ଦ୍ଦା ଗ୍ରାମରେ ରବିବାର ପୁଣି ଥରେ ଅଗ୍ନିକାଣ୍ଡ ଘଟି ୫ ବଖରା ଜଳିଯାଇଛି। ୨ ଦିନ ମଧ୍ୟରେ ଏହି ଗ୍ରାମରେ କ୍ରମାଗତ ଅଗ୍ନିକାଣ୍ଡ ଘଟି ୧୬ ବଖରା ଜଳିଯାଇଥିବାରୁ ଗ୍ରାମବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ଶନିବାର ଗ୍ରାମର ୫ ପରିବାରଙ୍କ ୧୧ ବଖରା ଜଳିଯାଇଥିବା ବେଳେ ରବିବାର ଗୋଟିଏ ପରିବାର ୫ ବଖରା ପୋଡ଼ିଯାଇଛି। ଗ୍ରାମର କୈଳାସ ଚନ୍ଦ୍ର ସାହୁଙ୍କ ଘରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ନିଆଁର ପ୍ରକୋପ ଅଧିକ ଥିବାରୁ ଘରୁ କୌଣସି ଜିନିଷ ବାହାରକୁ କାଢି ହୋଇ ନ ଥିଲା। ତିର୍ତ୍ତୋଲ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଗ୍ରାମବାସୀ ଏପରି ନିଆଁ ଲାଗିବାକୁ ଭୌତିକ କାଣ୍ଡ କହୁଥିବାବେଳେ ପ୍ରକୃତ କାରଣ ଜଣାପଡିନାହିଁ। ଜଗତ୍‌ସିଂହପୁର ଏମପି ଡା. କୁଳମଣୀ ସାମଲ ଏହି ଗ୍ରାମକୁ ଯାଇ ଅଗ୍ନିବିପନ୍ନ ପରିବାରକୁ ଭେଟିବା ସହ ଜିଲାପାଳଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇଥିବା ଜଣାଯାଇଛି।



ଅତିଥି ମୁଖପତ୍ର 'ପ୍ରେରଣା' ଉନ୍ମୋଚନ କରୁଛନ୍ତି।

# ପ୍ରେରଣା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

**ଏରସମା, ୧୭।୩(ସ୍ୱ.ପ୍ର.)**

ଏରସମା ବ୍ଲକ ଗୋଡ଼ା ବଜାରରେ ପ୍ରେରଣା ସାହିତ୍ୟ ସଂସଦର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ ତଥା ବସନ୍ତ ମିଳନ ଅନୁଷ୍ଠିତ ହୋଇଛି। ଏହାକୁ ପୂର୍ବତନ ପ୍ରଧାନ ଶିକ୍ଷକ ନିମାଇଁ ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ବିଷ୍ଣୁପ୍ରିୟା ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସାହିତ୍ୟିକ ଅନନ୍ତ କୁମାର ଦାସ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ସାହିତ୍ୟ ହିଁ ସମାଜର ମୁକୁଟ ବୋଲି କହିଥିଲେ। ପାରାଦୀପ କଲେଜର ଅଧାପକ ଡ.ସନ୍ତୋଷ ସାମଲ ମୁଖ୍ୟବକ୍ତା ଭାବରେ ଯୋଗଦେଇ କହିଲେ ଯେ, ବହୁ ଯନ୍ତ୍ରଣା ସହିବା ପରେ ବାଉଁଶ ବଂଶୀ ହୋଇ ପ୍ରଭୁ ଶ୍ରୀକୃଷ୍ଣଙ୍କ ହାତରେ ଶୋଭା ପାଇଛି। ସେହିପରି ସାହିତ୍ୟର ଗଭୀର ଭାବରେ ଭିଜିବା ପରେ ଜଣେ ସୁସାହିତ୍ୟିକ ହୋଇପାରିବ। ହାରାମଣୀ ମହାପାତ୍ର, ଜଗତ୍‌ସିଂହପୁର ସାରସ୍ୱତ ପରିଷଦ ସମ୍ପାଦକ ଉମାକାନ୍ତ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପଣ୍ଡିତ ନାଗୁ ଚରଣ ଦେବତା ବାର୍ଷିକ ବିବରଣୀ ପାଠ ଓ ଅରୁଣ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ବୈଦ୍ୟନାଥ ସାହୁଙ୍କ ସଂଯୋଜନାରେ ରବୀନ୍ଦ୍ର କୁମାର ଦାସ, ମହାପାତ୍ର ମହେଶ୍ୱର, କୈଳାସ ଚନ୍ଦ୍ର ପ୍ରଧାନ, ବସନ୍ତ ମଞ୍ଜରୀ ଦାସ, ହୃଷୀକେଷ ଜେନା, କ୍ଷୀରୋଦ ଚନ୍ଦ୍ର ସେଠୀ ପ୍ରମୁଖ ଶତାଧିକ କବି ସ୍ୱରଚିତ କବିତା ପାଠ କରିଥିଲେ। ୨ୟ ଅଧିବେଶନରେ ସଭାପତି ନଗେନ୍ଦ୍ରନାଥ ସ୍ୱାଇଁ, ଅତିଥି ଭାବରେ କବି ଡ. ମୀନକେତନ ଦାସ, ଗାଳ୍ପିକ ରବି ସ୍ୱାଇଁ, ଗାୟକ ନାରାୟଣ ମହାରଣା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ମୁଖପତ୍ର ପ୍ରେରଣା ଉନ୍ମୋଚିତ ହୋଇଥିଲା। ଏଥିସହ ଡ. ଶୁଭ କୁମାର ଦାସ, ବିଜୟଲକ୍ଷ୍ମୀ ମହାପାତ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଭାଜପାରେ ଯୋଗଦେଲେ କଂଗ୍ରେସ କର୍ମୀ

**ବାଙ୍କୀ, ୧୭।୩(ସ୍ୱ.ପ୍ର.):** ବାଙ୍କୀ ଆଦିମାତାସ୍ଥିତ ଭାଜପା କାର୍ଯ୍ୟାଳୟରେ ରବିବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ନିର୍ବାଚନ ମଣ୍ଡଳୀ ବାରଙ୍ଗ ବ୍ଲକ ଅନ୍ତର୍ଗତ ମଧୁପୁର ଗ୍ରାମପଞ୍ଚାୟତସ୍ଥିତ ମଧୁବନ ସାମଲ ସାହିର କ୍ଷୀର ସାମଲଙ୍କ ନେତୃତ୍ୱରେ ବହୁ କଂଗ୍ରେସ କର୍ମୀ ଭାଜପାରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ଭାଜପା ରାଷ୍ଟ୍ରୀୟ କୃଷକ ମୋର୍ଚ୍ଚାର କାର୍ଯ୍ୟକାରିଣୀ କମିଟି ସଦସ୍ୟ ଶୁଭ୍ରାଂଶୁ ମୋହନ ପାଢୀ ଯୋଗଦେଇ ସମସ୍ତଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ପ୍ରଦାନ କରିଥିଲେ। ଏହି ଅବସରରେ ଟୁଲୁ ପ୍ରଧାନ, କ୍ଷୀର ସାମଲ, ଶ୍ରୀଧର ସାମଲ, ଜଗନ୍ନାଥ ସାମଲ, ବିଜୟ ସାମଲ ଓ ରଞ୍ଜନ ସାମଲ ପ୍ରମୁଖ ଭାଜପାରେ ଯୋଗଦେଇଥିଲେ। କିଷନ୍ କୁମାର ଜେନା, ଚିନ୍ମୟ ଦାସ, ଭରତ ଚନ୍ଦ୍ର ମାଝୀ ଓ ଅକ୍ଷୟ କୁମାର ସାମଲ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିଲ୍ୱ ଶାରଳା ପୀଠରେ ଗୀତାଜ୍ଞାନ ଯଜ୍ଞ

**ତିର୍ତ୍ତୋଲ, ୧୭।୩(ଡି.ଏନ.ଏ.)**



ମା' ବିଲ୍ୱ ଶାରଳା।

ତିର୍ତ୍ତୋଲ ବ୍ଲକ ତେନ୍ତୁଳିପଦାସ୍ଥିତ ପ୍ରାଚୀନ ବିଲ୍ୱଶାରଳା ପୀଠରେ ଗୀତାଜ୍ଞାନ ଯଜ୍ଞ ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ପ୍ରତ୍ୟୁଷରୁ ମଙ୍ଗଳ ଆଳତୀ ସ୍ନାନ ପରେ ଦଶମୀ ବେଶରେ ମା'ଙ୍କୁ ସୁସଜ୍ଜିତ କରାଯାଇଥିଲା। ସକାଳ ଭୋଗ ପରେ ଗୀତାଜ୍ଞାନ ଯଜ୍ଞ ଉପଲକ୍ଷେ ସୂର୍ଯ୍ୟପୂଜା, ଘଟସ୍ଥାପନ ସହିତ ଯାଜ୍ଞିକ ବ୍ରାହ୍ମଣଙ୍କ ଦ୍ୱାରା ଯଜ୍ଞ ହୋଇଥିଲା। ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କ ହରିବୋଲ, ହୁଳହୁଳିରେ ପୀଠ ପ୍ରକମ୍ପିତ ହୋଇଉଠିଥିଲା। ପରେ ହରିହାଟ ଅନୁଷ୍ଠିତ ହୋଇ ଏକାଦଶସ୍କନ୍ଦ ଭାଗବତ ପାରାୟଣ କରାଯାଇଥିଲା। କାର୍ଯ୍ୟକ୍ରମରେ ପଣ୍ଡିତ ରଘୁନାଥ ପଣ୍ଡା, ଦୁର୍ଗାଚରଣ ପଣ୍ଡା, ସୁବ୍ରତ ଦାଶ, ସୁଶାନ୍ତ ପଣ୍ଡା, ଗୌରହରି ପଣ୍ଡା, ଗୋବର୍ଦ୍ଧନ ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ଦାଶ, ବ୍ରଜରାଜ ମିଶ୍ର, ସୁଦର୍ଶନ ପଣ୍ଡା, ନୃସିଂହ ଚରଣ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଡା. ବିମଳ ଚନ୍ଦ୍ର ଦାଶ, ରଞ୍ଜନ ପଣ୍ଡା, ଜୟନ୍ତ ପଣ୍ଡା, ନୀରଞ୍ଜନ ପଣ୍ଡା, ଅଶୋକ ପଣ୍ଡା, ଶ୍ରୀନିବାସ ଦାଶ, ଧ୍ରୁବଚନ୍ଦ୍ର ସାମଲଙ୍କ ସମେତ ତେନ୍ତୁଳିପଦା ଗ୍ରାମବାସୀ ଉପସ୍ଥିତ ଥିଲେ।

# ଅସହାୟ ବୃଦ୍ଧଙ୍କୁ ମିଳୁନି ପକ୍କାଘର

**କୁଜଙ୍ଗ, ୧୭।୩(ସ୍ୱ.ପ୍ର.)**

ସରକାର ଗରିବ ଅସହାୟଙ୍କୁ ପକ୍କାଘର ଯୋଗାଇ ଦେବାକୁ ବିଭିନ୍ନ ଯୋଜନା କରିଛନ୍ତି। ମାତ୍ର ଏହି ଯୋଜନା ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚିପାରୁନାହିଁ। ଏହି ପରି ଜଣେ ହିତାଧିକାରୀ ହେଉଛନ୍ତି କୁଜଙ୍ଗ ବ୍ଲକ ଦାର୍ଦ୍ଦିଆ ଗ୍ରାମର ଅସହାୟ ବୃଦ୍ଧ ଗିରିଧାରୀ ମଳିକ। ବୟସ ୭୮ ବର୍ଷ ହେବ। ପରିବାର କହିଲେ ସ୍ତ୍ରୀ ଲକ୍ଷ୍ମୀ ମଳିକ ଓ ସେ। ତାଙ୍କ ସନ୍ତାନ ନାହାନ୍ତି। ବୟସର ଅପରାହ୍ନରେ ଗିରିଧାରୀ ରକ୍ତଚାପରେ ପିଡୀତ। ଆଗରୁ ମୂଲ ମଜୁରି ଲାଗି ଚଳୁଥିଲେ। ଏବେ କିନ୍ତୁ ଆଉ ମୂଲ ଲାଗିପାରୁନାହାନ୍ତି। କେବଳ ଭତ୍ତା ଉପରେ ନିର୍ଭର କରି ଚଳୁଛନ୍ତି। ଅଧାଗଢା ପକ୍କାଘରଟି ଉପରେ ଚାଳ ଛପର କରି ଏହି ଦମ୍ପତ୍ତି ରହୁଛନ୍ତି। ୨ ଦିନ ତଳେ ହୋଇଥିବା ବର୍ଷା ପବନରେ ସେମାନେ ଅତି ଦୟନୀୟ ଅବସ୍ଥାରେ ରହିଥିଲେ। ଉଦୟବଟ ସନାତନ ଅବଧୂତ ମାର୍ଗରେ ଆଧାତ୍ମିକ କାର୍ଯ୍ୟରେ ସେ ନିଜକୁ ନିୟୋଜିତ କରିଛନ୍ତି। ତୁରନ୍ତ ତାଙ୍କୁ ସରକାରୀ ଯୋଜନାରେ ଘରଟିଏ ଯୋଗାଇଦେବାକୁ ଗ୍ରାମର ମୁରବୀ ହେମନ୍ତ ମଳିକ୍ ଓ ପ୍ରମୋଦ ମଳିକ ପ୍ରମୁଖ ଦାବି କରିଛନ୍ତି।

## ବିଶ୍ୱକୁ ଆଧ୍ୟାତ୍ମିକ ଚେତନା ଦେଇଥିଲେ ପଞ୍ଚସଖା

**ବିରିଡ଼ି, ୧୭।୩(ଡି.ଏନ.ଏ.)**



କାର୍ଯ୍ୟକ୍ରମରେ ଉପସ୍ଥିତ ପ୍ରବଚକ ଓ ବାଦ୍ୟକାର।

ବିଶ୍ୱ ମାନବ ସମାଜକୁ ଆଧାତ୍ମିକ ଚେତନାରେ ଅଭିଭୂତ କରିଥିଲେ ମହାପୁରୁଷ ପଞ୍ଚସଖା। ଶ୍ରୀମଦ ଭାଗବତର ତତ୍ତ୍ୱ ଓ ତଥ୍ୟକୁ ଅତି ସରଳ ଓ ପ୍ରାଞ୍ଜଳ ଭାଷାରେ ମହାପୁରୁଷ ଜଗନ୍ନାଥ ଦାସ ତାଙ୍କ ରଚିତ ଓଡ଼ିଆ ଭାଗବତରେ ପ୍ରତିପାଦନ କରିଛନ୍ତି। ଶ୍ରୀମଦ ଭାଗବତ ପଠନ, ମନନ ଓ ଶ୍ରବଣ କଲେ ମଣିଷ ହୃଦୟରେ ଭକ୍ତି, ଜ୍ଞାନ, ବୈରାଗ୍ୟ ଓ ତତ୍ତ୍ୱ ମାର୍ଗ ଜାଗ୍ରତ ହୁଏ। ଏଣୁ ଭାଗବତ ହେଉଛି ମଣିଷ ସମାଜ ପାଇଁ ପଥ ପ୍ରଦର୍ଶକ। ଭାଗବତକୁ ଘରେ ଘରେ ପାଠ କଲେ ସମାଜରେ ସଂସ୍କାର ଆସିପାରିବ ବୋଲି ଶନିବାର ଧାନକୁଦ ପୀଠରେ ଆୟୋଜିତ ସାଧୁ ସମାବେଶରେ ଯୋଗଦେଇ ସନ୍ଥମାନେ ମତବ୍ୟକ୍ତ କରିଛନ୍ତି। ଧାନକୁଦ ମନ୍ଦିର ପରିଚାଳନା କମିଟି ତଥା ବାଲି ରେଣୁ ମହାମେଳାର ଆୟୋଜକମାନଙ୍କ ଦ୍ୱାରା ଆୟୋଜିତ ଧର୍ମସଭାକୁ ଧାନକୁଦ ପୀଠାଧିଶ ବାବା ଅରକ୍ଷିତ ଦାସ ମହାରାଜ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ପୁରୀ ଚୈତନ୍ୟ ଚନ୍ଦ୍ର ଆଶ୍ରମର ଭକ୍ତି ଗୌରବ ସୋମନାଥ ମହାରାଜ ଯୋଗ ଦେଇ ଉପରୋକ୍ତ ମତବ୍ୟକ୍ତ କରିଥିଲେ।

# ସମ୍ପର୍କ ଆମ ସହ କାର୍ଯ୍ୟକ୍ରମ

**ରାହାମା, ୧୭।୩(ଡ଼ି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ବିଣାପାଣୀ ମଣ୍ଡପ ପରିସରରେ ସ୍ୱେଚ୍ଛାସେବୀ ସଙ୍ଗଠନ ଏଏଫ୍‌ଆଇଏନ ଏବଂ ଓଆଇଜି ଦ୍ୱାରା 'ସମ୍ପର୍କ ଆମ ସହ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଉପଦେଷ୍ଟା ଦେବ ପ୍ରସାଦ ନାୟକ ସଭାପତିତ୍ୱ କରିଥିଲେ। ସଙ୍ଗଠନର ପ୍ରତିଷ୍ଠାତା ହିମାଂଶୁ ଭୂଷଣ ମଲ୍ଲିକ ଯୋଗଦେଇ ଯୁବତୀ ଯୁବକମାନେ ସମୟ କାଢ଼ି ସମାଜର ହିତକର କାର୍ଯ୍ୟରେ ଯୋଗଦେବାକୁ ଆହ୍ୱାନ ଦେଇଥିଲେ। ସାମାଜିକ କର୍ମୀ ବେଦଦ୍ୟୁତି ପୃଷ୍ଟି ସୂଚନା ଅଧିକାର ଆଇନ୍ ଓ ଯୁବ ନେତୃତ୍ୱ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଯୁବପିଢ଼ିକୁ ସମାଜସେବା ପ୍ରତି ଆକୃଷ୍ଟ କରିବା ଏବଂ ସଙ୍ଗଠନ ଗଠିବା ଉପରେ ସଭିଙ୍କୁ ଅବଗତ କରାଇବା ହେଉଛି ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ। ନିଶା ନିବାରଣ, ଓଡ଼ିଆ ପାଠ୍ୟକ୍ରମରେ ଦରକାରୀ ପରିବର୍ତ୍ତନ, ଓଡ଼ିଶାର କଳା ଓ ସଂସ୍କୃତିକୁ ବଞ୍ଚାଇବା, ବୃକ୍ଷରୋପଣ, ଗରିବ ଅସହାୟଙ୍କୁ ସାହାଯ୍ୟ କରିବାକୁ ଏଥିରେ କୁହାଯାଇଥିଲା। ସଙ୍ଗଠନ ସଭାପତି ଶ୍ରୀପତି ଲେଙ୍କା ସଙ୍ଗଠନର ମୁଖ୍ୟ ବାର୍ତ୍ତା 'ପରିବର୍ତ୍ତନ କିଛି ଭଲ ପାଇଁ' ସମ୍ପର୍କରେ କହିଥିଲେ। ଉପସଭାପତି ବିଶ୍ୱଭୂଷଣ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ପାଦକ ସ୍ମୃତିରଞ୍ଜନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ସହସମ୍ପାଦକ ସୁନିଲ ରଣା, ଅରବିନ୍ଦ ସ୍ୱାଇଁ, ସାଧାରଣ ସଭ୍ୟ ଇନ୍ଦ୍ର ନୀଳମଣି ମଲ୍ଲିକ, ଯୁବ ସାମାଜିକ କର୍ମୀ ସ୍ମୃତିରଞ୍ଜନ ଚୌଧୁରୀ, ସଫି ଆଜମ, ସାଇ ପ୍ରଭନ, ବିଶ୍ୱଜିତ ଦାସ, ରଞ୍ଜିତ ମହାନ୍ତି, ତୁଷାର ମହାନ୍ତି, ସୌମ୍ୟ ମହାନ୍ତି, ଶ୍ରୀକାନ୍ତ ସାହୁ, ପୁଷ୍ପାନୁ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ସଂଗଠନ କର୍ମକର୍ତ୍ତା।

## ■ ବଢୁଛି ଗ୍ରୀଷ୍ମ ପ୍ରବାହ, ସୁଧୁରୁନି ପାନୀୟ ଜଳ ସମସ୍ୟା

# ପ୍ରକଳ୍ପ ଥାଇ ଲୋକେ ଶୋଷିଲା

**ନାଉଗାଁ, ୧୭।୩(ସ୍ୱ.ପ୍ର.)**

- ଭାଙ୍ଗିରୁଜି ଯାଇଛି ଷ୍ଟାଣ୍ଡପୋଷ୍ଟ
- ମରାମତି ବଦଳରେ ବନ୍ଦ କରାଯାଇଛି ଜଳଯୋଗାଣ

ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବାରେ ଲାଗିଛି। କିନ୍ତୁ ନାଉଗାଁ ବ୍ଲକରେ ପାନୀୟଜଳ ସମସ୍ୟାରେ ସୁଧାର ଆସୁନାହିଁ। କେବଳ ଗୋଟିଏ କି ୨ଟି ପଞ୍ଚାୟତ ନୁହେଁ, ବ୍ଲକର ୧୬ ପଞ୍ଚାୟତରେ ପାନୀୟଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଖରାର ପ୍ରକୋପ ବଢିବା ସାଙ୍ଗକୁ ଜଳସ୍ତର ହ୍ରାସ ପାଇଛି। ଅନେକ ନଳକୂପରୁ ପାଣି ବାହାରିବା ବନ୍ଦ ହୋଇଗଲାଣି। ଏପରି କି ଗାଁ ଗହଳିରେ ଥିବା ପୋଖରୀ, ଗଡ଼ିଆ ଶୁଖିଲା ପଡିଛି। ଲୋକେ ଗ୍ରାମ୍ୟ ଜଳ ପରିମଳ ବିଭାଗ ଦ୍ୱାରା ଯୋଗାଇ ଦିଆଯାଉଥିବା ପାଣି ଉପରେ ନିର୍ଭର କରୁଥିବାବେଳେ ତାହା ଠିକ୍ ଭାବେ ମିଳୁନାହିଁ। ଏହି ବ୍ଲକ ଅଧୀନ ଡାବର ପଞ୍ଚାୟତର ଜନସାଧାରଣ ଦୀର୍ଘଦିନ ଧରି ପାନୀୟ ଜଳ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୧୧ ୱାର୍ଡ ବିଶିଷ୍ଟ ଏହି ପଞ୍ଚାୟତରେ ୨୦୧୧ରେ ତତ୍କାଳୀନ ବିଧାୟକ ବିଷ୍ଣୁ ଚରଣ ଦାସଙ୍କ ଦ୍ୱାରା ଏକ ସୁଉଚ୍ଚ ପାଣି ଟାଙ୍କି ଉଦ୍‌ଘାଟିତ ହୋଇଥିଲା। ଏହି ପାନୀୟଜଳ ପ୍ରକଳ୍ପ ଅଧୀନରେ ୧ ନଂ ଓ୍ୱାର୍ଡରେ ୨ଟି , ୨ନଂ ଓ୍ୱାର୍ଡରେ ୨ ଟି, କୂଳ ଡାବର ଗ୍ରାମରେ ୧ ଟି, ଡାବର ପ୍ରାଥମିକ ବିଦ୍ୟାଳୟ ନିକଟରେ ୧ ଟି, ଉଚ୍ଚ ବିଦ୍ୟାଳୟ ନିକଟରେ ୨ ଟି ଷ୍ଟାଣ୍ଡ ପୋଷ୍ଟ ନିର୍ମାଣ କରାଯାଇଥିଲା। କିନ୍ତୁ ପ୍ରକଳ୍ପଟି ଦୀର୍ଘଦିନ ଧରି ଅଚଳ ରହିଥିଲା। ବାରମ୍ବାର ଏହି ଖବର ଗଣମାଧମରେ ପ୍ରକାଶ ପାଇବା ପରେ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ କରାଯାଇଥିଲା। ହେଲେ ଷ୍ଟାଣ୍ଡପୋଷ୍ଟ ନିକଟରେ ପହଞ୍ଚିବା ଆଗରୁ ରାସ୍ତାରେ ପାଣି ଲିକ୍ ହୋଇ ବାହାରିଯାଇଥିଲା। ନିମ୍ନମାନର ପାଇପ ଯୋଗେ ଜଳ ଯୋଗାଇବା ବ୍ୟବସ୍ଥା କରାଯାଇଥିବାରୁ ସେଗୁଡିକ ଫାଟି ଯାଇଛି। ପାଣି ଏଣେତେଣେ ବୋହି ଯାଉଥିବାରୁ ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଥିଲେ। ଏହା ପରେ ସମସ୍ୟା ସମାଧାନ କରାଯିବା ପରିବର୍ତ୍ତେ ଜଳ ଯୋଗାଣ ବନ୍ଦ କରିଦିଆଯାଇଛି। ସେହିପରି ଏହି ପଞ୍ଚାୟତର ମହନାପାରୀ ରାଜସ୍ୱ ଗ୍ରାମରେ ୨୦୧୨ ମସିହାରେ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ସହ ୪ ଟି ଷ୍ଟାଣ୍ଡ ପୋଷ୍ଟ କରାଯାଇଥିଲା। ହେଲେ ଦୀର୍ଘ ୮ ବର୍ଷ ହେବ ଥରୁଟିଏ ମଧ ଉକ୍ତ ଷ୍ଟାଣ୍ଡ ପୋଷ୍ଟରେ ପାଣି ଆସିନାହିଁ। ପାଣି ନ ଆସିବାରୁ ପ୍ରକଳ୍ପ ଭାଙ୍ଗି ରୁଜି ଯାଇଥିବାବେଳେ ଷ୍ଟାଣ୍ଡ ପୋଷ୍ଟଗୁଡିକ ନଷ୍ଟ ହୋଇଗଲାଣି। ପ୍ରକଳ୍ପରେ ପାଣି ଆସୁ ନ ଥିଲେ ବି ୨ ଟି ପ୍ରକଳ୍ପ ଚଳାଇବା ପାଇଁ ୨ ଜଣ କର୍ମଚାରୀ ନିଯୁକ୍ତ ହୋଇଛନ୍ତି। ସେମାନେ ଦରମା ମଧ୍ୟ ନେଉଛନ୍ତି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠଯନ୍ତ୍ରୀ ଚନ୍ଦ୍ର ଶେଖର ସାହୁଙ୍କୁ ପଚାରିବାରେ ସେ କହିଲେ ଯେ, ପ୍ରକଳ୍ପ ଚାଲୁଥିଲା। କିଛି ସମସ୍ୟା ଥିବାରୁ ବନ୍ଦ ହୋଇଛି। ଯଥାଶୀଘ୍ର ସମସ୍ୟା ସମାଧାନ କରାଯାଇ ଜଳ ଯୋଗାଇ ଦିଆଯିବ।





ଅଚଳ ହୋଇପଡ଼ିଥିବା ପାଣି ଟାଙ୍କି ଓ ପ୍ରକଳ୍ପ।

## ସଂକ୍ଷେପରେ

### ଗଡ଼ମଧୁପୁର ମା' ମଙ୍ଗଳା ଯଜ୍ଞ ଉଦ୍‌ଯାପିତ



**ଚଢ଼େଇଧରା, ୧୭।୩(ଡି.ଏନ୍.ଏ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁପୁରଗଡ଼ସ୍ଥିତ ମା' ମଙ୍ଗଳାଙ୍କ ବାର୍ଷିକ ଯଜ୍ଞୋତ୍ସବ ଶୁକ୍ରବାର ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଯାଇଛି। ସୋମବାର ଉତ୍ସବ ଆରମ୍ଭ ହୋଇ ଶୁଭାଧିବାସ, ସୂର୍ଯ୍ୟପୂଜା ଓ ଗୋପୂଜା ପରେ ଯଜ୍ଞ ଆରମ୍ଭ ହୋଇଥିଲା। ବିଧି ଅନୁସାରେ ଯଜ୍ଞ ଦିବସରେ ବିଭିନ୍ନ ପୂଜା କରାଯାଇ ଶୁକ୍ରବାର ପୂର୍ଣ୍ଣାହୁତି ହୋଇଛି। ଯଜ୍ଞୋତ୍ସବରେ ମା' ମଙ୍ଗଳାଙ୍କ ମନ୍ଦିରକୁ ରଙ୍ଗୀନ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ଯଜ୍ଞ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ହଜାରହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଆଞ୍ଚଳିକ ସଂକୀର୍ତ୍ତନ ମଣ୍ଡଳୀ ଭଜନକୀର୍ତ୍ତନ ସମଗ୍ର ପରିବେଶକୁ ଭକ୍ତି ଭାବନାରେ ବାନ୍ଧି ରଖିଥିଲା ଏବଂ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଭଜନ ସନ୍ଧ୍ୟା, ଘୋଡାନାଚ ଏବଂ ଆଖପାଖ ଗାଁର ପିଲାଙ୍କୁ ନେଇ ଡ୍ୟାନ୍ସ-ଡ୍ୟାନ୍ସ ପ୍ରୋଗ୍ରାମ କରାଯାଇଥିଲା। ଏହି ଯଜ୍ଞର ମୁଖ୍ୟ ପୂଜକ ଦାମୋଦର ରଥ, ହରିହର ମିଶ୍ର, ପ୍ରସନ୍ନ ମିଶ୍ର, ନିର୍ମଳ ରଥ ଓ ସହଯୋଗୀମାନେ ପ୍ରମୁଖ ଯଜ୍ଞ କାମ ସମ୍ପନ୍ନ କରିଥିଲେ। ଏହି ଯଜ୍ଞ ୫ଦିନ ଆଖପାଖ ଗ୍ରାମର ଲୋକ ଆମିଷ ନିଷେଧ କରିବା ସହ ସୂର୍ଯ୍ୟାସ୍ତ ପରେ ପାକ ନିଷେଧକୁ ପାଳନ କରିଥାନ୍ତି। ଗ୍ରାମବାସୀଙ୍କ ପୂର୍ଣ୍ଣ ସହଯୋଗରେ ଯଜ୍ଞ ଉତ୍ସବ ଶାନ୍ତିଶୃଙ୍ଖଳାରେ ସମାପନ ହୋଇଥିଲା।

### ବିଜୟ ସଂକଳ୍ପ ପଥପ୍ରାନ୍ତ ସଭା

**ରସୁଲପୁର, ୧୭।୩(ଡିଏନଏ):** ରସୁଲପୁର ବ୍ଲକରୁ ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ସାମିଲ ହୋଇଥିବା ୯ଟି ପଞ୍ଚାୟତରେ ଭାଜପା ପକ୍ଷରୁ ବିଜୟ ସଂକଳ୍ପ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ଚନ୍ଦ୍ର ପରିଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ବିଜୟ ସଂକଳ୍ପ ଉତ୍ସବ ଓ ପଥପ୍ରାନ୍ତ ସଭାରେ ୩୪ନଂ ଜୋନ୍ ପ୍ରଭାରୀ ଜିଲାପରିଷଦ ସଦସ୍ୟ ରଶ୍ମିରଞ୍ଜନ ନାୟକ ଅଧକ୍ଷତା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପରିଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦଳର ଲୋକାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇବା ସହ ଚଳିତ ନିର୍ବାଚନରେ ଭାଜପା ଦଳକୁ ବିପୁଳ ସଂଖ୍ୟାରେ ଭୋଟ୍ ଦେଇ ବିଜୟୀ କରିବାକୁ ନିବେଦନ କରିଥିଲେ । ଉକ୍ତ ସଭାରେ ସମ୍ମାନିତ ଅତିଥି ଭାବେ ଜୋନ୍‌ର ପ୍ରଭାରୀ ରଘୁନାଥ ବେହେରା, ଧର୍ମଶାଳାର ପ୍ରାକ୍ତନ ଅଧକ୍ଷ ସୁବାସ ଚନ୍ଦ୍ର ଜେନା, ମହେନ୍ଦ୍ର ପଣ୍ଡା, ମଣ୍ଡଳ ସଭାପତି ଚୈତନ୍ୟ ସାମଲ, ନାରାୟଣ ସ୍ୱାଇଁ, କୁଳମଣି ନାୟକ, ନାରୀନେତ୍ରୀ ମାମିନା ମଲିକ, ଯୁବନେତା ଦିଲୀପ ରଥ, ଶରତ ଓଝା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରଭାରୀ ଗଗନ ବିହାରୀ ଦାସ ଧନ୍ୟବାଦ ଦେଇଥିଲେ।

# ମାତୃ ଓ ଶିଶୁ ଚିକିତ୍ସା ସୌଧ ପାଲଟିଛି ଭୂତକୋଠି

**ପଟ୍ଟାମୁଣ୍ଡାଇ, ୧୭ ।୩ (ସ୍ୱ.ପ୍ର)**

ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ପଟ୍ଟାମୁଣ୍ଡାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ନବନିର୍ମିତ ମାତୃ ଓ ଶିଶୁ ଚିକିତ୍ସା ସୌଧକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନା ଫେବୃୟାରୀ ୧୨ ତାରିଖରେ ଉଦ୍‌ଘାଟନ କରିଥିଲେ । କେନ୍ଦ୍ର ସରକାରଙ୍କ ଜାତୀୟ ସ୍ୱାସ୍ଥ୍ୟ ମିଶନ ଯୋଜନାରେ ୪ କୋଟି ୬୫ ଲକ୍ଷ ଟଙ୍କା ବ୍ୟୟରେ ଏହା ନିର୍ମାଣ କରାଯାଇଛି ।ଏହି ସୌଧର ନିର୍ମାଣ ଦାୟିତ୍ୱ ପୂର୍ତ୍ତ ବିଭାଗ ତୁଲାଇଥିବା ବେଳେ ଏବେ ବି ଏହା ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର ହୋଇନାହିଁ । ଫଳରେ ଏହା ଭୂତକୋଠି ପାଲଟିଛି ।

ପ୍ରକାଶ ଯେ, ଏହି ଚିକିତ୍ସା ସୌଧ ଉଦ୍‌ଘାଟନ ହେବାର ୧ମାସ ବିତି ଯାଇଥିଲେ ମଧ ଏ ପର୍ଯ୍ୟନ୍ତ ତାଲା ପଡି ରହିଛି । କୌଣସି ଚିକତ୍ସା ସାମଗ୍ରୀ ଏଠାକୁ ଆସିନାହିଁ । ଏପରି କି ଖଣ୍ଡେ ହେଲେ ବି ଚେୟାର ପଡିନାହିଁ । ଅନ୍ୟପକ୍ଷରେ ପଟ୍ଟାମୁଣ୍ଡାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୨୦୧୭ ସେପ୍ଟେମ୍ବର ମାସରେ ରାଜ୍ୟ ସରକାର ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ ଘୋଷଣା କରିଥିଲେ ମଧ ଆନୁସଙ୍ଗିକ ଚିକିତ୍ସା ସାମଗ୍ରୀ



ପଟ୍ଟାମୁଣ୍ଡାଇଠାରେ ନିର୍ମିତ ଚିକିତ୍ସା ସୌଧ ।

ଓ ଆବଶ୍ୟକ ଡାକ୍ତର ନ ଥିବାରୁ ଚିକିତ୍ସା ସେବା ବ୍ୟାହତ ହେଉଛି । ସେହିପରି ୧୦୦ ଶଯ୍ୟା ବିଶିଷ୍ଟ ମାତୃ ଓ ଶିଶୁ ଚିକିତ୍ସା ସୌଧ ଉଦ୍‌ଘାଟନ ହୋଇଥିଲେ ମଧ ଏହା କେବଳ ଲୋକ ଦେଖାଣିଆ ଓ ନିର୍ବାଚନ ବୈତରଣୀ ପାର ହେବା ପାଇଁ ଉଦ୍ଦିଷ୍ଟ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଏହି ସୌଧ ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର ହୋଇ ନ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡା. ନିରାକାର ପରିଡା କହିଛନ୍ତି । ଏ ସମ୍ପର୍କରେ ସ୍ଥାନୀୟ ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ଦାସଙ୍କୁ ଯୋଗାଯୋଗ କରିବାରେ କହିଥିଲେ ଯେ, ସ୍ୱାସ୍ଥ୍ୟ ବିଭାଗ ଆମଠାରୁ ଉକ୍ତ ଚିକିତ୍ସା ସୌଧ ନିଜ ଦାୟିତ୍ୱକୁ ନେଉନାହିଁ । ଏନଆରଏଚଏମର ନିର୍ବାହୀ ଯନ୍ତ୍ରୀ ତଦନ୍ତ କଲାପରେ ଚିକିତ୍ସା ସୌଧ ସ୍ୱାସ୍ଥ୍ୟ ବିଭାଗ ନିଜ ଅଧୀନକୁ ନେବ ବୋଲି ବିଭାଗୀୟ କର୍ତ୍ତୃପକ୍ଷ କହୁଥିବା ପୂର୍ତ୍ତବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଦାସ କହିଛନ୍ତି । ତେବେ ଏହାକୁ କାର୍ଯ୍ୟକାରୀ କରିବା ଦିଗରେ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ସୂଚନାଯୋଗ୍ୟ ଯେ, କେନ୍ଦ୍ରାପଡା ଜିଲାରେ ପ୍ରଥମ କରି ମାତୃ ଓ ଶିଶୁ ଚିକିତ୍ସା ସୌଧ କରାଯାଇଛି । ଏଥିରେ ଅତ୍ୟାଧୁନିକ ଚିକିତ୍ସା ସେବା ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି । ଏହାଛଡା ୧୪ ଜଣ ବିଶେଷଜ୍ଞ ଡାକ୍ତର ରହିବାର ବ୍ୟବସ୍ଥା ଥିବା ବେଳେ ଆନୁସଙ୍ଗିକ କାମ ଆଗେଇ ନ ପାରିବା ଜନ ଅସନ୍ତୋଷର କାରଣ ହୋଇଛି ।

# ଘରେ ଘରେ ଶଙ୍ଖ ଓ ହକ ମାଗୁଛି ଓଡିଶା କାର୍ଯ୍ୟକ୍ରମ



ପ୍ରସ୍ତୁତି ବୈଠକରେ ଜିଲା ବିଜେଡି ସଭାପତି ଧ୍ରୁବ ସାହୁ ଓ ଅନ୍ୟମାନେ ।

**ରାଜନଗର, ୧୭।୩(ଡିଏନଏ)**

ରାଜନଗର ବ୍ଲକ ଅନ୍ତର୍ଗତ ଡେରା ଗ୍ରାମ ପଞ୍ଚାୟତ ରେ ବିଜୁ ଜନତା ଦଳର ଘରେ ଘରେ ଶଙ୍ଖ ଓ ହକ୍ ମାଗୁଛି ଓଡିଶା କାର୍ଯ୍ୟକ୍ରମର ପ୍ରସ୍ତୁତି ବୈଠକ ରବିବାର ରାଜନଗର ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ଜିଲା ବିଜେଡି ସଭାପତି ତଥା ରାଜନଗର ନିର୍ବାଚନମଣ୍ଡଳୀ ନେତା ଧ୍ରୁବ ସାହୁ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ କହିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବାକୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମର କେନ୍ଦ୍ରାପଡା ଜିଲା ସଂଯୋଜିକା ରଞ୍ଜୁଲତା ରାୟ , ରାଜନଗର ପଞ୍ଚାୟତ ସମିତି ଅଧକ୍ଷ ଜୟରାମ ସେଠୀ, ସୁରେନ୍ଦ୍ର ପ୍ରସାଦ ରାଉତ, ପ୍ରାକ୍ତନ ଅଧକ୍ଷା ଲତିକା ସାହୁ , ସୁଦର୍ଶନ ଦାସ , ରବିନ୍ଦ୍ରନାଥ ସେଠୀ, ରବୀନ୍ଦ୍ର କୁମାର ସେଠୀ, ଦଳିତ ସଭାପତି ସୁରେନ୍ଦ୍ର ଘଡାଇ, ତ୍ରିଲୋଚନ ସାହୁ, ଛାତ୍ର ନେତା ପ୍ରକାଶ ତାଡୁ, ଦୀପକ କୁମାର ରାଉତ, ସତ୍ୟବ୍ରତ ପାଣି , ରୋହିତ କୁମାର ରାଉତଙ୍କ ସହ ସମସ୍ତ କର୍ମକର୍ତ୍ତା ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ମତ ଦେଇଥିଲେ ।

# ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ବୈଠକ



ବୈଠକରେ ଉପସ୍ଥିତ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ସଦସ୍ୟ ।

**ପଟ୍ଟାମୁଣ୍ଡାଇ, ୧୭।୩ (ସ୍ୱ.ପ୍ର)**

ସେବା ସପ୍ତାହ ପାଳନ ଅବସରରେ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ଏକ ବୈଠକ ପଟ୍ଟାମୁଣ୍ଡାଇ ବ୍ଲକ ଚନ୍ଦନନଗର ପଞ୍ଚାୟତ ବନ୍ତୋପଟଣା ହନୁମାନ ମଣ୍ଡପଠାରେ ରବିବାର ଅପରାହ୍ନରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ପଟ୍ଟାମୁଣ୍ଡାଇ ପ୍ରଖଣ୍ଡର ବିଶ୍ୱହିନ୍ଦୁ ପରିଷଦ ସମ୍ପାଦକ ପ୍ରତାପ ଚନ୍ଦ୍ର ପାଢ଼ୀ ସଭାପତିତ୍ୱ କରିଥିଲେ । ବୈଠକରେ ଜିଲା ସମ୍ପାଦକ ପବିତ୍ର ମୋହନ ସ୍ୱାଇଁ, ପଟ୍ଟାମୁଣ୍ଡାଇ ସଭାପତି ଦେବାଶିଷ ପଣ୍ଡା,କାର୍ଯ୍ୟକାରୀ ସଭାପତି ଅମ୍ବୁଜ ଭୂଷଣ ନାୟକ, ବିକାଶ ରାଉତ, ବିଶ୍ୱଜିତ ପଣ୍ଡା, ସୁଜିତ କୁମାର କର, ରିଙ୍କୁ ମଲିକ, ଗଣେଶ ମଲିକ, ରାକେଶ ସାହୁ ପ୍ରମୁଖ ଯୋଗଦେଇ ସେବା କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପାଳନ କରିବା ପାଇଁ ଆହ୍ୱାନ ଦେଇଥିଲେ । ଏଥିସହିତ ଦଳର ସଂଗଠନ ସୁଦୃଢ କରିବା, ଗୋ ସେବା ପାଇଁ ଜନ ସଚେତନତା ସୃଷ୍ଟି କରିବା, ମଠ ମନ୍ଦିର, ରାସ୍ତାଘାଟ, ସାହିବସ୍ତି, ଶିକ୍ଷାନୁଷ୍ଠାନ ଆଦି ସଫେଇ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଆଗାମୀ ସାଧାରଣ ନିର୍ବାଚନରେ ଶାନ୍ତିଶୃଙ୍ଖଳା ସହିତ ମତଦାତାମାନେ ସେମାନଙ୍କ ମତଦାନ କରିବାର ସୁବିଧା ଯୋଗାଇ ଦେବାକୁ କୁହାଯାଇଥିଲା । ଏହି ବୈଠକରେ ସ୍ୱରୂପ ଦାସ, ନିରଞ୍ଜନ ସାହୁ, ବିପିନ ମହାରଣା, ସଞ୍ଜୟ ପାଗଳ, ରଶ୍ମି ନାଥ, କୃଷ୍ଣ ସାହୁ, ସୁଜିତ ସାହୁ , ସତ୍ୟଜିତ ରାଉତ, ଅକ୍ଷୟ ମହାରଣା, ବିଶ୍ୱଜିତ ବେହେରା, ଦିଲିପ ସାହୁଙ୍କ ସମେତ ଶତାଧିକ କର୍ମୀ ଯୋଗ ଦେଇଥିଲେ । ଶେଷରେ ଅମର ପ୍ରସାଦ ବାୟୀ ଧନ୍ୟବାଦ ଦେଇଥିଲେ ।

### କଂଗ୍ରେସରେ ମିଶିଲେ ବିଜେଡି କର୍ମୀ

**ପଟ୍ଟାମୁଣ୍ଡାଇ, ୧୭।୩ (ସ୍ୱ.ପ୍ର)**

ରାଜନଗର ନିର୍ବାଚନମଣ୍ଡଳୀ ଅଧୀନ ପଟ୍ଟାମୁଣ୍ଡାଇ ବ୍ଲକ ଚନ୍ଦନନଗର ପଞ୍ଚାୟତର ୨୦ଜଣ ବିଜେଡିକର୍ମୀ ରବିବାର ମଧାହ୍ନରେ କଂଗ୍ରେସରେ ଯୋଗ ଦେଇଛନ୍ତି । ରାଜନଗର ବିଧାୟକ ଅଂଶୁମାନ ମହାନ୍ତିଙ୍କ ଉପସ୍ଥିତିରେ ସେମାନେ ପଟ୍ଟାମୁଣ୍ଡାଇସ୍ଥିତ ପାର୍ଟି କାର୍ଯ୍ୟାଳୟରେ ବିଜେଡି ଛାଡି କଂଗ୍ରେସରେ ଯୋଗ ଦେଇଛନ୍ତି । ଗୋପ୍ତିରାର ଆଶିଷ ମହାପାତ୍ର, ନିହାର ମହାପାତ୍ର, ରଶ୍ମିରଞ୍ଜନ ମହାପାତ୍ର, ସନ୍ତୋଷ ଦାସ, ଅନିରୁଦ୍ଧ ରାଉତ, ଅଭିମନ୍ୟୁ ରାଉତ, ଅଶୋକ ରାଉତ, ଅଜିତ ମହାପାତ୍ର, ଜ୍ୟୋତିରଞ୍ଜନ ପଣ୍ଡା, ଶ୍ରୀକାନ୍ତ ରାଉତ ପ୍ରମୁଖ କଂଗ୍ରେସରେ ଯୋଗ ଦେଇଛନ୍ତି । ସେହିପରି ଦଳବାଡର ଅକ୍ଷୟ ଦାସ, ଉମେଶ ଦାସ, ରଞ୍ଜନ ମହାକୁଳ, କଳାକାର ମଳିକ, ମୁରଲୀ ମଳିକ, ସମ୍ପଦ ମହାକୁଳ, ନନ୍ଦ ମଳିକ, ବିଜୟ ମଳିକ, ପ୍ରଶାନ୍ତ ଦାସ, ଡୋରା ମହାକୁଳ, ସୁଶାନ୍ତ ଦାସ, ବସନ୍ତ ମଳିକ, ଗନ ମହାକୁଳଙ୍କ ସମେତ ୨୦ଜଣ ବିଜେଡି କର୍ମୀ ବିଧାୟକଙ୍କ ଉପସ୍ଥିତିରେ କଂଗ୍ରେସରେ ଯୋଗ ଦେଇଛନ୍ତି । ବିଧାୟକ ମହାନ୍ତି କଂଗ୍ରେସରେ ଯୋଗ ଦେଇଥିବା ଯୁବ କର୍ମୀମାନଙ୍କୁ ସ୍ୱାଗତ କରିଛନ୍ତି । ଚନ୍ଦନନଗର ପଞ୍ଚାୟତ କଂଗ୍ରେସ ସଭାପତି ଜଗନ୍ନାଥ ମହାପାତ୍ର ଓ ୧୮ନଂ ଜୋନ୍ ସଭାପତି ଉମେଶ ଚନ୍ଦ୍ର ଦାଶଙ୍କ ନେତୃତ୍ୱରେ ବିଜେଡି କର୍ମୀମାନେ ଦଳ ଛାଡି କଂଗ୍ରେସରେ ସାମିଲ ହୋଇଛନ୍ତି ।

# ଅଂଶୁଘାତରୁ ରକ୍ଷା ପାଇଁ ସଚେତନତା ସୃଷ୍ଟି ଆବଶ୍ୟକ

**ଧର୍ମଶାଳା, ୧୭।୩ (ଡି.ଏନ୍.ଏ.)**

ଗତ କିଛି ବର୍ଷ ଧରି ମାର୍ଚ୍ଚମାସର ପ୍ରାରମ୍ଭରୁ ପ୍ରଚଣ୍ଡ ରୌଦ୍ରତାପ ଅନୁଭୂତ ହୋଇଆସୁଛି। ଚଳିତ ବର୍ଷ ମଧ ମାର୍ଚ୍ଚମାସ ପ୍ରଥମ ସପ୍ତାହରୁ ଅତ୍ୟଧିକ ଗ୍ରୀଷ୍ମପ୍ରଭାବ ଅନୁଭୂତ ହେଉଛି। ଏହିକ୍ରମରେ ଧର୍ମଶାଳାର ପାହାଡିଆ ଅଞ୍ଚଳରେ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ପାନୀୟ ଜଳର ସମସ୍ୟା ଦେଖାଦେଲାଣି । ଆଗକୁ ଆହୁରି ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବା ଥିବାରୁ ଲୋକେ ଅଂଶୁଘାତରେ ଶିକାର ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଅଂଶୁଘାତର ମୁକାବିଲାପାଇଁ ବେସରକାରୀସ୍ତରରେ ଶନିବାର ଧର୍ମଶାଳା ବ୍ଲକସ୍ଥିତ କୁମାରୀ ପଞ୍ଚାୟତ ଶୈଳବିହାରଠାରେ ସୁକନ୍ୟା ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଅଂଶୁଘାତ ମୁକାବିଲା ସମ୍ପର୍କିତ ସଚେତନତା ସଭା ଅନୁଷ୍ଠାନର ସଭାପତି ଅଜୟ କୁମାର ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଆଲୋଚକ ଭାବେ ଉପେନ୍ଦ୍ର ସାରଦା ମହାବିଦ୍ୟାଳୟ ପୂର୍ବତନ ଅଧକ୍ଷ ରାମଚନ୍ଦ୍ର ସାହୁ ଯୋଗଦେଇ ଲୋକମାନେ ଦିନ ୧୧ଟାରୁ ୩ଟା ଭିତରେ ଖରାରେ ବାହାରକୁ ନ ବାହାରିବା, ନିହାତି ଦରକାର ଥିଲେ ସାଙ୍ଗରେ ଛତା, ଜୋତା, ଚଷମା ଓ ଥଣ୍ଡାପାଣି ନେଇ ଯିବା ଉଚିତ ବୋଲି କହି ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଅନ୍ୟତମ ଆଲୋଚକ ଭାବେ ବୁଦ୍ଧିଜୀବୀ ଫୋରମର ଆବାହକ ସୁନାକର ସାହୁ ଯୋଗଦେଇ କୋଠା, ଆଜବେଷ୍ଟେସ୍ ଓ ଟିଣଛପର ଘର ଉପରେ ନଡ଼ାପକାଇ ପାଣିଢାଳି ଥଣ୍ଡାକରିବା ସହିତ କମ୍ ତାପ ସୃଷ୍ଟିକାରୀ ବଲବ୍ ଘରେ ଜଳାଇବା ଉଚିତ ବୋଲି କହିଥିଲେ। ଏହି ଆଲୋଚନାରେ ଆଲୋଚକ ଭାବେ ପୂର୍ବତନ ଜିଲା ପରିଷଦ ସଭ୍ୟ ନିର୍ମଳ ସମାଲ, ଶ୍ରମିକ ନେତା ଦୁର୍ଗାପ୍ରସନ୍ନ ଦାଶ, ସାମାଜିକ କର୍ମୀ ଦେବବ୍ରତ ରାଉତ, ଆଇନଜୀବୀ ନୀଳମାଧବ ସାମଲ, ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ମହେଶ୍ୱର ପାଢ଼ୀ ଯୋଗ ଦେଇ ଶ୍ରମଜୀବୀମାନେ ସକାଳୁଆ ଓ ଅପରାହ୍ନରେ କାମକରିବା, ଅଂଶୁଘାତ ରୋଗୀକୁ ଓଆର୍‌ଏସ୍ ପାଣିଦେବା ସହ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିବେଶବିତ୍ ବେଣୁଧର ଦାସ, ଦୀନବନ୍ଧୁ ପଣ୍ଡା, ଅଧ୍ୟାପିକା ମଧୁସ୍ମିତା ମିଶ୍ର ଯୋଗଦେଇ ଦେଇଥିଲେ।

# ବିଭିନ୍ନ ସ୍ଥାନରେ ବିଶ୍ୱଶାନ୍ତି ମହାଯଜ୍ଞ



ମାର୍ଶାଘାଇରେ ଯଜ୍ଞ ପାଇଁ କଳସ ଶୋଭାଯାତ୍ରା ।

**ମାର୍ଶାଘାଇ, ୧୭।୩(ଡିଏନ୍‌ଏ)**

ରବିବାର ଠାରୁ ମାର୍ଶାଘାଇର ବିଭିନ୍ନ ଧର୍ମାନୁଷ୍ଠାନରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେଉଛି । ଲୁଣାବ୍ରିଜ କୁସୁନୁପୁର ଗ୍ରାମ ନିକଟସ୍ଥ ବାବା ଆଖଣ୍ଡଳମଣି ପୀଠରେ ବାର୍ଷିକ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ ପାଇଁ କଳସୀ ଶୋଭାଯାତ୍ରା ସକାଳେ ହୋଇଯାଇଛି । ଲୁଣା-ଚିତ୍ରୋତ୍ପଳା ସଙ୍ଗମସ୍ଥଳ ଘାଟରୁ ୧୦୮ ପୂର୍ଣ୍ଣ କୁମ୍ଭକୁ ମହିଳାମାନେ ଏକ ବିରାଟ ଶୋଭାଯାତ୍ରାରେ ନେଇ ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ । ଏହାପରେ ସୂର୍ଯ୍ୟ ପୂଜା ,ଗୋ ପୂଜା ,ଯଜ୍ଞ କୁଣ୍ଡ ସଂସ୍କାର .ଅଗ୍ନିସ୍ଥାପନ କରାଯାଇ ଯଜ୍ଞାହୁତି ଅର୍ପଣ କରାଯାଇଥିଲା । ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପର୍ଶୁରାମ ନାୟକ ,ପ୍ରଶାନ୍ତ ନାୟକ ,ସୁଶାନ୍ତ ନାୟକ, ପାର୍ଥସାରଥି ସାହୁ ,ରଞ୍ଜନ ନାୟକ, ସରପଞ୍ଚ ସତ୍ୟ ନାରାୟଣ ନାୟକ,ମଦନ ମୋହନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ମାର୍ଶାଘାଇ ଲକ୍ ନିକଟ ଲୁଣ ପଡିଆରେ ହନୁମାନ ବିଶ୍ୱଶାନ୍ତି ମହାଯଜ୍ଞ ନିମନ୍ତେ କଳସ ଶୋଭାଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି । ବାଲିକଷୋଟି ନିକଟ ଲୁଣା ନଦୀ ଘାଟରୁ ମହିଳାମାନେ କଳସୀରେ ଜଳ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିବା ପରେ ପାରମ୍ପରିକ ରୀତିରେ ଯଜ୍ଞ ଆରମ୍ଭ ହୋଇଥିଲା । ଏହି କାର୍ଯ୍ୟକ୍ରମରେ କମିଟି ସଭାପତି ନିଗମ ପ୍ରସାଦ ରଥ, ସମ୍ପାଦକ ଉମେଶ ଚନ୍ଦ୍ର ପ୍ରଧାନ, କୋଷାଧକ୍ଷ ପ୍ରଶାନ୍ତ କୁମାର ଦାସ, ଉପଦେଷ୍ଟା ନିର୍ମଳ ରଥ, ଭ୍ରମରବର ଦାସ, ଘନଶ୍ୟାମ ପ୍ରଧାନ, ସୁଶାନ୍ତ କୁମାର କାନୁନ୍‌ଗୋଙ୍କ ସମେତ ମହାବୀର ପୂଜା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

# ଗହୀରମଥାର ରହସ୍ୟମୟ ଅତିଥି 'ଅଲିଭ୍‌ରିଡ୍‌ଲେ'

**ଭାସ୍କର ରାଉତରାୟ**
**ରାଜନଗର, ୧୭।୩**

କାହିଁ କେଉଁ ଅନାଦିକାଳରୁ ପ୍ରକୃତିର ନିୟମ ଅନୁସାରେ କଇଁଛ ତୀର୍ଥସ୍ଥଳୀ ରୂପେ ପରିଚିତ କେନ୍ଦ୍ରାପଡା ଜିଲାର ଭିତରକନିକା ଜାତୀୟ ଉଦ୍ୟାନ ସଂଲଗ୍ନ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟକୁ ସମୂହ ଅଣ୍ଡାଦାନ ପାଇଁ ଲକ୍ଷ ଲକ୍ଷ ସଂଖ୍ୟାରେ ଅଲିଭ୍‌ରିଡ୍‌ଲେ କଇଁଛ ଆସିଥାନ୍ତି । ବଙ୍ଗୋପସାଗର ଉପକୂଳରେ ୭ ପ୍ରକାର ସାମୁଦ୍ରିକ କଇଁଛ ଦେଖାଯାଆନ୍ତି। ସେମାନଙ୍କ ମଧ୍ୟରୁ ଅଲିଭ୍‌ରିଡ୍‌ଲେ କଇଁଛ ସ୍ୱତନ୍ତ୍ର। ସମୁଦ୍ରର ପରିବେଶ ସୁରକ୍ଷା ଓ ସନ୍ତୁଳନ ରକ୍ଷା କରିବାରେ ଅଲିଭ୍‌ରିଡ୍‌ଲେ କଇଁଛଙ୍କ ଅବଦାନ ଅତୁଳନୀୟ। ସମୁଦ୍ର ଭିତରେ ଥିବା ରାବଣଛତାଠାରୁ ଆରମ୍ଭ କରି ଅନ୍ୟାନ୍ୟ ବିଷାକ୍ତ ପଦାର୍ଥକୁ ନଷ୍ଟ କରିବାରେ ଏହି କଇଁଛ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି । ସେଥିପାଇଁ ଜଳ ଶାଗୁଣା ରୂପେ କଇଁଛକୁ ପରିବେଶବିତ୍‌ମାନେ ନାମିତ କରିଛନ୍ତି । ପ୍ରତିବର୍ଷ ଶୀତଋତୁର ନଭେମ୍ବର ମାସ ଠାରୁ ଯୋଜନ ଯୋଜନ ସାମୁଦ୍ରିକ ପଥ ଅତିକ୍ରମ କରି ଏହି କଇଁଛମାନେ ଗହୀରମଥାର ନୀଳ ଜଳରାଶିରେ ଏକାଠି ହୁଅନ୍ତି। ନଭେମ୍ବର ଠାରୁ ମେ ୩୧ ତାରିଖ ଯାଏଁ ଏହି ରହସ୍ୟମୟ ଅତିଥିମାନେ ସେମାନଙ୍କ ପ୍ରଜନନ ପ୍ରକ୍ରିୟାକୁ ଚାଲୁ ରଖିଥାନ୍ତି । ଗଭୀର ନୀଳ ଜଳରାଶିରେ ମା ଓ ପୁରୁଷ କଇଁଛମାନେ ମିଳନ ପର୍ବରେ



ଏକାଠି ହୋଇଥାନ୍ତି । ପରେ ଅନ୍ତଃସତ୍ତ୍ୱା କଇଁଛମାନେ ବେଳାଭୂମିର ନରମ ବାଲୁକା ରାଶିରେ ଅଣ୍ଡାଦାନ କରିଥାନ୍ତି। କଇଁଛମାନେ ସାଧାରଣତଃ ବେଳାଭୂମିରେ ତିନିରୁ ଚାରିଫୁଟ ପର୍ଯ୍ୟନ୍ତ ଗାତ ଖୋଳି ସେଠାରେ ଅଣ୍ଡା ଦେଇଥାନ୍ତି। କିନ୍ତୁ କଇଁଛମାନେ ଯେଉଁ ଅଣ୍ଡା ଦେଇଥାନ୍ତି , ସେଥିମଧ୍ୟରୁ ଅଧିକାଂଶ ଅଣ୍ଡା ନଷ୍ଟ ହୋଇଯାଇଥାଏ। କୁଆ, ବିଲୁଆ, କୁକୁର, ହେଟାଉ, ଛଞ୍ଚାଣ ପ୍ରଭୃତି ବାହ୍ୟଶତ୍ରୁ ଏହି ଅଣ୍ଡାଗୁଡିକୁ ନଷ୍ଟ କରି ଦେଇଥାନ୍ତି । ଯେଉଁ କେତେକ ଛୁଆ ଜନ୍ମ ନିଅନ୍ତି, ସେମାନେ ଅନ୍ୟ କୁଆଡକୁ ନ ଯାଇ ମା'ଙ୍କ ପଦାଙ୍କ ଅନୁସରଣ କରିଥାନ୍ତି । ଏହି ବିଚିତ୍ରମୟ ଅଲିଭ୍‌ରିଡ୍‌ଲେ କଇଁଛଙ୍କ ପ୍ରକୃତ ଠିକଣା ଏବେ ବି ରହସ୍ୟମୟ । ୭୦ ଦଶକରେ ଗହୀରମଥାରେ ଲକ୍ଷ ଲକ୍ଷ କଇଁଛଙ୍କ ସମୂହ ଅଣ୍ଡାଦାନ ଦୃଶ୍ୟକୁ ପ୍ରଥମେ ନଜରକୁ ଆଣିଥିଲେ ଅଷ୍ଟ୍ରେଲିଆର ବିଶିଷ୍ଟ ପ୍ରାଣୀ ବୈଜ୍ଞାନିକ ଡ. ଏଚ.ଆର. ବଷ୍ଟାର୍ଡ। ସେବେଠାରୁ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଗହୀରମଥା ଅଲିଭ୍‌ରିଡ୍‌ଲେଙ୍କ ଅନ୍ତୁଡିଶାଳ ରୂପେ ପରିଚିତ ହୋଇଛି। କଇଁଛମାନଙ୍କର ପ୍ରକୃତ ଠିକଣା ଖୋଜିବା ପାଇଁ ଭାରତ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ କଇଁଛ ବିଶାରଦ ଡ. ଚନ୍ଦ୍ରଶେଖର କରଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ନବେ ଦଶକରେ ଡ. କର ଭାରତର ବଛା ବଛା ୪ଜଣ କଇଁଛ ବିଶାରଦଙ୍କ ସହ ଗହୀରମଥାରେ ପହଞ୍ଚି ଥିଲେ। ଅଣ୍ଡାଦାନ ପରେ ଗଭୀର ସମୁଦ୍ରକୁ ଫେରି ଯାଉଥିବା ମା' କଇଁଛଙ୍କ ପିଠିରେ ପ୍ରଥମେ ତମ୍ବା ପାତ ଖଞ୍ଜା ଯାଇଥିଲା। ପରେ ସେମାନଙ୍କ ଗତି ବିଧି ଅନୁଧ୍ୟାନ କରିବା ପାଇଁ ସାଟେଲାଇଟ ମାଧ୍ୟମରେ ଟ୍ରାନ୍ସମିଟର କଇଁଛଙ୍କ ପିଠିରେ ଖଞ୍ଜା ଯାଇଥିଲା। ମାତ୍ର ବିସ୍ମୟର କଥା ଯେଉଁ କଇଁଛଙ୍କ ପିଠିରେ ଟ୍ରାନ୍ସମିଟର ଖଞ୍ଜା ଯାଇଥିଲା। ସେମାନେ ଗଭୀର ସମୁଦ୍ରକୁ ଚାଲିଗଲା ପରେ ସେମାନଙ୍କର ପ୍ରକୃତ ଠିକଣା ପାଇବା ସାଟେଲାଇଟ ଦ୍ୱାରା ସମ୍ଭବ ହୋଇପାରିନାହିଁ। ଏହି କଇଁଛମାନେ ଶ୍ରୀଲଙ୍କାର ଜାଫନା ସମୁଦ୍ର କୂଳ ଠାରୁ କେଉଁଆଡେ ଅଦୃଶ୍ୟ ହୋଇଗଲେ, ଯାହାର ଠିକଣା ଆଜିର ବିଜ୍ଞାନୀ ମଣିଷଙ୍କ ପାଖେ ସମ୍ଭବ ହୋଇ ପାରିନାହିଁ। ତେବେ ଏହି ରହସ୍ୟମୟ କଇଁଛ ପ୍ରାୟ ୩ ଶହ ବର୍ଷ ତଳୁ ଦେଖିବାକୁ ମିଳିଥିବା ଗବେଷଣାରୁ ଜଣାପଡିଛି। ଏହି କଇଁଛମାନେ ଡାଇନୋସରଙ୍କ ସମ ସାମୟିକ ବୋଲି କୁହାଯାଉଛି। ଗଭୀର ସମୁଦ୍ର ମଧ୍ୟରେ ଅଲିଭ ରିଡଲେ କଇଁଛମାନଙ୍କର ଠିକଣା ଖୋଜିବାରେ କେନ୍ଦ୍ର ଓ ରାଜ୍ୟ ବନବିଭାଗ ପ୍ରଚୁର ଅର୍ଥ ବ୍ୟୟ କରିଥିଲେ ମଧ ନିୟତି ପାଖରେ ହାର ମାନିବାକୁ ପଡିଛି। ତେବେ ଅଲିଭ୍‌ରିଡ୍‌ଲେଙ୍କ ଜୀବନଶୈଳୀ ଓ ସମୂହ ଅଣ୍ଡାଦାନ ପ୍ରକ୍ରିୟା ସାଙ୍ଗକୁ ସେମାନଙ୍କ ମିଳନ ପର୍ବର ଦୃଶ୍ୟ ଆଜି ବି ଦେଶ ବିଦେଶର ପର୍ଯ୍ୟଟକମାନଙ୍କୁ ବିସ୍ମିତ କରିଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୧୮/୨୦୧୯ Bhubaneswar, Monday, March 18/ 2019

■ କ୍ରିକେଟ ଟୁର୍ନାମେଣ୍ଟ

# ବଜରଙ୍ଗବାଲି ଚାମ୍ପିୟନ



ଚାମ୍ପିୟନ ଦଳକୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

**କୁଜଙ୍ଗ,୧୭।୩(ସ୍ୱ.ପ୍ର)**

କୁଜଙ୍ଗ ବ୍ଲକ୍ ମଙ୍ଗରାଜପୁର ମିନି ଷ୍ଟାଡିୟମରେ ଚାଲିଥିବା କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଉତ୍ସବାନନ୍ଦପୁର କ୍ରିକେଟ୍ ଟିମ୍ ଓ ବଜରଙ୍ଗବାଲି ଝିମାଣୀ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ଏଥିରେ ବଜରଙ୍ଗବାଲି ଟିମ୍ ୫ ଉଇକେଟ୍‌ରେ ଉଛବାନନ୍ଦପୁରକୁ ହରାଇ ଚାମ୍ପିୟନ ହୋଇଛି। ଏହି ଚିତାକର୍ଷକ ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ଉଛବାନନ୍ଦପୁର ବ୍ୟାଟିଂ କରିଥିଲା। ଦଳ ୧୪.୪ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୦୫ ରନ କରିଥିଲା। ଜବାବରେ ବଜରଙ୍ଗବାଲି କ୍ରିକେଟ୍ ଟିମ୍ ୧୨ ଓଭରରେ ୫ ଉଇକେଟ୍ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ବଜରଙ୍ଗବାଲି ପକ୍ଷରୁ ଗୁଲୁ ପାଲ୍ ୪୯ରନ୍ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଉଦ୍‌ଯାପନ ଉତ୍ସବରେ ଯୁବ ସାମାଜିକ କର୍ମୀ ତପନ କୁମାର ତ୍ରିପାଠୀ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିବା ସହ ଗ୍ରାମାଞ୍ଚଳରେ କ୍ରୀଡା ପ୍ରତିଭା ଚୟନ କ୍ଷେତ୍ରରେ ଏହି ଟୁର୍ନାମେଣ୍ଟ ସହାୟକ ହେବ ବୋଲି କହିଥିଲେ। ଫାଇନାଲ୍ ମ୍ୟାଚ୍‌କୁ କାର୍ତ୍ତିକ ପରିଡ଼ା ଓ ମେନନ୍ ତରାଇ ଅମ୍ପାୟାର ଭାବେ ପରିଚାଳନା କରିଥିଲେ। ଅବସରପ୍ରାପ୍ତ ସେନା ଅଧିକାରୀ ବିପିନ କୁମାର ତ୍ରିପାଠୀ, ମୁନାରାଜ ସ୍ୱାଇଁ, ବିଶ୍ୱଜିତ୍ ବେହେରା, ବୁଟୁ ପ୍ରସାଦ ସ୍ୱାଇଁ, ଦିବ୍ୟଜିତ୍ ତରାଇ, ବବୁଲ ସ୍ୱାଇଁ, ଅଲେଖ ରାଉତ, ଦୀପୁ ତରାଇ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

# ୧୭୭ ପେଟି ମଦ ସହ ମାକ୍ସିମା ଜବତ, ଚାଳକ ଗିରଫ

**ବାଲିଗୁଡ଼ା,୧୭।୩(ସ୍ୱ.ପ୍ର.)**

ବାଲିଗୁଡ଼ା ପୋଲିସ ରବିବାର ୧୧୭ ପେଟି ଚୋରା ମଦ ସହ ଏକ ମାକ୍ସିମା (ନଂ.ଓଆର ୨୧ ଇ ୦୯୨୯) ଜବତ କରିଛି। ଏଥିସହ ଗାଡ଼ି ଚାଳକଙ୍କୁ ଗିରଫ କରାଯାଇଛି। ତେବେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ନାଉଗାଁ ଥାନା ଜାମୁଗାଁର ପ୍ରଶାନ୍ତ ସାହୁ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡିଛି। ସୂଚନା ଅନୁଯାୟୀ, ବାଲିଗୁଡ଼ା ପୋଲିସ ଶନିବାର ରାତିରେ ଈଶ୍ୱରପୁର ଛକରେ ପାଟ୍ରୋଲିଂ କରୁଥିବାବେଳେ ଏକ ଟାଟା ମାକ୍ସିମା ଗାଡ଼ି ଖୁବ୍ ଜୋରରେ ଆସୁଥିବା ଖବର ପାଇଥିଲା। ଥାନା ଅଧିକାରୀ ସର୍ବେଶ୍ୱର ବେହେରାଙ୍କ ପରାମର୍ଶ କ୍ରମେ ପୋଲିସ ଉକ୍ତ ଗାଡ଼ି ଅଟକାଇବାକୁ ଯୋଜନା କରିଥିଲା। ଭୋର ସାଢେ ୫ ଟାରେ ଉକ୍ତ ଗାଡ଼ିକୁ ଜବତ କରାଯାଇଥିଲା। ପୋଲିସକୁ ଦେଖି ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ଗାଡ଼ି ଚାଳକ ଆଦର୍ଶ ରାଉତଙ୍କୁ ପୋଲିସ ଗିରଫ କରିବା ସହ ୧୪୯ ପେଟି ଦେଶୀମଦ ଓ ୨୯ ପେଟି ବିୟର ଜବତ କରିଥିଲା। ସବ୍‌ଇନ୍‌ସପେକ୍ଟର ରବିନାରାୟଣ ଲେଙ୍କା, ଏଏସଆଇ ସୁଶାନ୍ତ କୁମାର ସାହୁ, ନିତ୍ୟାନନ୍ଦ ସ୍ୱାଇଁ, ମହେନ୍ଦ୍ର ମହାପାତ୍ରଙ୍କ ସମେତ ୫ ଜଣ କନଷ୍ଟେବଲ ଏହି ଚଢାଉରେ ସାମିଲ ହୋଇଥିଲେ। ଏରସମା ଥାନା ଅଧୀନ ଗୋଡାରୁ ଏହି ମଦ ବାଲିଗୁଡ଼ା ଓ ନାଉଗାଁ ଅଞ୍ଚଳକୁ ଆସୁଥିବା ଜଣାପଡିଛି।


ଜବତ ହୋଇଥିବା ମଦ।

# ଜବରଦଖଲକାରୀଙ୍କ କବ୍‌ଜାରେ ରାସ୍ତା, ଯାତାୟାତ ବାଧାପ୍ରାପ୍ତ

**କୁଜଙ୍ଗ, ୧୭।୩(ସ୍ୱ.ପ୍ର.)**

କୁଜଙ୍ଗ ପୁରୁଣା ଥାନା ଛକ ଅର୍ଥାତ ବର୍ତ୍ତମାନର ସିନେମା ହଲ୍ ଛକରୁ ମେଡିକାଲକୁ ସଂଲଗ୍ନ କରାଯାଇଥିବା କୁଜଙ୍ଗ-ବାଲିତୁଠ ରାସ୍ତା ଏବେ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ଦିନକୁ ଦିନ ଏହି ରାସ୍ତା ସଙ୍କୁଚିତ ହେବାରେ ଲାଗିଛି। ଏଥିଯୋଗୁ ଯାତାୟାତ ବାଧାପ୍ରାପ୍ତ ହେଉଛି। ବାରମ୍ବାର ଟ୍ରାଫିକ୍ ଜାମ୍ ହୋଇ ରାସ୍ତାରେ ଗାଡ଼ିଗୁଡ଼ିକ ଅଟକି ରହୁଛି। ମେଡିକାଲର ମୁଖ୍ୟ ଫାଟକକୁ ସଂଲଗ୍ନ କରୁଥିବା ଏହି ରାସ୍ତା ଦେଇ ଆମ୍ବୁଲାନ୍ସ ଓ ଅଗ୍ନିଶମ ଗାଡ଼ି ପରି ଗୁରତ୍ୱପୂର୍ଣ୍ଣ ସେବା ଯୋଗାଉଥିବା ଗାଡ଼ି ଚଳାଚଳ କରିପାରୁନାହିଁ। ଅନ୍ୟପକ୍ଷରେ ପ୍ରତ୍ୟେହ ଭାରିଯାନ ଚଳାଚଳ କରୁଥିବାରୁ ମଧ୍ୟ ସମସ୍ୟା ସୃଷ୍ଟି ହେଉଛି। ତେଣୁ ରାସ୍ତା ଜବରଦଖଲ ମୁକ୍ତ କରିବା ଓ ଭାରିଯାନ ଚଳାଚଳ କ୍ଷେତ୍ରରେ କଟକଣା ଲଗାଇବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ କୃଷକ ନେତା ଶ୍ରୀନିବାସ ମହାନ୍ତି ଓ ଝରୀ ତରାଇ ପ୍ରମୁଖ କହିଛନ୍ତି ଯେ, ଏହି ରାସ୍ତାରେ ଆଗକୁ ସ୍ୱାଭାବିକ ଭାବେ ଗାଡ଼ି ଚଳାଚଳ କରୁଥିଲା। ମାତ୍ର କ୍ରମଶଃ ଜବରଦଖଲ ଓ ଭାରିଜାନ ଚଳାଚଳ କ୍ଷେତ୍ରରେ କୌଣସି କଟକଣା କରା ନ ଯିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି।











3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ସର୍ବଦା ପ୍ରାର୍ଥନା କର, ଯେପରି ତୁମ ଶରୀରର ମୃତ୍ୟୁ ପୂର୍ବରୁ ତୁମ ଭିତରେ ଥିବା ଦୁର୍ଗୁଣଗୁଡିକର ମୃତ୍ୟୁ ହୋଇଯାଉ। - ଫ୍ରାଙ୍କଲିନ୍



## ସଂକ୍ଷେପରେ

### ନିର୍ବାଚନରେ ମହିଳା ପୋଲିଂ ଅଫିସର

**ଦଶପଲ୍ଲା,୧୭।୩(ଡି.ଏନ.ଏ.):** ଚଳିତ ଲୋକ ସଭା ଓ ବିଧାନସଭା ନିର୍ବାଚନ ପାଇଁ ବିଗୁଲ ବାଜିସାରିଥିବା ବେଳେ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ଭୋଟର ତାଲିକାଠାରୁ ଆରମ୍ଭ କରି ଭୋଟ କେନ୍ଦ୍ର ଓ ଏହି କାର୍ଯ୍ୟରେ ନିୟୋଜିତ କର୍ମଚାରୀମାନଙ୍କ ତାଲିକା ପ୍ରକାଶ ପାଇଛି। ଏହି ସରକାରୀ କର୍ମଚାରୀମାନେ ଭୋଟ କେନ୍ଦ୍ରରେ ପୋଲିଂ ଅଫିସର ଭାବେ କାର୍ଯ୍ୟ କରିବେ। ଚଳିତ ନିର୍ବାଚନରେ ନୟାଗଡ଼ ଜିଲାରେ ପ୍ରଥମଥର ମହିଳା ପୋଲିଂ ଅଫିସରଙ୍କୁ ଦେଖିବାକୁ ମିଳିବ । ପୂର୍ବରୁ ଏହି ବ୍ୟବସ୍ଥା ନ ଥିବାବେଳେ ଏହି ନିର୍ବାଚନରେ ମହିଳାଙ୍କୁ ନିଜ ବ୍ଲକରେ ପୋଲିଂ ଅଫିସର ଭାବେ ନିୟୋଜିତ କରାଯାଇଥିବା ଜଣାଯାଇଛି ।

### ଚୋରାମଦ ଜବତ, ଜଣେ ଗିରଫ

**ଦଶପଲ୍ଲା,୧୭।୩(ଡି.ଏନ.ଏ.):** ଦଶପଲ୍ଲା ପୋଲିସ ରବିବାର ଚଢାଉ କରି ଦେଶୀମଦ ଜବତ କରିବା ସହ ଏଥିରେ ସମ୍ପୃକ୍ତ ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ ତେଣ୍ଡାବାଡି ଗ୍ରାମର ଅକ୍ଷୟ କୁମାର ବେହେରା। ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ନିକଟସ୍ଥ ବାରପୁରିକିଆ ସ୍କୁଲ ନିକଟରୁ ଅକ୍ଷୟଙ୍କୁ ଧରି ତାଙ୍କଠାରୁ ୧୬ ଲିଟର ଦେଶୀମଦ ଜବତ କରିଛି ।

### ରାଜ୍ୟସ୍ତରୀୟ ଫୁଟବଲ: ଆଦିବାସୀ ଜାଗରଣ କ୍ଲବ ଚାମ୍ପିୟନ

**ଖୋର୍ଦ୍ଧା ଅଫିସ,୧୭।୩:** ଆଦିବାସୀ ଜାଗରଣ କ୍ଲବ ପକ୍ଷରୁ ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡା ପଞ୍ଚାୟତ ପାଇକତିଗିରିଆରେ ୭ଦିନ ଦିନ ଧରି ଚାଲିଥିବା ରାଜ୍ୟସ୍ତରୀୟ ଫୁଟବଲ ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ଆୟୋଜକ ଦଳ ଆଦିବାସୀ ଜାଗରଣ କ୍ଲବ ୨-୦ ଗୋଲରେ କଟକ ଜିଲା ବାଙ୍କୀ ବ୍ଲକ ପଣ୍ଡାଳମ ସ୍ପୋଟସ୍ ଆସୋସିଏସନକୁ ପରାସ୍ତ କରି ଚମ୍ପିୟାନ ହୋଇଛି। ଏଥିରେ ବ୍ଲକ ଉପାଧକ୍ଷ ରାମଚନ୍ଦ୍ର ସାମନ୍ତରାୟ, ସାମାଜିକ କର୍ମୀ ଗୋପାଳକୃଷ୍ଣ ପ୍ରଧାନ, ୱାର୍ଡ ସଭ୍ୟା ଅଞ୍ଜଳି ସ୍ୱାଇଁ ଯୋଗଦେଇ ଚମ୍ପିୟାନ ଦଳକୁ ୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଅପରପକ୍ଷେ ଏକ ସ୍ୱତନ୍ତ୍ର ମହିଳା ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଘାଟିକିଆ ବଜରଙ୍ଗୀ ବାଲି ମହିଳା ଫୁଟବଲ ଦଳ ୧-୦ ଗୋଲରେ ଭୁବନେଶ୍ୱର ଦଲୁଆ ନୀଳମାଧବ ସେବା ସଂଘକୁ ପରାସ୍ତ କରି ବିଜୟୀ ହୋଇଥିଲା। ଅବିନାଶ ପଟ୍ଟନାୟକ ଖେଳ ପରିଚାଳନା କରିଥିବାବେଳେ ସଗିର ଅହମ୍ମଦ, ସୋଏବ ଅହମ୍ମଦ, ଅମଜାଦ ଖାନ ସହଯୋଗ କରିଥିଲେ।

### ବିଜେଡିର ମହିଳା କର୍ମୀ ସମାବେଶ



**ବାଲୁଗାଁ,୧୭।୩(ଡି.ଏନ୍.ଏ.):** ବାଲୁଗାଁସ୍ଥିତ ବିଜୁ ଜନତା ଦଳ କାର୍ଯ୍ୟାଳୟଠାରେ ରବିବାର ବାଲୁଗାଁ ଏନ୍‌ଏସିର ମହିଳା କର୍ମୀ ସମାବେଶ ସଭାପତି ସୁଜାତା ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସମାବେଶରେ ଚିଲିକାର ପୂର୍ବତନ ବିଧାୟକ ରଘୁନାଥ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶା ସରକାର ମହିଳାମାନଙ୍କ ପାଇଁ ପ୍ରଣୟନ କରିଥିବା ବିଭିନ୍ନ ଯୋଜନା ବିଷୟରେ ଅବଗତ କରାଇବା ସହ ଓଡ଼ିଶା ପ୍ରତି କେନ୍ଦ୍ରର ଅବହେଳା ଓ ବୈମାତୃକ ମନୋଭାବ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଚିଲିକା ନିର୍ବାଚନ ମଣ୍ଡଳୀ ମହିଳା ସମାବେଶର ପର୍ଯ୍ୟବେକ୍ଷକ ସୂର୍ଯ୍ୟମଣୀ ବେହେରା, ମହିଳା ସଭାନେତ୍ରୀ କବିତାରାଣୀ ମହାପାତ୍ର, ବେବିନା ତ୍ରିପାଠୀ, ସୁପ୍ରିୟା ମହାରଣା, ପୂର୍ବତନ ଏନ୍‌ଏସି ଅଧକ୍ଷା ଲକ୍ଷ୍ମୀପ୍ରିୟା ମାଝିଙ୍କ ସମେତ ଶତାଧିକ ମହିଳା କର୍ମୀ ଯୋଗଦେଇଥିଲେ।

### ସାମାଜିକ କର୍ମୀଙ୍କ ପରଲୋକ

**ଖଣ୍ଡପଡ଼ା,୧୭।୩(ସ୍ୱ.ପ୍ର.):** ଖଣ୍ଡପଡ଼ା ସହର ୩ନଂ ୱାର୍ଡ କାଦୁଆସାହିର ସାମାଜିକ କର୍ମୀ ହରିହର ମହାପାତ୍ର(୯୪)ଙ୍କ ଶନିବାର ତାଙ୍କ ବାସଭବନରେ ପରଲୋକ ଘଟିଛି। ସେ ଦୀର୍ଘମାସ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ବିଦ୍ୟା ଭାଇନା ଭାବେ ପରିଚିତ ସ୍ୱର୍ଗତ ମହାପାତ୍ର ୩ ଥର ୱାର୍ଡ ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ଥାନୀୟ ମା' ଉମାଦେବୀ ଶ୍ମଶାନ ଘାଟରେ ସ୍ୱର୍ଗତ ମହାପାତ୍ରଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ବଡପୁଅ ନାରାୟଣ ମୁଖାଗ୍ନି ଦେଇଥିଲେ।

# ରାଜଧାନୀରେ ଡେରା ପକାଇଛନ୍ତି ନେତା

**ନୟାଗଡ଼ ଅଫିସ,୧୭।୩**

■କର୍ମୀମାନେ ତୁଲାଉଛନ୍ତି କାର୍ଯ୍ୟ
■ନୋଟାକୁ ଯାଇପାରେ ଭୋଟ

ନୟାଗଡ଼ ଜିଲାର ୪ ବିଧାନସଭା ନିର୍ବାଚନମଣ୍ଡଳୀରେ ବର୍ତ୍ତମାନ ନେତାମାନଙ୍କ ଦେଖାଦର୍ଶନ ମିଳୁନାହିଁ। ନିଜ ନିଜ ନିର୍ବାଚନମଣ୍ଡଳୀରେ ଟିକେଟ ହାତେଇବା ପାଇଁ ବିଧାୟକଙ୍କଠାରୁ ଆରମ୍ଭ କରି ଆଶାୟୀ ପ୍ରାର୍ଥୀମାନେ ରାଜଧାନୀରେ ଡେରା ପକାଇଛନ୍ତି। ଏପରି କି ବିଜେଡିର ଆଶାୟୀମାନେ ନବୀନ ନିବାସ ଯାଇ ନିଜର ସ୍ଥିତି ପରଖି ଆସୁଛନ୍ତି। ଫଳରେ ଜିଲାର ବିଭିନ୍ନ ସ୍ଥାନରେ ହେଉଥିବା ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମର ଦାୟିତ୍ୱ କର୍ମୀମାନେ ବୁଝୁଛନ୍ତି। କର୍ମୀମାନେ ଏହାକୁ ଗୁରୁ ଦାୟିତ୍ୱ ମନେକରି ଗାଁ ଗାଁ ବୁଲି ନିଜ ଦଳର ପ୍ରଚାର ପ୍ରସାର କରୁଛନ୍ତି। ସ୍ଥାନୀୟ ନେତାମାନେ ନ ଥିବାରୁ କମ୍ ସଂଖ୍ୟକ ଲୋକ କାର୍ଯ୍ୟକ୍ରମରେ ଯୋଗ ଦେଉଛନ୍ତି। କେବଳ ନୟାଗଡ଼ ନିର୍ବାଚନମଣ୍ଡଳୀରୁ ବିଜେଡିର ୫ରୁ ଅଧିକ ଆଶାୟୀ ପ୍ରାର୍ଥୀ ଟିକେଟ ପାଇଁ ଯାଇଥିବା ଜଣାପଡ଼ିଛି। ସେହିପରି ରଣପୁରରୁ ୪, ଖଣ୍ଡପଡ଼ାରୁ ୩ ଓ ଦଶପଲ୍ଲା ନିର୍ବାଚନମଣ୍ଡଳୀ ପାଇଁ ୩ ଜଣ ଆଶାୟୀ ପ୍ରାର୍ଥୀ ବିଜେଡ଼ିରୁ ଟିକେଟ ପାଇବା ପାଇଁ ଡ଼େରା ପକାଇଛନ୍ତି। ଚଳିତ ନିର୍ବାଚନରେ ମହିଳାମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ ହେବାକୁ ଥିବାରୁ ଜିଲାରେ ରାଜନୀତି କରୁଥିବା ମହିଳାମାନେ ପଛରେ ପଡ଼ିନାହାନ୍ତି। ସେମାନେ ବି ଏଥିରେ ସାମିଲ ହୋଇଛନ୍ତି। ସ୍ଥାନୀୟ ଜଣେ ସଚେତନ ନାଗରିକ କହିବା ଅନୁଯାୟୀ ବର୍ତ୍ତମାନ ଆଶାୟୀମାନେ ଟିକେଟ ମାୟାରେ ପଡିଛନ୍ତି। ସେହିଭଳି ଜିଲାର ବିଭିନ୍ନ ସ୍ଥାନରେ ଭାଜପାର କାର୍ଯ୍ୟକ୍ରମ ଧିମା ହୋଇଯାଇଥିବା ଦେଖିବାକୁ ମିଳିଛି। ଏହି ଦଳର ପୂର୍ବଭଳି ସଭାସମିତି ଦେଖିବାକୁ ମିଳୁନାହିଁ। କଂଗ୍ରେସ ଦଳର ନେତାମାନଙ୍କର ମଧ୍ୟ ସମାନ ଅବସ୍ଥା। ଟିକେଟ ଫାଇନାଲ ହେଲା ପରେ କର୍ମୀମାନେ ନିର୍ବାଚନ ମଇଦାନକୁ ଓହ୍ଲାଇବେ ବୋଲି ଖବର ମିଳିଛି। ଚଳିତ ନିର୍ବାଚନରେ ଲୋକେ ଦଳ ନୁହେଁ ବ୍ୟକ୍ତିଙ୍କୁ ଗୁରୁତ୍ୱ ଦେବେ ବୋଲି ଚର୍ଚ୍ଚା ହେଉଛି। ଏପରିସ୍ଥଳେ ସ୍ୱଚ୍ଛ ଓ ନିର୍ମଳ ଭାବମୂର୍ତ୍ତି ଥିବା ବ୍ୟକ୍ତିଙ୍କୁ ଅଗ୍ରାଧିକାର ଦିଆ ନ ଗଲେ ନୋଟାରେ ଭୋଟ ପଡ଼ିବ ବୋଲି କୁହାଯାଉଛି।

### ୨୦୧୪ରେ ନୋଟାରେ ପଡିଥିଲା ୪୧୫୨ ଭୋଟ

ଗତ ୨୦୧୪ ନିର୍ବାଚନରେ ଜିଲାର ୪ ବିଧାନସଭା ନିର୍ବାଚନମଣ୍ଡଳୀରେ ୪୧୫୨ ଜଣ ଭୋଟର ନୋଟାରେ ଭୋଟ ଦେଇଥିଲେ। ଗତଥର ଏହି ବ୍ୟବସ୍ଥା ରାଜ୍ୟରେ ନୂତନ ଭାବେ ପ୍ରଚଳନ ହୋଇଥିଲା। ଏ ବର୍ଷ ଲୋକମାନେ ସଚେତନ ହୋଇଥିବାରୁ ବିଭିନ୍ନ ନିର୍ବାଚନମଣ୍ଡଳୀରେ ଏହି ହାର ବଢ଼ିପାରେ ବୋଲି ଆଲୋଚନା ହେଉଛି। ସୂଚନାଯୋଗ୍ୟ ୨୦୧୪ରେ ରଣପୁର ନିର୍ବାଚନ ମଣ୍ଡଳୀରେ ମୋଟ ୧,୮୫,୦୧୬ ଭୋଟର ଥିବାବେଳେ ୧,୩୬,୫୦୧ ମତଦାନ କରିଥିଲେ। ସେମାନଙ୍କ ମଧ୍ୟରୁ ୭୨୦ ଜଣ ନୋଟାରେ ଭୋଟ ଦେଇଥିଲେ, ଯାହାର ହାର ଥିଲା ୦.୫୩ ପ୍ରତିଶତ। ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ୧,୬୮,୭୦୯ ଭୋଟରଙ୍କ ମଧ୍ୟରୁ ୧,୧୫,୮୪୫ ଜଣ ମତଦାନ କରିଥିଲେ। ସେମାନଙ୍କ ମଧ୍ୟରୁ ୧,୮୪୦ ଜଣ ନୋଟାରେ ଭୋଟ ଦେଇଥିଲେ, ଯାହାକି ୧.୫୯ ପ୍ରତିଶତ। ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରେ ୧,୬୨,୭୪୭ ଭୋଟରଙ୍କ ମଧ୍ୟରୁ ୧,୩୧,୯୪୦ ଜଣ ଭୋଟ ଦେଇଥିଲେ। ସେଥିରୁ ୭୧୯ ଜଣ ନୋଟାରେ ଭୋଟ ଦେଇଥିଲେ, ଯାହାକି ୦.୫୪ ପ୍ରତିଶତ। ନୟାଗଡ଼ ନିର୍ବାଚନମଣ୍ଡଳୀରେ ୧,୯୩.୦୩୧ ଭୋଟରଙ୍କ ମଧ୍ୟରୁ ୧,୪୩,୧୨୩ ଜଣ ମତଦାନ କରିଥିଲେ। ସେମାନଙ୍କ ମଧ୍ୟରୁ ୮୮୩ ଜଣ ନୋଟାରେ ଭୋଟ ଦେଇଥିଲେ, ଯାହାକି ୦.୬୨ ପ୍ରତିଶତ।

# ଗାଁ ବୁଲି ଚାଟେରୀ ଭୋଗ ଖାଇଲେ ଗୁପ୍ତେଶ୍ୱର ମହାଦେବ



ଗୁପ୍ତେଶ୍ୱର ମହାଦେବଙ୍କ ଚାଟେରି ପରିକ୍ରମା।

**ଗଣିଆ,୧୭।୩ (ଡି.ଏନ.ଏ.)**

ଆରମ୍ଭ ହୋଇଯାଇଛି ରଙ୍ଗର ପର୍ବ ହୋଲି । ଗଣିଆ ବ୍ଲକ ଛାମୁଣ୍ଡିଆର ପଞ୍ଚୁପଲ୍ଲୀପ୍ରଗଣାସ୍ଥିତ ଶ୍ରୀ ଶ୍ରୀ ଗୁପ୍ତେଶ୍ୱର ମହାଦେବଙ୍କ ମନ୍ଦିରରେ ଶନିବାର ଫଗୁ ଦଶମୀ ନୀତି ପାଳନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଠାକୁରଙ୍କୁ ଏକ ସୁସଜ୍ଜିତ ବିମାନ ଯୋଗେ ଛାମୁଣ୍ଡିଆ ଅଞ୍ଚଳର ବିଭିନ୍ନ ଗ୍ରାମ ପରିକ୍ରମା କରାଯାଉଛି। ମନ୍ଦିର ପୂଜକମାନେ ଫଗୁଦଶମୀଠାରୁ ଦୋଳପୂର୍ଣ୍ଣିମା ପର୍ଯ୍ୟନ୍ତ ଠାକୁରଙ୍କୁ ଗାଁକୁ ଗାଁ ପରିକ୍ରମା କରାଇଥାନ୍ତି। ଗ୍ରାମର ପ୍ରତ୍ୟେକଙ୍କ ଘର ଅଗଣାରେ ଠାକୁରଙ୍କୁ ବିଭିନ୍ନ ଫଳ, ଉଖୁଡା ଓ ଚଣା ଭୋଗ ଲାଗି କରାଯାଇଥିଲା। ପରେ ଠାକୁରଙ୍କ ଲାଗି ଅବିର ଭକ୍ତମାନେ ବୋଳି ହୋଲି ପର୍ଯ୍ୟନ୍ତ ରଙ୍ଗର ପର୍ବକୁ ଖୁବ୍ ଧୁମ୍‌ଧାମରେ ପାଳନ କରିଥାନ୍ତି। ଫଗୁଦଶମୀଠାରୁ ଦୋଳପୂର୍ଣ୍ଣମୀ ପର୍ଯ୍ୟନ୍ତ ଠାକୁରଙ୍କୁ ଛାମୁଣ୍ଡିଆ ପଞ୍ଚାୟତର ୨୨ ଗ୍ରାମରେ ଚାଟେରି ବିଜେ କରାଯିବା ପରମ୍ପରା ରହିଥିବା ମନ୍ଦିର ପୂଜକ ଭରତ ମହାପାତ୍ର କହିଛନ୍ତି। ଏହି ଅବସରରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ବେଣ୍ଟପଡା ଗ୍ରାମବାସୀଙ୍କ ତରଫରୁ ଗ୍ରାମ ନିକଟ ହାଇସ୍କୁଲ ଖେଳପଡିଆରେ ଦୋଳଯାତ୍ରା ପାଳନ ପାଇଁ ପ୍ରସ୍ତୁତି କରାଯାଇଥିବା ଗ୍ରାମବାସୀଙ୍କ ତରଫରୁ ସୂଚନା ମିଳିଛି।

# ଗ୍ରୀନ୍ ଆର୍ଥ ପକ୍ଷରୁ ଘରଚଟିଆ ସଂରକ୍ଷଣ ଅଭିଯାନ

## ପ୍ରଦୂଷିତ ଜଳବାୟୁ, ସାର, କୀଟନାଶକ ସାଜିଛି ବାଧକ

**ଖଣ୍ଡପଡ଼ା,୧୭।୩(ସ୍ୱ.ପ୍ର.)**



ଶୋଭାଯାତ୍ରା କରି ସଚେତନତା ସୃଷ୍ଟି କରାଯାଉଛି।

ଆଗାମୀ ୨୦ ତାରିଖରେ ବିଶ୍ୱ ଘରଚଟିଆ ଦିବସ ପାଳନ କରାଯିବ। ଏହି ଅବସରରେ ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ଶିଖରପୁର ପଞ୍ଚାୟତ ସଭାଗୃହରେ ରବିବାର 'ଗ୍ରୀନ ଆର୍ଥ' ପକ୍ଷରୁ ଘରଚଟିଆ ସଂରକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଇଂ. ଆଦିତ୍ୟ କୁମାର ଦାଶ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିବାବେଳେ ମୁଖ୍ୟଅତିଥି ଭାବେ ପରିବେଶପ୍ରେମୀ ତଥା ଗଛପ୍ରେମୀ ଭାବେ ପରିଚିତ ଅବସରପ୍ରାପ୍ତ ଶିକ୍ଷକ ଅନ୍ତର୍ଯାମୀ ସାହୁ, ମୁଖ୍ୟବକ୍ତା ଭାବେ ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ ଶ୍ରୀଧର ପଣ୍ଡା ଯୋଗଦେଇଥିଲେ। ଅତିଥିମାନେ ଘରଚଟିଆମାନଙ୍କ ସୁରକ୍ଷା, ବଂଶବୃଦ୍ଧି ଓ କୃତ୍ରିମ ବସା ସ୍ଥାପନ ଉପରେ ଜନସଚେତନତା ସୃଷ୍ଟି କରିଥିଲେ। ବିଗତ ୧୦ ବର୍ଷ ମଧ୍ୟରେ ପୃଥିବୀରେ ଘରଚଟିଆଙ୍କ ସଂଖ୍ୟା କ୍ରମଶଃ ହ୍ରାସ ପାଉଥିବା ନେଇ ଦାଶ ସୂଚନା ଦେଇଥିଲେ। ସାର, କୀଟନାଶକ, ଚାଳଛପର ଘରର ଅଭାବ, ମୋବାଇଲ ଟାୱାର ମଧ୍ୟରୁ ନିର୍ଗତ ବୈଦ୍ୟୁତିକ ତରଙ୍ଗ ଓ ପ୍ରଦୂଷିତ ଜଳବାୟୁ ସମ୍ପୃକ୍ତ ପକ୍ଷୀମାନଙ୍କ ବଂଶବୃଦ୍ଧିର ବାଧକ ସାଜିଥିବା ନେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ । ସଚେତନତା ଶିବିରରେ ପ୍ରଦୀପ କୁମାର ସାହୁ, ରଞ୍ଜନ ପଣ୍ଡା, ବୁଦ୍ଧି ବାମନ ବୁଖାରୀ, ତ୍ରିନାଥ ମହାରଣା, ଜମେଶ୍ୱର ପରିଡା, ରବୀନ ସରକାର ପ୍ରମୁଖ ପକ୍ଷୀପ୍ରେମୀ ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ସ୍ୱତନ୍ତ୍ର ଭାବେ ନିର୍ମିତ ୨୦ଟି କାଠବାକ୍ସ (ଘରଚଟିଆଙ୍କ ବସା) ଗ୍ରାମର ବିଭିନ୍ନ ସ୍ଥାନ ଓ ଗୃହକାନ୍ଥରେ ଲଗାଯାଇଥିଲା ।

### ଗାଡ଼ି ଚୋରି ରୋକିବ ଜିପିଏସ୍

**ଖୋର୍ଦ୍ଧା ଅଫିସ,୧୭।୩**

ବାଇକ୍ ଚୋରି ଏବେ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏଭଳିସ୍ଥଳେ ଏକ କମ୍ପାନୀ ପକ୍ଷ ଶକ୍ତିଶାଳି ଡିଭାଇସ୍ (ଜିପିଏସ୍)ପ୍ରସ୍ତୁତ କରାଯାଇଛି। ଗାଡ଼ି ଚୋର କଲେ, କେହି ଗାଡ଼ିରେ ହାତ ମାରିଲେ ଜିପିଏସ୍ ସଙ୍ଗେ ସଙ୍ଗେ ମୋବାଇଲକୁ ରିଙ୍ଗ ଦେବା ସହ କେଉଁ ରାସ୍ତା ଦେଇ ଗାଡ଼ି ଯାଉଛି ତାହା ମଧ୍ୟ ସୂଚନା ଦେବ। ଏମିତିକି ୪ ଚକିଆ ଯାନରେ ଡ୍ରାଇଭର କେଉଁ ଦିଗକୁ ଗାଡ଼ି ନେଇଛି ଏବଂ ଗାଡ଼ିରେ କେତେ ପରିମାଣରେ ତେଲ ରହିଛି ତାହା ସେନସର ଜିପିଏସ୍ ମାଧ୍ୟମରେ ନିଜ ମୋବାଇଲ ଦେଖିବାର ସୁବିଧା ଉପଲବ୍ଧ ରହିଛି। କେବଳ ଗାଡ଼ି ନୁହଁ ଦୋକାନ ଚୋରି, ଘର ଚୋରିରୁ ରକ୍ଷା ପାଇବାକୁ ଶଟର ଏବଂ କବାଟରେ ଏଭଳି ଜିପିଏସ କମ୍ପାନୀ ଦ୍ୱାରା ଉପଲବ୍ଧ ରହିଛି ବୋଲି ରବିବାର ଖୋର୍ଦ୍ଧାରେ ଏକ ଖବରଦାତା ସମ୍ମିଳନୀରେ କମ୍ପାନୀର ସିଇଓ ପରମାନନ୍ଦ ବେହେରା, ମାର୍କେଟିଂ ମ୍ୟାନେଜର ଲିଙ୍ଗରାଜ ବାରିକ ଓ ବ୍ୟବସାୟର ମୁଖ୍ୟ ଶାନ୍ତନୁ ବେହେରା ସୂଚନା ଦେଇଛନ୍ତି।

# ଶ୍ରୀ ରଘୁନାଥଜୀଉଙ୍କ ପୀଠରେ ଉପେନ୍ଦ୍ର ଭଞ୍ଜ ଜୟନ୍ତୀ

**ଓଡ଼ଗାଁ, ୧୭।୩(ସ୍ୱ.ପ୍ର.)**

କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସିଦ୍ଧ ପୀଠ ଭାବେ ପରିଚିତ ଓଡ଼ଗାଁରେ ବିଜେ ଶ୍ରୀରଘୁନାଥଜୀଉଙ୍କ ମନ୍ଦିର ପରିସରରେ ଶନିବାର ସନ୍ଧ୍ୟାରେ ଉପେନ୍ଦ୍ର ଭଞ୍ଜ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି । କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ସାଂସ୍କୃତିକ ପ୍ରତିଷ୍ଠାନ ଓଡ଼ଗାଁ ଓ ଭୁବନେଶ୍ୱର ଭଞ୍ଜଭାରତୀର ମିଳିତ ଉଦ୍ୟମରେ ଆୟୋଜିତ ସମାରୋହରେ ପ୍ରାକ୍ତନ ଅଧ୍ୟାପକ ଡ. ବେଣୁଧର ଦାସ ଅଧକ୍ଷତା କରିଥିଲେ। ଓଡିଶା ହାଇକୋର୍ଟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିଥିଲେ। ଭଞ୍ଜଭାରତୀ ସମ୍ପାଦକ ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀ ମୁଖ୍ୟବକ୍ତା, ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ର କାର୍ଯ୍ୟକ୍ରମ ପରିଚାଳନା ମୁଖ୍ୟ ନୀଳାଦ୍ରିମୋହନ ଶତପଥୀ ସମ୍ମାନିତ ଅତିଥି ଯୋଗଦେଇଥିଲେ। ନିରାକାରପୁର କଲେଜ ଇଂରାଜୀ ଅଧ୍ୟାପକ ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅତିଥିମାନେ ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟ କୃତୀ ଆଧୁନିକ ସମାଜକୁ ଦେଇଥିବା ଦିଗ୍‌ଦର୍ଶନ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଷଡ଼ଙ୍ଗୀ ଭଞ୍ଜ ସାହିତ୍ୟର ମୁଖ୍ୟ ଆକର୍ଷଣ ବୈଦେହୀଶ ବିଳାଶର କେତେକ ପଂକ୍ତି ଚମତ୍କାର ଢଙ୍ଗରେ ଉପସ୍ଥାପନ କରିଥିଲେ, ଯାହା ଉପସ୍ଥିତ ଭଞ୍ଜସାହିତ୍ୟ ପ୍ରେମୀଙ୍କୁ ଆନନ୍ଦିତ କରିଥିଲା। ଏହି ଅବସରରେ ମୁଖ୍ୟ ଅତିଥି ବିଚାରପତି ଡ. ଷଡଙ୍ଗୀଙ୍କୁ ଅନୁଷ୍ଠାନ ତରଫରୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ ଭଞ୍ଜଭାରତୀ ସମ୍ପାଦକ ପ୍ରତିବର୍ଷ ରଘୁନାଥଜୀଉଙ୍କ ପୀଠରେ ଭଞ୍ଜସାହିତ୍ୟ ସମାରୋହ ପାଳନ କରିବାକୁ ଘୋଷଣା କରିଥିଲେ । ପ୍ରଫୁଲ୍ଲ କୁମାର ଡାକୁଆ ଧନ୍ୟବାଦ ଦେଇଥିଲେ।



ଜୟନ୍ତୀ ସମାରୋହରେ ଯୋଗଦେଇଥିବା ଅତିଥିମାନେ।

# ଏସ୍ଇଏମ୍ ସଂଘ ପକ୍ଷରୁ କାର୍ଯ୍ୟ ବନ୍ଦ ଚେତାବନୀ

**ବୋଲଗଡ଼,୧୭।୩(ଡି.ଏନ.ଏ.)**



ବୈଠକରେ ଯୋଗଦେଇଥିବା ଏସ୍ଇଏମ୍ କର୍ମଚାରୀ।

ନଳକୂପ ମରାମତି ଏବଂ ପାନୀୟ ଜଳ ଯୋଗାଣ ପାଇଁ କାର୍ଯ୍ୟ କରୁଥିବା ଏସ୍ଇଏମ୍ (ସ୍ୱାବଲମ୍ବୀ କାରିଗର)ମାନେ ଭତ୍ତା ବୃଦ୍ଧି ସହ ଚାକିରି ମାନ୍ୟତା ଦାବି କରିଛନ୍ତି। ଏହି ଅବସରରେ ବୋଲଗଡ଼-ବେଗୁନିଆ ଏସ୍ଇଏମ୍ ସଂଘ ପକ୍ଷରୁ ବୋଲଗଡ଼ ବ୍ଲକ ପିଟୁକୁଳିସ୍ଥିତ ପଞ୍ଚୁଦୋଳ ପଡିଆଠାରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଯଦି ସରକାର ଦାବି ପୂରଣ ନ କରନ୍ତି ତେବେ ଗ୍ରୀଷ୍ମଋତୁରେ ଏସ୍ଇଏମ୍‌ମାନେ ନଳକୂପ ମରାମତି ନ କରିବା ସହ ପାନୀୟଜଳ ଯୋଗାଣ ବନ୍ଦ କରିଦେବେ ବୋଲି ଚେତାବନୀ ଦେଇଛନ୍ତି। ବୈଠକରେ ସଂଘ ସଭାପତି ଜିତେନ୍ଦ୍ର କୁମାର ସ୍ୱାଇଁ କୁହନ୍ତି, ଆମେ ପାନୀୟ ଜଳ ଯୋଗାଣ ପ୍ରକଳ୍ପରେ ପାଣି ପମ୍ପ ଚଳାଇବା ସହିତ ନଳକୂପ ମରାମତି କରୁଛୁ। ଏହି କାର୍ଯ୍ୟ କରୁଥିବା କର୍ମଚାରୀମାନେ ମାସିକ ୧୫ ହଜାରରୁ ଊର୍ଦ୍ଧ୍ୱ ଦରମା ପାଉଥିବାବେଳେ ଆମେ ମାସକୁ ମାତ୍ର ୧୬୦୦ଟଙ୍କା ଭତ୍ତା ପାଉଛୁ। ଆମକୁ ଚାକିରି ମାନ୍ୟତା ମିଳୁନାହିଁ। କିନ୍ତୁ ଆମେ କଠିନ ପରିଶ୍ରମ କରୁଛୁ। ଯଦି ସରକାର ଆମର ଦାବି ପୂରଣ ନ କରନ୍ତି ତେବେ ଆମେ ସାମୂହିକ ଭାବେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବୁ ଏବଂ ସରକାର ହିଁ ଏଥିପାଇଁ ଦାୟୀ ରହିବେ। ଏ ସଂକ୍ରାନ୍ତରେ ଏକ ଦାବିପତ୍ର ସରକାରଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦିଆଯିବ ବୋଲି ସ୍ୱାଇଁ କହିଛନ୍ତି ।

# ଭାଜପାର ବିଜୟ ସଂକଳ୍ପ ସମାବେଶ

**ଖଣ୍ଡପଡ଼ା,୧୭।୩(ସ୍ୱ.ପ୍ର.)**

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ଓଡିଶା ଜାତିର ସ୍ୱାର୍ଥ ଓ ସ୍ୱାଭିମାନ ପାଇଁ କୌଣସି ଅବହେଳାକୁ ବରଦାସ୍ତ କରୁ ନ ଥିଲେ। ବିଜୁ ବାବୁ ଓଡ଼ିଶାର ମାଟି ପାଇଁ ଯାହା କରିବାକୁ ଚାହୁଁଥିଲେ ତାଙ୍କ ପୁତ୍ର ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହେବା ପରେ ବାପାଙ୍କ ବିପରୀତ ଭାବେ କାର୍ଯ୍ୟକ୍ରମ କରିଚାଲିଛନ୍ତି । ଦୁର୍ନୀତି, ଭ୍ରଷ୍ଟାଚାର, ବଳାତ୍କାର, ଚାଷୀ ଅତ୍ମହତ୍ୟା, ଆଦିବାସୀ ଶୋଷଣ ଓ ସବୁଠି ପିସି କାରବାର ଚାଲିଥିବା ନେଇ ପୂର୍ବତନ ମନ୍ତ୍ରୀ ଡାକ୍ତର ଦାମୋଦର ରାଉତ ଅଭିଯୋଗ କରିଛନ୍ତି। ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂଙ୍କ ତତ୍ତ୍ୱାବଧାନରେ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଇଗୁଣିଆ ଖେଳପଡିଆଠାରେ ରବିବାର ଅପରାହ୍ନରେ ଅନୁଷ୍ଠିତ ବିଜୟ ସଂକଳ୍ପ ସମାବେଶରେ ଡାକ୍ତର ରାଉତ ଏହା କହିଛନ୍ତି। ମୁଁ ବିଜୟ ଆଡକୁ ନ ଯାଇ କେବଳ ସଂକଳ୍ପ ନେଉଛି ଯାହା ହେଉଛି ହେଉ, ଏ ନବୀନ ପଟ୍ଟନାୟକ ଦୁର୍ନୀତିର ସମାଧି ହେଉ ବୋଲି ଡ. ରାଉତ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ସୁରମା ପାଢୀ, ନୟାଗଡ଼ ଜିଲା ସଭାପତି ସନ୍ନ୍ୟାସୀ ନାୟକ, ସିନେ ତାରକା ଅନୁ ଚୌଧୁରୀ, ଭାଜପା ମୁଖପାତ୍ର ପିତାମ୍ବର ଆଚାର୍ଯ୍ୟ, ମହିଳା ନେତ୍ରୀ ଅର୍ଚ୍ଚନା ଦାଶ, କ୍ୟାପଟେନ୍ ଶିବ ପ୍ରସାଦ ଭଞ୍ଜ, ମଣ୍ଡଳ ସମ୍ପାଦକ ଶିବ ନାରାୟଣ, ସୁର ଜଗଦେବ ପ୍ରମୁଖ ଯୋଗଦେଇଥିଲେ ।




ସମାବେଶରେ ଭାଜପା ନେତୃବୃନ୍ଦ।

## ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ

# ଓଡ଼ିଶା ପ୍ରତି ଅବହେଳା କରୁଛି କେନ୍ଦ୍ର

**ଖଣ୍ଡପଡ଼ା,୧୭।୩(ସ୍ୱ.ପ୍ର.)**

କେନ୍ଦ୍ର ସରକାରଙ୍କ ପକ୍ଷରୁ ଓଡିଶାବାସୀଙ୍କ ପ୍ରତି ହେଉଥିବା ଉପେକ୍ଷାକୁ ନେଇ ଶାସକ ବିଜେଡି ତରଫରୁ ରାଜ୍ୟର ସମସ୍ତ ନିର୍ବାଚନ ମଣ୍ଡଳୀରେ କେନ୍ଦ୍ର ବିରୋଧୀ ରାଲି ଓ ଶୋଭାଯାତ୍ରା କରାଯାଉଛି । ଏହି ପରିପ୍ରେକ୍ଷୀରେ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର ଶିଖରପୁର ପଞ୍ଚାୟତଠାରୁ ଏକ ବିରାଟ ମୋଟର ସାଇକେଲ ରାଲି ବାହାରି ରାଣୀପଡା, ବିରିଡିହି, ଗୁଣ୍ଠୁଣି, ଶାଳଝରିଆ, ବାହାଡା, କାଟେରାସାହି ଗ୍ରାମ ମଧଦେଇ ବନମାଳୀପୁର ସୋମନାଥ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଥିଲା । ବିଧାୟକ ଅନୁଭବ ପଟ୍ଟନାୟକଙ୍କ ନେତୃତ୍ୱରେ ୫ଶହରୁ ଊର୍ଦ୍ଧ୍ୱ ଯୁବକ ମୋଟରସାଇକେଲରେ ବସି ରାଲିରେ ସାମିଲ ହୋଇଥିଲେ । ମନ୍ଦିର ପରିସରରେ ଆୟୋଜିତ ଏକ ସମାବେଶରେ ଖଣ୍ଡପଡ଼ା ବ୍ଲକ ବିଜେଡି ସଭାପତି ଚନ୍ଦ୍ରକାନ୍ତ ବଳିୟାର ସିଂ, ମହିଳା ସଭାପତି ଚନ୍ଦ୍ରମା ପ୍ରଧାନ, ବର୍ଷା ନାୟକ, ଯୁବ ବିଜେଡି ସଭାପତି ନାରାୟଣ ଯେନା, ପୂର୍ବତନ ସରପଞ୍ଚ ସର୍ବେଶ୍ୱର ସ୍ୱାଇଁ, କଣ୍ଟିଲୋ ବିଜେଡି ସଭାପତି ମାଧବ ଚନ୍ଦ୍ର ସାହୁ, ବାଣପୁର ସମିତି ସଭ୍ୟ ସଦାନନ୍ଦ ପ୍ରଧାନ ଓ ନୀଳମାଧବ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟବାସୀଙ୍କ ବିଭିନ୍ନ ଦାବିକୁ ନେଇ 'ହକ୍ ମାଗୁଛି ଓଡ଼ିଶା' କାର୍ଯ୍ୟକ୍ରମ କରାଯାଉଛି ବୋଲି ଆୟୋଜକ କହିଥିଲେ। ଉକ୍ତ ସମାବେଶରେ ମହାନଦୀ ଜଳ ଆବଣ୍ଟନ, ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର ମନ୍ଥରତା, ପ୍ରାକୃତିକ ଖଣିଜ ସମ୍ପଦରେ ଭରପୁର ଓଡିଶା ପ୍ରତି କେନ୍ଦ୍ରର ଅବହେଳା ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ବିଧାୟକ ପଟ୍ଟନାୟକ ସୂଚନା ଦେଇଥିଲେ । ଅପରପକ୍ଷରେ ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପ୍ରଦାନ ପାଇଁ ଭାଜପା ୨୦୧୪ ସାଧାରଣ ନିର୍ବାଚନ ଇସ୍ତାହାରରେ ପ୍ରକାଶ କରିଥିବାବେଳେ ତାହା ଏପର୍ଯ୍ୟନ୍ତ ପୂରଣ ହୋଇପାରିଲା ନାହିଁ ବୋଲି ସମାବେଶରେ ମତ ପ୍ରକାଶ ପାଇଥିଲା।



କାର୍ଯ୍ୟକ୍ରମରେ ବିଧାୟକଙ୍କ ସହ ଦଳୀୟ ନେତୃବୃନ୍ଦ ଓ ଜନସାଧାରଣ।



"ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
-ସକ୍ରେଟିସ୍



## ସଂକ୍ଷେପରେ

### ଅରୁଣସ୍ତମ୍ଭ ସମ୍ମୁଖରୁ ମୋବାଇଲ ଝାମ୍ପିନେଲେ

**ପୁରୀ ଅଫିସ,୧୭।୩:** ଅରୁଣସ୍ତମ୍ଭ ସମ୍ମୁଖରୁ ମହିଳାଙ୍କଠାରୁ ମୋବାଇଲ ଝାମ୍ପି ନେଇଥିବା ଜଣେ ଯୁବକ ପୋଲିସ ହାତରେ ଧରାପଡିଛନ୍ତି। ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେ ଜେଲ୍ ଯାଇଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ଖଡ଼ିପଦା ମଣିମହେଶ୍ୱର ବଗିଚାର କୃଷ୍ଣଚନ୍ଦ୍ର ମହାନ୍ତି। ଏ ସଂକ୍ରାନ୍ତରେ ସିଂହଦ୍ୱାର ଥାନାରେ ଏକ ମାମଲା (ନଂ.୧୧/୧୯) ରୁଜୁ କରାଯାଇଛି। ଆଇଆଇସି ଶ୍ରବଣ କୁମାର ମହାରଣାଙ୍କ ସୂଚନା ମୁତାବକ, ଭୁବନେଶ୍ୱରର ଦେବୀ ଘୋଷଲା ପୂର୍ବାହ୍ନରେ ଶ୍ରୀମନ୍ଦିରକୁ ଦର୍ଶନ ପାଇଁ ଆସିଥିଲେ। ଦର୍ଶନ ସାରି ପୌରସଂସ୍ଥା ଯୋତାଷ୍ଟାଣ୍ଡରୁ ଚପଲ ଏବଂ ମୋବାଇଲ ଆଣି ଫେରୁଥିଲେ। ଅରୁଣସ୍ତମ୍ଭ ପାଖରେ ଦେବୀ ଧରିଥିବା ୨ଟି ମୋବାଇଲ କୃଷ୍ଣଚନ୍ଦ୍ର ଝାମ୍ପି ନେଇ ଦୌଡିଥିଲେ। ଦେବୀ ପାଟି କରିବାରୁ ସେଠାରେ ଡ୍ୟୁଟିରେ ଥିବା ପୋଲିସ କର୍ମଚାରୀ କୃଷ୍ଣଚନ୍ଦ୍ରଙ୍କୁ ମାଡି ବସିଥିଲେ। ତାଙ୍କଠାରୁ ୨ଟି ଯାକ ମୋବାଇଲ ଜବତ କରାଯାଇ ଦେବୀଙ୍କୁ ପ୍ରଦାନ କରାଯାଇଛି।

### ଭୋଟର ସଚେତନତା କାର୍ଯ୍ୟକ୍ରମ

**ପୁରୀ ଅଫିସ, ୧୭।୩:** ଆସନ୍ତା ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ପ୍ରତ୍ୟେକ ଭୋଟର ନିଜର ଗଣତାନ୍ତ୍ରିକ ଅଧିକାରକୁ ସାବ୍ୟସ୍ତ କରିବା ଲକ୍ଷ୍ୟ ନେଇ ଭଗବତୀ ବିଦ୍ୟା ନିକେତନ ପକ୍ଷରୁ ରବିବାର ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ସମ୍ପାଦକ ମହେନ୍ଦ୍ର ବିଶୋଇ, ପ୍ରଧାନ ଶିକ୍ଷୟିତ୍ରୀ କ୍ରିଷ୍ଣାକୁମାରୀ ଦେଇ, କାର୍ଯ୍ୟାଳୟ ଅଧିକାରୀ ଲକ୍ଷ୍ମୀଧର ମାଝି, ଶିଶୁ ସାହିତ୍ୟିକ ରମେଶ ଚନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଅବସରରେ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ବାର୍ଷିକ ଚିତ୍ରାଙ୍କନ ଏବଂ ଓଡ଼ିଆ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଓଡ଼ିଆ ପ୍ରବନ୍ଧ ପ୍ରତିଯୋଗିତାରେ ୪୧ ଜଣ ଏବଂ ଚିତ୍ରାଙ୍କନରେ ୧୫୬ ଜଣ ଭାଗ ନେଇ ନିଜ ଦକ୍ଷତା ପ୍ରଦର୍ଶନ କରିଥିଲେ। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ।

### ପୀଡ଼ିତାଙ୍କୁ ମିଳିଲାନି ନ୍ୟାୟ

**ପୁରୀ ଅଫିସ, ୧୭।୩:** ଚନ୍ଦନପୁର ଥାନା ଅଞ୍ଚଳରେ ଜଣେ ମାନସିକ ବିକାରଗ୍ରସ୍ତ ୩୫ବର୍ଷୀୟ ମହିଳାଙ୍କୁ ଶନିବାର ବିଳମ୍ବିତ ରାତିରେ ଜଣେ ଯୁବକ ବଳାତ୍କାର କରିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ସମ୍ପୃକ୍ତ ମହିଳାଙ୍କୁ ପୋଲିସ ଉଦ୍ଧାର କରିଥିଲା। ବଳାତ୍କାର ଅଭିଯୋଗ ଆସିଥିବା ଯୁବକଙ୍କୁ ପୋଲିସ ଥାନାରେ ଅଟକ ରଖିଥିଲା। ରାତିସାରା ମହିଳାଙ୍କୁ ଥାନାରେ ଅଟକ ରଖାଯାଇଥିବାବେଳେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ପରୀକ୍ଷା କରିବା ପରିବର୍ତ୍ତେ ରବିବାର ମାନସିକ ବିକାର ଗ୍ରସ୍ତ ଦର୍ଶାଇ ଅପରାହ୍ନରେ ତାଙ୍କୁ ଛାଡ଼ିଦେଇଥିଲା। ଅନ୍ୟପରେ ଥାନାରେ କୌଣସି ଅଭିଯୋଗ ନ ଥିବା ଦର୍ଶାଇ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଛାଡ଼ିଦେଇଥିଲା। ଜଣେ ମହିଳାଙ୍କୁ ପୋଲିସ ସୁରକ୍ଷା ଦେବାରେ କେତେ ତତ୍ପର ତାହା ଜଣାପଡୁଛି। କେଉଁ ଉଦ୍ଦେଶ୍ୟରେ ଏବଂ କାହା ଚାପରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଛଡ଼ାଗଲା ଏବଂ ପିଡ଼ିତାଙ୍କର ଡାକ୍ତରୀମାଇନା କରାଗଲା ନାହିଁ ସେ ନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି। ଘଟଣାର ତଦନ୍ତ ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

■ ନିୟମ ଉଲ୍ଲଂଘନ, ନୀତିରେ ବିଳମ୍ବ

# ମଧ୍ୟାହ୍ନ ଧୂପରେ ତୋଳା ହେଲା ବରାଦି ଭୋଗ

**ପୁରୀ ଅଫିସ, ୧୭।୩**

ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନୀତିକାନ୍ତି ଶୃଙ୍ଖଳିତ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ବିଳମ୍ବ ପାଇଁ ଶ୍ରୀମନ୍ଦିର ପ୍ରଶାସନ ଜରିମାନା ଏପରି କି ସେବାରୁ ବିଦା ହେବା ଭଳି କଟକଣା ଲଗାଇଛି। ହେଲେ ବେଳେ ବେଳେ କାହାର ଖାମଖିଆଲି ତ ଆଉ କାହାର ଜିଦ୍ ପାଇଁ ନିୟମ ଉଲ୍ଲଂଘନ ହେଉଛି। ଏହାଦ୍ୱାରା ଠାକୁରଙ୍କ ନୀତିକାନ୍ତିରେ ମଧ୍ୟ ବିଳମ୍ବ ହେଉଛି । ରବିବାର ଶ୍ରୀମନ୍ଦିରରେ ଏହିପରି ଘଟଣା ଘଟିଛି । ମଧ୍ୟାହ୍ନ ଧୂପରେ ତୋଳା ଯାଇଛି ବରାଦି ଭୋଗ। ଫଳରେ ନୀତି ପ୍ରାୟ ଦେଢ଼ରୁ ୨ଘଣ୍ଟା ବିଳମ୍ବ ହୋଇଛି । ତେବେ ଏଥିପାଇଁ କିଏ ଦାୟୀ ତାହାକୁ ନେଇ ଏବେ ଉଠିଛି ପ୍ରଶ୍ନ।

ବର୍ତ୍ତମାନ ଶ୍ରୀମନ୍ଦିରରେ ଦୋଳ ଉତ୍ସବ ଚାଲିଛି। ତେଣୁ ନୀତିକୁ ଧାର୍ଯ୍ୟ ସମୟରେ ଶେଷ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ଭୋର ୪ଟା ୩୫ରେ ଦ୍ୱାର ଫିଟାଯାଇ ଅନ୍ୟାନ୍ୟ ନୀତିକୁ ତ୍ୱରାନ୍ୱିତ କରାଯାଇଥିଲା। ଅପରାହ୍ନ ସାଢେ ଗୋଟାଏରେ ମଧ୍ୟାହ୍ନ ଧୂପ ସରିଥିଲା। ମଧ୍ୟାହ୍ନ ଧୂପରେ ବରାଦି ଭୋଗ ତୋଳିବାର ନିୟମ ନ ଥିବା ବେଳେ ଏହା ଉଲ୍ଲଂଘନ ହୋଇଥିଲା। କେତେଜଣ ସେବକ ମଧ୍ୟାହ୍ନ ଧୂପରେ ଭୋଗ ତୋଳିବାରୁ ନୀତି ବିଳମ୍ବ ହୋଇଥିଲା। ସାଧାରଣତଃ ସାଢେ ୨ଟାରୁ ୩ଟା ମଧ୍ୟରେ ଦ୍ୱିତୀୟ ଭୋଗ ମଣ୍ଡପ ସରୁଥିବା ବେଳେ ରବିବାର ଅପରାହ୍ନ ୪ଟା ୨୦ରେ ଏହା ସରିଥିଲା। ତେବେ ମଧ୍ୟାହ୍ନ ଧୂପରେ ବରାଦି ଭୋଗ ତୋଳା ଯିବାରୁ ଏପରି ହେଲେ। ବୋଲି ଅନ୍ୟ କେତେଜଣ ସେବାୟତ ଅଭିଯୋଗ କରିଥିଲେ। ସକାଳ ଧୂପ, ମଧ୍ୟାହ୍ନ ଧୂପ ଏବଂ ସନ୍ଧ୍ୟା ଧୂପରେ କେବଳ କୋଠ ଭୋଗ ଲାଗି ହେବାର ପ୍ରଶାସନିକ ନିୟମ ରହିଛି। ବରାଦି ଭୋଗ ଲାଗି ପ୍ରଥମ ଭୋଗ ମଣ୍ଡପ ଏବଂ ଦ୍ୱିତୀୟ ଭୋଗ ମଣ୍ଡପର ବ୍ୟବସ୍ଥା ରହିଛି। ହେଲେ ରବିବାର ମଧ୍ୟାହ୍ନ ଧୂପରେ କିଏ ବରାଦି ଭୋଗ ତୋଳିବା ପାଇଁ ଅନୁମତି ଦେଇଛନ୍ତି ନା ସମ୍ପୃକ୍ତ ସେବକ ଜବରଦସ୍ତି ଏହା କରିଛନ୍ତି ତାହାର ବିଧିବଦ୍ଧ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି କେତେକ ସେବାୟତ କହିଛନ୍ତି। ଅନ୍ୟପକ୍ଷରେ ଦ୍ୱିତୀୟ ଭୋଗ ମଣ୍ଡପ ପରେ ନୀତି ପୁଣି ସ୍ୱାଭାବିକ ଭାବେ ଚାଲିଥିଲା। ପୂର୍ବାହ୍ନ ୫ଟାରେ ସନ୍ଧ୍ୟା ଆଳତି ଶେଷ ହୋଇ ସନ୍ଧ୍ୟା ୬ଟା ୪୫ରେ ମହାପ୍ରଭୁଙ୍କ ଚାଚେରୀ ବେଶ ସରିଥିଲା।

ସୂଚନାଥାଉ କି, ଶ୍ରୀମନ୍ଦିର ପ୍ରଶାସନ ନୀତିରେ ବିଳମ୍ବ ପାଇଁ କଡା ଆଭିମୁଖ୍ୟ ଗ୍ରହଣ କରିଛି। ୧୫ ମିନିଟ୍ ବିଳମ୍ବ ପାଇଁ ଏକ ଚତୁର୍ଥାଂଶ ପାଳିଆ ପୁରସ୍କାର ଓ ଅନ୍ୟାନ୍ୟ ପ୍ରାପ୍ୟ ପାଉଣା ସ୍ଥଗିତ ରଖାଯିବ। ଅଧଘଣ୍ଟାଏ ବିଳମ୍ବ ହେଲେ ସେହିଦିନର ଅଧା ପାଳିଆ ପୁରସ୍କାର ଏବଂ ଅନ୍ୟ ପ୍ରାପ୍ୟ ପାଉଣା ଏବଂ ଘଣ୍ଟାଏ ବିଳମ୍ବ ହେଲେ ସେ ଦିନର ସମସ୍ତ ପାଳିଆ ପୁରସ୍କାର ଏବଂ ପ୍ରାପ୍ୟ ପାଉଣା ସ୍ଥଗିତ ରଖାଯିବ। ଏହାବ୍ୟତୀତ କୌଣସି ସେବକ ଯଦି ତିନିଥର ନୀତି ବିଳମ୍ବ କରନ୍ତି ତେବେ ଆଇନ ଅନୁସାରେ ତାଙ୍କୁ ସେବା କାର୍ଯ୍ୟାରୁ ବହିଷ୍କାର କରାଯିବ। ଇଚ୍ଛାକୃତ ଭାବେ ଯଦି କେହି ଥରେ ବିଳମ୍ବ କରନ୍ତି ବୋଲି ଜଣାପଡିବ ତାଙ୍କୁ ସେବାରୁ ବାଦ୍ ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି। ତେବେ ରବିବାର ଘଟଣା ପାଇଁ କିଏ ଦାୟୀ ଏବଂ ତାଙ୍କ ବିରୋଧରେ କଣ କାର୍ଯ୍ୟାନୁଷ୍ଠାନ ହେଉଛି ତାହା ଏବେ ସେବାୟତଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଅଚିନ୍ତ୍ୟ ଭେଦାଭେଦ ଦର୍ଶନର ଅନ୍ତୁଡ଼ିଶାଳ ଗଙ୍ଗାମାତା ମଠ



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

**ପୁରୀ ଅଫିସ, ୧୭।୩**

ଶ୍ରୀଚୈତନ୍ୟ ଶ୍ରୀକ୍ଷେତ୍ରକୁ ଆଗମନ କରି ସାର୍ବଭୌମ ଭଟ୍ଟାଚାର୍ଯ୍ୟଙ୍କ ଘରେ ରହିଥିଲେ। ସେହି ଘର ବର୍ତ୍ତମାନ ଗଙ୍ଗାମାତା ମଠ ନାମରେ ପରିଚିତ। ପ୍ରତିବର୍ଷ ଫଗୁ ଦଶମୀ ତିଥିରେ ଆଗମନୀ ସ୍ମୃତି ପାଳନ କରାଯାଏ। ଶନିବାର ଗଙ୍ଗାମାତା ମଠରେ ଆଗମନୀ ସ୍ମୃତି ପାଳନ କରାଯାଇଥିଲା। ଝାଞ୍ଜପିଟା ମଠ ମହନ୍ତ ବାବା ସଚ୍ଚିଦାନନ୍ଦ ଦାସ ମହାରାଜ ସଂକୀର୍ତ୍ତନ ଶୋଭାଯାତ୍ରାରେ ମଠରେ ପହଞ୍ଚିଥିଲେ। ଏହାପରେ ଆୟୋଜିତ ସଭାରେ ସେ ୫୦୦ ବର୍ଷର ସ୍ମୃତିଚାରଣ କରିଥିଲେ। ଏଥିରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର ଯୋଗଦେଇ କହିଥିଲେ, ଆଜି ବିଶ୍ୱରେ ବହୁଳ ପ୍ରଚାରିତ ଅଚିନ୍ତ୍ୟ ଭେଦାଭେଦ ଦର୍ଶନର ଅନ୍ତୁଡ଼ିଶାଳ ହେଉଛି ଏହି ମଠ। ପୁରୀର ମାତା ଶବ୍ଦକୁ ନେଇ ଗଢିଉଠିଥିବା ୫ଟି ମଠ ମଧ୍ୟରୁ ଗଙ୍ଗାମାତା ମଠ ପ୍ରାଚୀନ। ଅନ୍ୟ ମଠ ମଧ୍ୟରେ ନନ୍ଦିନୀ ମାତା ମଠ, କରମାବାଇ ମାତାମଠ, ଖୁଦପିତା ମାତାମଠ ଓ ମାତାମଠ ମଧ୍ୟରୁ ୨ଟି ଆଜି ଧ୍ୱଂସମୁଖରେ। ୫ଟି ଯାକ ମଠ ମହାପ୍ରଭୁଙ୍କ ଉପାସନା ସହିତ ଜଡ଼ିତ ଥିଲେ। ଶ୍ରୀଜଗନ୍ନାଥଙ୍କ ଉପାସନାରେ ୫ ନାରୀଙ୍କୁ ଯେପରି ସେବା ସହିତ ସମ୍ପୃକ୍ତ କରାଯାଇଥିଲା ଠିକ୍ ସେହିପରି ୫ ମାତାମଠ ମଧ୍ୟ ସମ୍ପୃକ୍ତ ଥିଲେ। ଏହିଭଳି ଏକ ଐତିହ୍ୟପୂର୍ଣ୍ଣ ମଠରେ ଐତିହ୍ୟଭରା ସ୍ମୃତି ପାଳନ କରାଯିବା ଗୌରବର କଥା ବୋଲି ଡ. ମିଶ୍ର କହିଥିଲେ। ରବିନାରାୟଣ ସାମନ୍ତରା ଓ ସନ୍ତୋଷ କୁମାର ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଓଡ଼ିଶା ନିର୍ମାଣ ମଜଦୁର ସଭାର ରାଜ୍ୟ କାର୍ଯ୍ୟକାରିଣୀ

**ପୁରୀ ଅଫିସ, ୧୭।୩**

ସ୍ଥାନୀୟ ମଙ୍ଗଳା ମଣ୍ଡପରେ ରବିବାର ଓଡ଼ିଶା ନିର୍ମାଣ ମଜଦୁର ସଭା।(ଓଏନ୍ଏମଏସ୍)ର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଏନ୍ଏମଏସ୍ର ରାଜ୍ୟ ସଭାପତି ଉତ୍କଳମଣି ଶତପଥୀ, ସାଧାରଣ ସମ୍ପାଦକ ରାଜେନ୍ଦ୍ର କୁମାର ଦାଶ, ଉପସଭାପତି ଲକ୍ଷ୍ମୀଧର ସାହୁ, ଗୋକୁଳ ମେହେର, କୋଷାଧ୍ୟକ୍ଷ ଗୁରୁଚରଣ ମହାପାତ୍ରଙ୍କ ସମେତ ହିନ୍ଦ୍ ମଜଦୁର ସଭାର ସଭାପତି କୃଷ୍ଣଚନ୍ଦ୍ର ପାତ୍ର, ସାଧାରଣ ସମ୍ପାଦକ ଯୋଗେନ୍ଦ୍ର ନାଥ ତ୍ରିପାଠୀ, ଉପସଭାପତି ଲକ୍ଷ୍ମୀ ମହାନ୍ତି ପ୍ରମୁଖ ଯୋଗଦେଇ ଶ୍ରମିକମାନଙ୍କ ନ୍ୟାଯ୍ୟ ଦାବି, ସ୍ୱାର୍ଥ ଏବଂ କାର୍ଯ୍ୟପନ୍ଥା ସ୍ଥିର କରିଥିଲେ। ଆଗାମୀ ଦିନରେ ଶ୍ରମିକମାନଙ୍କ ସ୍ୱାର୍ଥ ସାଧନ ପାଇଁ ସଙ୍ଗଠନ ରାଜନୈତିକ ଦଳର ହାତବାରିସି ନ ହୋଇ କାର୍ଯ୍ୟ କରିବ ବୋଲି ଉପସ୍ଥିତ ଶ୍ରମିକନେତାମାନେ କହିଥିଲେ। ଶ୍ରମିକମାନଙ୍କ ପ୍ରାପ୍ୟ ଓ ଅଧିକାର ହାସଲ ନିମନ୍ତେ ସଙ୍ଗଠନ ତା'ର କାର୍ଯ୍ୟ ଜାରି ରଖିବ ବୋଲି ସଙ୍ଗଠନର ମୁଖ୍ୟମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟର ପ୍ରତ୍ୟେକ ଜିଲାର ସମ୍ପାଦକଙ୍କ ସମେତ ଜୋନାଲ ସମ୍ପାଦକ ପ୍ରଦୀପ ମିଶ୍ର, ତ୍ରିଲୋଚନ ପ୍ରଧାନ, ଅମୃତ ଦାସ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ପୁରୀ ଜିଲା ସମ୍ପାଦକ ପ୍ରଦୀପ୍ତ କୁମାର ବିଶ୍ୱାଳ, ଜଟାଧାରୀ ନାୟକ, ରମେଶ ଚନ୍ଦ୍ର ଦାସ, ବିଚିତ୍ର କୁମାର ଓଝା, ଶଙ୍କର ମହାରଣା, କାଳନ୍ଦୀ ସାହୁ ପ୍ରମୁଖ ପରିଚାଳନା କରିଥିଲେ।




ବୈଠକରେ ମଞ୍ଚାସୀନ ଅତିଥି।

### ୨୩ରେ ଶୁଦ୍ଧସୁଆର ନିଯୋଗ ନିର୍ବାଚନ
## ଆଜି ପ୍ରାର୍ଥିପତ୍ର ଦାଖଲ

**ପୁରୀ ଅଫିସ, ୧୭।୩**

ଆସନ୍ତା ୨୩ ତାରିଖରେ ଶୁଦ୍ଧସୁଆର ନିଯୋଗ ନିର୍ବାଚନ ଅନୁଷ୍ଠିତ ହେବ। ଏଥିଲାଗି ସୋମବାର ପ୍ରାର୍ଥିପତ୍ର ଦାଖଲ କରାଯିବ। ଏହି ନିର୍ବାଚନରେ ଭାଗନେବା ଲାଗି ଇଚ୍ଛୁକ ନିଯୋଗ ସଦସ୍ୟ ସମ୍ପାଦକଙ୍କ ସହ ପରାମର୍ଶ କରି ନିର୍ବାଚନ ପ୍ରକ୍ରିୟା ସମ୍ବନ୍ଧରେ ଅବଗତ ହୋଇପାରିବେ ବୋଲି ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଯାଇଛି। ପ୍ରାର୍ଥିପତ୍ର ଦାଖଲ କରିଥିବା କୌଣସି ସଦସ୍ୟ ଯଦି ନିର୍ବାଚନରୁ ଓହରିଯିବା ଲାଗି ଚାହାନ୍ତି ତେବେ ୨୦ ତାରିଖ ଅପରାହ୍ନ ୫ଟା ସୁଦ୍ଧା ସେମାନେ ତାଙ୍କ ନାମାଙ୍କନପତ୍ର ପ୍ରତ୍ୟାହାର କରିବା ନିମନ୍ତେ ସମ୍ପାଦକଙ୍କ ନିକଟରେ ଲିଖିତ ଭାବେ ଜଣାଇବେ। ତେବେ ଗତ ୧୫ ତାରିଖରେ ନିଯୋଗ ପକ୍ଷରୁ ନିର୍ବାଚନ କରାଇବା ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଦୃଷ୍ଟିଆକର୍ଷଣ କରାଯାଇଥିଲା। ନିଯୋଗ କର୍ମକର୍ତ୍ତା ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ରଙ୍କୁ ସାକ୍ଷାତ୍ କରି ଜଣାଇଥିଲେ ଯେ, ଗତ ୧୧ ତାରିଖରେ ନିଯୋଗ ସାଧାରଣ ସଭା ବସିଥିଲା। ଏଥିରେ ନିଆଯାଇଥିବା ନିଷ୍ପତ୍ତି ମୁତାବକ ୨୩ ତାରିଖରେ ନିଯୋଗ ନିର୍ବାଚନ ହେବ ବୋଲି ସେମାନେ ଜଣାଇଥିଲେ।

## ଆଧ୍ୟାତ୍ମିକ ଶିକ୍ଷାକୁ ପାଠ୍ୟକ୍ରମରେ ସାମିଲ କରାଯାଉ

**ପୁରୀ ଅଫିସ, ୧୭।୩**

ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ଆନୁକୂଲ୍ୟରେ ସ୍ଥାନୀୟ ଶ୍ରୀଜଗନ୍ନାଥ ଆଶ୍ରମ ପରିସରରେ ରବିବାର ବସନ୍ତ ରାସ ଓ ଶ୍ରୀଜଗନ୍ନାଥ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ଉପଦେଷ୍ଟା ଡ.ରମାକାନ୍ତ କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଆଲୋଚନା ଚକ୍ରରେ ସଂସ୍କୃତି ଗବେଷକ ନାରାୟଣ ସାହୁ କହିଲେ ଯେ, ରାଧା ଓ କୃଷ୍ଣଙ୍କ ମିଳନରେ ରାସ ଲୀଳାକୁ ବସନ୍ତ କାଳରେ ବସନ୍ତ ରାସ କୁହାଯାଏ। ମହାପ୍ରଭୁ ଶ୍ରୀକୃଷ୍ଣଙ୍କ ରୂପରେ ଗୋପୀମାନଙ୍କ ସହ ରାସ ଦିବ୍ୟଲୀଳା କରୁଛନ୍ତି। ଭକ୍ତି ପ୍ରେମର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ବସନ୍ତ ରାସ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ପ୍ରମୋଦ କୁମାର ଦଳାଇ କହିଲେ ଆଧ୍ୟତ୍ମିକ ମାନବବାଦ ହିଁ ରାସ ବୈଶିଷ୍ଟ୍ୟ। ଭଗବାନ ଶ୍ରୀକୃଷ୍ଣ ହେଉଛନ୍ତି ପରମାତ୍ମାଙ୍କ ସ୍ୱରୂପ। ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ହୋଲିକାଙ୍କୁ ଦହନ କରିଥିବାରୁ ଗୋପୀମାନେ ଆନନ୍ଦ ଉଲ୍ଲାସରେ ଶ୍ରୀକୃଷ୍ଣଙ୍କୁ ହୋଲି ଦିନର ଶୁଭେଚ୍ଛା ଜଣାଇ ହୋଲି ଉତ୍ସବ ପାଳନ କରିଥିଲେ। ସାହିତ୍ୟିକ ବଦ୍ରି ମିଶ୍ର ସମ୍ମାନିତ ବକ୍ତା ଭାବେ ଯୋଗଦେଇ କହିଲେ ଯେ, ଆଧ୍ୟତ୍ମିକ ମାର୍ଗ ହିଁ ଶ୍ରେଷ୍ଠ ମାର୍ଗ। ସଂସ୍କାର ଯୁକ୍ତ ଶିକ୍ଷା ଏବଂ ଆଧ୍ୟାତ୍ମିକ ଜ୍ଞାନାଭାବରୁ ଆଜିର ଯୁବପିଢ଼ି ବିପଥଗାମୀ ହେଉଛନ୍ତି। ପାଠ୍ୟପୁସ୍ତକରେ ଭାରତୀୟ ସଂସ୍କୃତି ଆଧାରିତ ଆଧ୍ୟାତ୍ମିକ ବିଷୟକୁ ସାମିଲ କରିବା ଲାଗି ସେ କହିଥିଲେ। ଲେଖିକା ବିଜୟଲକ୍ଷ୍ମୀ ସାହୁ, ସେବାୟତ ହରେକୃଷ୍ଣ ପ୍ରଧାନୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଡ.ଲକ୍ଷ୍ମୀଧର ଦାଶ, ଶ୍ରୀମତୀ ସାହୁ, ଗବେଷକ ନାରାୟଣ ସାହୁଙ୍କୁ ଗୁଣ୍ଡିଚା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଆଲୋଚନା ଚକ୍ରରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ପ୍ରଭାକର ମିଶ୍ର, ଭବାନୀପ୍ରସାଦ ବଳିଆରସିଂ, ହେମାଙ୍ଗିନୀ ମହାନ୍ତି, ଟ୍ରଷ୍ଟ ସମ୍ପାଦକ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ମଦନମୋହନ ମହାପାତ୍ର, ଅଶୋକ ଆଢ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ଜଟଣୀ,୧୭।୩(ଡି.ଏନ.ଏ.)**

ଜଟଣୀ ମୁଖ୍ୟ ରାସ୍ତାର ବ୍ଲକ ଅଫିସ ନିକଟରେ ଦୁର୍ଘଟଣା ଘଟି ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାମ ଲଳିତ ମହାନ୍ତି(୩୦)। ପୁରୀ ଜିଲା ନିମାପଡ଼ା ନିଜ ଘର ହୋଇଥିବାବେଳେ ଦୀର୍ଘଦିନ ହେବ ସେ ଜଟଣୀ ଟ୍ରାଫିକ୍ କଲୋନୀ ଅଞ୍ଚଳରେ ରହୁଥିଲେ। ଶନିବାର ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ଘଟିଥିଲା। ବାଇକ୍ ନେଇ ଆସୁଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା ମଝିରେ ଥିବା ଡିଭାଇଡରରେ ଧକ୍କା ହୋଇ ଏପରି ଘଟିଥିବା ପୋଲିସ ଅନୁମାନ କରୁଛି। ଗୁରୁତର ଅବସ୍ଥାରେ ପୋଲିସ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଜଟଣୀ ଥାନାରେ ଏକ ଦୁର୍ଘଟଣା ମାମଲା ରୁଜୁ ହୋଇଛି।

■ ଦେଢ଼ମାସ ବିତିଲାଣି

## ଚାଷୀଙ୍କୁ ମିଳିନି ଧାନ ବିକ୍ରି ଟଙ୍କା

**ପୁରୀ ଅଫିସ, ୧୭।୩**

ସାଧାରଣ ନିର୍ବାଚନ ପାଇଁ ଏବେ ସମସ୍ତଙ୍କ ମୁହଁରେ ଚାଷ ଓ ଚାଷୀଙ୍କ କଥା। ଚାଷୀଙ୍କୁ ଆପଣାଇବା ଲାଗି ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ମଧ୍ୟରେ ଏକପ୍ରକାର ପ୍ରତିଯୋଗିତା ଚାଲିଛି। ଏଥିପାଇଁ ବିଭିନ୍ନ ସଭା, ସମିତିରେ ଚାଷୀଙ୍କୁ ପ୍ରଲୋଭିତ କରିବା ପରି ଘୋଷଣା ହେଉଛି। ଏକାଧିକ ଯୋଜନା ବି କାର୍ଯ୍ୟକାରୀ କରାଯାଉଛି। ହେଲେ ବାସ୍ତବରେ ଚାଷୀର ସ୍ଥିତିରେ କୌଣସି ସୁଧାର ଆସିପାରୁ ନାହିଁ। ଦୀର୍ଘ ଦେଢମାସରୁ ଊର୍ଦ୍ଧ୍ୱ ହେଲାଣି ଜଣେ ଚାଷୀ ସମବାୟ ସମିତିରେ ଧାନ ଦେଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ତାଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ଆସିନାହିଁ। ଫଳରେ ସମ୍ପୃକ୍ତ ଚାଷୀ ମୁଖ୍ୟ ଶାସନ ସଚିବଙ୍କ ନିକଟକୁ ରେଜେଷ୍ଟ୍ରି ଡାକ ଯୋଗେ ଅଭିଯୋଗପତ୍ର ପଠାଇଛନ୍ତି । ଏହି ଚାଷୀ ଜଣଙ୍କ ହେଉଛନ୍ତି ପିପିଲି ବ୍ଲକ କମାକନ୍ତିଆ ଗ୍ରାମର ଧୁମସେନ ବରାଳ।

ଗତ ୧୫ ତାରିଖରେ ଧୁମସେନ ପଠାଇଥିବା ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ଗତ ଫେବୃୟାରୀ ୧ ତାରିଖରେ ସେ ରୂପଦେଇପୁର ସେବା ସମବାୟ ସମିତି ମଣ୍ଡିରେ ୫୩ ବସ୍ତା ଧାନ ବିକ୍ରି କରିଥିଲେ। ତାଙ୍କ ଧାନ ପରିମାଣ ୪୬ କୁଇଣ୍ଟାଲ ୧୯ କେଜି ହୋଇଥିଲା। ମିଲର ତାଙ୍କର ସବୁ ପୁରୁଣା ବସ୍ତା ନେଇଥିଲେ। କିନ୍ତୁ ପ୍ରତି ବଦଳରେ ନୂଆ ବସ୍ତା ଦେଇ ନ ଥିଲେ କିମ୍ବା ତାହାର ମୂଲ୍ୟ ମଧ୍ୟ ଦେଇ ନ ଥିଲେ। ଏଥିସହ ଧାନର ରସିଦ୍ ମଧ୍ୟ ତାଙ୍କୁ ପ୍ରଦାନ କରାଯାଇ ନାହିଁ। ରସିଦ୍ ମାଗିବାରୁ କୁଇଣ୍ଟାଲ ପିଛା ୩ କିଲୋଗ୍ରାମ୍ ଧାନ କାଟ ଦେବାକୁ ତାଙ୍କୁ କୁହାଯାଇଥିଲା। କିନ୍ତୁ ଏଥିରେ ସେ ରାଜି ନ ହେବାରୁ ଆଜି ପର୍ଯ୍ୟନ୍ତ ତାଙ୍କୁ ଧାନ ବିକ୍ରିର ରସିଦ୍ ମିଳିନାହିଁ କିମ୍ବା ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ଆସିନାହିଁ। ତେଣୁ ସେ ମୁଖ୍ୟ ଶାସନ ସଚିବଙ୍କୁ ଅଭିଯୋଗପତ୍ର ମାଧ୍ୟମରେ ତାଙ୍କର ଗୁହାରି ଜଣାଇଛନ୍ତି। ତାଙ୍କ ଧାନ ବିକ୍ରି ଟଙ୍କା ମିଳିବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ଧୁମସେନ ନିବେଦନ କରିଛନ୍ତି।

## ରେଳଧାରଣା ଉପରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ନିରାକାରପୁର,୧୭।୩(ଡି.ଏନ.ଏ.)**

ଖୋର୍ଦ୍ଧା ରେଳ ଡିଭିଜନ ଅଧୀନ ସରଳ ସିଂହ ଏଲ୍ସି ଗେଟ୍ ନିକଟସ୍ଥ କିଲୋମିଟର ନମ୍ବର-୫୧୬/୨୧-୨୩ ପାଖ ରେଳଧାରଣା ଉପରୁ ଜଣେ ଯୁବକଙ୍କ ମୃତଦେହ ରବିବାର ନିରାକାରପୁର ରେଳବାଇ ଫାଣ୍ଡି ପୋଲିସ ଉଦ୍ଧାର କରିଛି । ତେବେ ମୃତକଙ୍କ ପରିଚୟ ଏ ପର୍ଯ୍ୟନ୍ତ ମିଳିପାରି ନ ଥିବା ଜଣାପଡ଼ିଛି। ତାଙ୍କର ବୟସ ପ୍ରାୟ ୩୫ ବର୍ଷ ହେବ ବୋଲି ଅନୁମାନ କରାଯାଉଥିବାବେଳେ ଟ୍ରେନ୍ରୁ ଖସିପଡ଼ି ତାଙ୍କର ମୃତ୍ୟୁ ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି। ରେଲୱେ ପୋଲିସ ଏ ନେଇ ୨୫/୧୯ରେ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ମେଡିକାଲକୁ ପଠେଇଦେଇଛି ।

## ଭାରତ ବିକାଶ ପରିଷଦର ନୂତନ କର୍ମକର୍ତ୍ତା

**ପୁରୀ ଅଫିସ, ୧୭।୩**

ଭାରତ ବିକାଶ ପରିଷଦ ଶ୍ରୀଜଗନ୍ନାଥ ଧାମ, ପୁରୀ ଦ୍ୱିବାର୍ଷିକ ନୂତନ କର୍ମକର୍ତ୍ତା ଚୟନ ରବିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପ୍ରଶାସନିକ ଅଧିକାରୀ ପଦ୍ମନାଭ ପଣ୍ଡା ସଭାପତି, ସୁପ୍ରୀତି ରଥ ସଚିବ ଏବଂ ଗୌରାଙ୍ଗ ଚନ୍ଦ୍ର ମିଶ୍ର ଅର୍ଥ ସଚିବ ଭାବେ ମନୋନୀତ ହୋଇଛନ୍ତି। ପରିଷଦର ଆଞ୍ଚଳିକ ସଚିବ ବିଜୟ ନନ୍ଦିନୀ ଦ୍ୱୁବେ ପର୍ଯ୍ୟବେକ୍ଷକ ଭାବେ ଚୟନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାନ୍ତୀୟ ସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ବୁଦ୍ଧଦେବ ମହାପାତ୍ର, ସୁରେଶ ଚନ୍ଦ୍ର ପତି, ଜୟନ୍ତୀ ମହାପାତ୍ର, ଲାଲାଅନନ୍ତ ସିଂ, ଦାମୋଦର ମହାନ୍ତି, କୃଷ୍ଣ ମହାପାତ୍ର, ରାମଚନ୍ଦ୍ର ଦଳାଇ, ଡ.ସୁରେନ୍ଦ୍ର ପତି, ପତିତପାବନ ସାମନ୍ତରାୟ, ଜଗନ୍ନାଥ ଆଚାର୍ଯ୍ୟ ପ୍ରମୁଖ ଯୋଗଦାନ କରିଥିଲେ।

■ ସେବାୟତ ନିଯୋଗ ନିର୍ବାଚନ ପ୍ରସଙ୍ଗ

# ଦଇତାପତିଙ୍କ ପରେ ଏବେ ଶୁଦ୍ଧସୁଆର

**ପୁରୀ ଅଫିସ, ୧୭।୩**

ସୁପ୍ରିମ୍କୋର୍ଟରେ ଶ୍ରୀମନ୍ଦିର ସଂସ୍କାର ମାମଲା ରୁଜୁ ହେବା ପରଠାରୁ ଶ୍ରୀମନ୍ଦିର ଏବଂ ସେବାୟତଙ୍କୁ ନେଇ ଚର୍ଚ୍ଚା ଲାଗି ରହିଛି। ଏହି ମାମଲାରେ ସୁପ୍ରିମ୍କୋର୍ଟଙ୍କ ଦ୍ୱାରା ନିଯୁକ୍ତ ପୂର୍ବତନ ଆମିକସ୍ କ୍ୟୁରି ଗୋପାଳ ସୁବ୍ରମଣ୍ୟମ୍ ଗତ ଅକ୍ଟୋବରରେ ପୁରୀ ଆସି ଶଙ୍କରାଚାର୍ଯ୍ୟ, ଗଜପତି ମହାରାଜା, ଶ୍ରୀମନ୍ଦିର ମୁଖ୍ୟପ୍ରଶାସକ, ଜିଲାଜଜ୍, ସେବାୟତଙ୍କ ସମେତ ବିଭିନ୍ନ ପକ୍ଷଙ୍କ ସହ ଆଲୋଚନା କରିଥିଲେ। ନିଜେ ଶ୍ରୀମନ୍ଦିର ପରିଦର୍ଶନ କରି ବାସ୍ତବ ସ୍ଥିତି ପରଖିଥିଲେ। ଦିଲ୍ଲୀ ଫେରିଯିବା ପରେ ସଂଗୃହୀତ ତଥ୍ୟକୁ ତର୍ଜମା କରି ମୁଖ୍ୟ ପ୍ରଶାସକଙ୍କ ନିକଟକୁ ଚିଠି ଲେଖିଥିଲେ। ଏହି ଚିଠିରେ ୧୦ଟି ସର୍ତ୍ତ ଉପରେ ସବୁ ନିଯୋଗ ଅଣ୍ଡରଟେକିଂ ଲେଖି ଦେବାକୁ ପୂର୍ବତନ ଆମିକସ୍କ୍ୟୁରି ଦର୍ଶାଇଥିଲେ। ଏହି ଚିଠି ପାଇବା ପରେ ଶ୍ରୀମନ୍ଦିର ପ୍ରଶାସନ ସବୁ ନିଯୋଗଙ୍କୁ ଚିଠି କରିଥିଲା। ଏହି ୧୦ଟି ସର୍ତ୍ତ ମଧ୍ୟରୁ ଗୋଟିଏ ସର୍ତ୍ତ ସେବାୟତ ନିଯୋଗଙ୍କ ନିର୍ବାଚନ ସମ୍ବନ୍ଧୀୟ ଥିଲା। ଆସନ୍ତା ୩ ମାସ ମଧ୍ୟରେ ଗୁପ୍ତ ଭୋଟ ଜରିଆରେ ଉତ୍ତମ ସଦସ୍ୟମାନଙ୍କୁ ନିଯୋଗର କର୍ମକର୍ତ୍ତା ନିର୍ବାଚନ କରି ଶ୍ରୀମନ୍ଦିର ପ୍ରଶାସନକୁ ଜଣାଇବା ଲାଗି ଚିଠିରେ ଦର୍ଶାଯାଇଥିଲା। ହେଲେ ଇତିମଧ୍ୟରେ ସାଢେ ୫ ମାସରୁ ଊର୍ଦ୍ଧ୍ୱ ହେଲାଣି। କେବଳ ଦଇତାପତି ନିଯୋଗ ନିର୍ବାଚନ ହୋଇଥିବା ବେଳେ ଅନ୍ୟ କୌଣସି ନିଯୋଗ ନିର୍ବାଚନ କରିନାହାନ୍ତି। କିନ୍ତୁ ଦଇତାପତିଙ୍କ ପରେ ଏବେ ଶୁଦ୍ଧସୁଆର ନିଯୋଗ ନିର୍ବାଚନର ବିଗୁଲ ବାଜିଛି। ଆସନ୍ତା ୨୩ ତାରିଖରେ ଶୁଦ୍ଧସୁଆର ନିଯୋଗର ନିର୍ବାଚନ ହେବ ବୋଲି ସ୍ଥିର ହୋଇଛି। ତେବେ ଦଇତାପତିଙ୍କ ପରେ ଏବେ ଶୁଦ୍ଧସୁଆର ନିଯୋଗ ପାଳି ଆସିଯାଇଥିବା ଚର୍ଚ୍ଚା ହେଉଛି। ସେହିପରି ଆଗକୁ ସୁଆର ମହାସୁଆର ନିଯୋଗ ନିର୍ବାଚନ ମଧ୍ୟ ହୋଇପାରେ।

ଗତ ୧୩ ତାରିଖରେ ସୁଆର ମହାସୁଆର ନିଯୋଗ ସାଧାରଣ ପରିଷଦ ବୈଠକ ବସିଥିଲା। ଏଥିରେ ନିଯୋଗର ବର୍ତ୍ତମାନ ବୋର୍ଡ ଭାଙ୍ଗି ସାନି ନିର୍ବାଚନ କରି ନୂଆ ବୋର୍ଡ ଗଠନ କରିବା ଉପରେ ଆଲୋଚନା ହୋଇଥିଲା। ଗୋଟିଏ ପକ୍ଷ ନିର୍ବାଚନ ସପକ୍ଷରେ ଦାବି କରି ତୁରନ୍ତ ବୋର୍ଡ ଭାଙ୍ଗି ନିର୍ବାଚନ କରିବାକୁ ପ୍ରସ୍ତାବ ଆଣିଥିଲେ। ହେଲେ ବୋର୍ଡ ଭାଙ୍ଗିବା ଲାଗି ସାଧାରଣ ପରିଷଦରେ ସହମତି ହୋଇପାରି ନ ଥିଲା। ତେଣୁ ନିର୍ବାଚନ ସଂକ୍ରାନ୍ତରେ ନିଯୋଗ ଓକିଲଙ୍କ ସହ ଆଲୋଚନା କରିବ। ଓକିଲ ଯାହା ମତ ଦେବେ ସେହି ଅନୁଯାୟୀ କାର୍ଯ୍ୟ ଆଗେଇବ ବୋଲି ନିଷ୍ପତ୍ତି ହୋଇଛି। ଯଦି ନିଯୋଗ ଓକିଲ ନିର୍ବାଚନ ସପକ୍ଷରେ ମତ ରଖନ୍ତି ତେବେ ଖୁବ୍ଶୀଘ୍ର ସୁଆର ମହାସୁଆର ନିଯୋଗ ନିର୍ବାଚନ ହୋଇପାରେ ବୋଲି କୁହାଯାଉଛି।

# ଶ୍ରୀରଘୁନାଥ ମନ୍ଦିର ପରିସରରେ ଦଳୀୟ ପୋଷ୍ଟର

**ଓଡ଼ଗାଁ, ୧୭।୩(ସ୍ୱ.ପ୍ର.)**

ସାଧାରଣ ନିର୍ବାଚନ ନିମନ୍ତେ ଇସ୍ତାହାର ପ୍ରକାଶ ପାଇବାର ଗୋଟିଏ ଦିନ ମଧ୍ୟରେ ଓଡଗାଁ ଏନ୍ଏସି ଓ ନିକଟ ଗାଁ ଗହଳିରେ ଲାଗିଥିବା ବିଭିନ୍ନ ରାଜନୈତିକ ଦଳର ନେତାଙ୍କ ପୋଷ୍ଟର, ବ୍ୟାନର, ହୋର୍ଡିଂକୁ ପ୍ରଶାସନ ତରଫରୁ ହଟାଇ ଦିଆଯାଇଥିଲା । ନିର୍ବଚାନ ବିଗୁଲ ବାଜିବା ଦିନରୁ ସ୍ଥାନୀୟ ଅଞ୍ଚଳରେ ନେତାଙ୍କ ଦର୍ଶନ ମିଳୁ ନ ଥିବାବେଳେ ରବିବାର ହଠାତ୍ ସ୍ଥାନୀୟ ରଘୁନାଥ ମନ୍ଦିର ପରିସରରେ ଥିବା ଦୁଇଟି କାନ୍ଥରେ ଦଳୀୟ ଫ୍ଲେକ୍ସ ହୋର୍ଡିଂ ଲାଗିଥିବା ଦେଖିବାକୁ ମିଳିଛି। ସେଥି ମଧ୍ୟରୁ ଗୋଟିଏ କାନ୍ଥ ମନ୍ଦିର ପାର୍କିଂ ଓ ଅନ୍ୟଟି ମନ୍ଦିର ବାଳକଟା ମଣ୍ଡପକୁ ଲାଗି ରାସ୍ତାପାର୍ଶ୍ୱ କାନ୍ଥରେ ଲାଗିଥିବା ଜଣାଯାଇଛି। ଏ ନେଇ ମନ୍ଦିର ସୁପରଭାଇଜର କିଛି ଜାଣି ନ ଥିବା କହୁଥିବା ବେଳେ ଉଭୟ କାନ୍ଥ ଘରୋଇ ଲୋକଙ୍କର ବୋଲି କେତେକ ଦାବି କରୁଛନ୍ତି। ଜିଲା କଂଗ୍ରେସ ସଭାପତି ରଞ୍ଜିତ କୁମାର ଦାଶ ଏହା ନିର୍ବାଚନ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରୁଥିବା ନେଇ ଜିଲା ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିବା ସୂଚନା ଦେଇଛନ୍ତି । ଏ ସମ୍ପର୍କରେ ତହସିଲଦାର ପ୍ରମୋଦ କୁମାର ନାୟକଙ୍କୁ ପଚାରିବାରୁ ସେ ଏନ୍ଏସି ନିର୍ବାହୀ ଅଧିକାରୀଙ୍କ ଦୃଷ୍ଟିକୁ ଆଣି ଏହାକୁ ହଟାଇବା ବ୍ୟବସ୍ଥା କରିବେ ବୋଲି କହିଥିଲେ।

### ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ କଲା କଂଗ୍ରେସ




ରଘୁନାଥ ମନ୍ଦିର ପରିସରରେ ଦଳୀୟ ପୋଷ୍ଟର।